# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୪/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, October 14/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୩୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 318 | ମୂଲ୍ୟ ₹୭/-




## ଓଡ଼ିଶାର ପ୍ରତୀକଙ୍କୁ ସ୍ୱର୍ଣ୍ଣ ପଦକ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଆଥ୍‌ଲେଟିକ୍ସର ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି ଓଡ଼ିଶାର ପ୍ରତୀକ ମହାରଣା।

୧୩ | ୦୨

## ଅନନ୍ୟାଙ୍କ ବିପକ୍ଷରେ ଲକ୍ଷ୍ୟ

ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେଉଥିବା 'ଚାନ୍ଦ ମେରା ଦିଲ୍' ଫିଲ୍ମରେ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ବିପକ୍ଷରେ ଅଭିନେତା ଲକ୍ଷ୍ୟ ଲାଲ୍‌ୱାନୀ ନଜରକୁ ଆସିବେ।





ହମାସ୍ ଦ୍ୱାରା ସୋମବାର ମୁକ୍ତ ହୋଇଥିବା ପଣବନ୍ଦୀମାନେ ଫେରିବା ପରେ ଇସ୍ରାଏଲର ପେତହ ଟିକ୍‌ଭା ସହରରେ ଉତ୍ସବର ପରିବେଶ ସୃଷ୍ଟି ହୋଇଥିବାବେଳେ ଜଣେ ଯୁବତୀ ଇସ୍ରାଏଲ ଜାତୀୟ ପତାକା ସହ ଖୁସି ମନାଉଛନ୍ତି। **(ଏପି ଫଟୋ)**

# ଭୁବନେଶ୍ୱରରେ ୪୭ ହଜାର ୧୨୬ ବୁଲାକୁକୁର

## ଜାତୀୟ ହାରଠାରୁ ୩ ଗୁଣ ଅଧିକ

**ଭୁବନେଶ୍ୱର, ୧୩।୧୦ (ବନ୍ଦନା ସେଠୀ)**

ରାଜଧାନୀ ଭୁବନେଶ୍ୱରରେ କୁକୁରଙ୍କ ପାଇଁ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଥିବାବେଳେ କୁକୁର କାମୁଡାରେ ସହରୀଜୀବନ ଗୁରୁତର ପ୍ରଭାବିତ ହେଉଛି। ଏପରି ସ୍ଥିତିରେ ବୁଲାକୁକୁର ଗଣନା ରିପୋର୍ଟକୁ ନେଇ ଚିନ୍ତା ବଢ଼ିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ପ୍ରକାଶିତ ରିପୋର୍ଟ ଅନୁସାରେ, ଭୁବନେଶ୍ୱରରେ ୪୭ ହଜାର ୧୨୬ଟି ବୁଲାକୁକୁର ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୩ ହଜାର ୪୭ଟି ଅଣ୍ଡିରା, ୧୫ ହଜାର ୫୫୨ଟି ମାଈ ଓ ୧ ହଜାର ୧୨୪ଟି ଛୁଆ କୁକୁର ରହିଛନ୍ତି। ଏଥିସହ ୪ ହଜାର ୬୮ଟି ଅଣ୍ଡିରା କୁକୁର ଓ ୩ ହଜାର ୩୩୫ଟି ମାଈ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଛି। ତେବେ ଭାରତ ସରକାରଙ୍କ ପ୍ରାଣୀ ସମ୍ପଦ ଓ ଡାଏରୀ ବିଭାଗର ୨୦ତମ ଜାତୀୟ ଓ ରାଜ୍ୟ ପ୍ରାଣୀ ଗଣନା ତଥ୍ୟ ଅନୁସାରେ ବିଏମ୍‌ସି ଅଞ୍ଚଳରେ ଜାତୀୟ ହାରଠାରୁ ବୁଲାକୁକୁର ସଂଖ୍ୟା ୩ ଗୁଣ ଅଧିକ ରହିଛି। ଜାତୀୟ ହାର ପ୍ରତି ୧ ହଜାରେ ଜନସଂଖ୍ୟାରେ ୧୧ଟି ବୁଲାକୁକୁର ଥିବାବେଳେ ଭୁବନେଶ୍ୱରରେ ପ୍ରତି ୧ ହଜାର ଜନସଂଖ୍ୟାରେ ହାରାହାରି ୩୬ଟି ବୁଲାକୁକୁର ରହିଛନ୍ତି। ସେହିପରି ରାଜ୍ୟରେ ପ୍ରତି ହଜାରେ ଜନସଂଖ୍ୟାରେ ବୁଲାକୁକୁରଙ୍କ ହାରାହାରି ସଂଖ୍ୟା ୩୯ ରହିଛି ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି।

ରାଜ୍ୟରେ ପ୍ରଥମଥର ପାଇଁ ଭୁବନେଶ୍ୱରରୁ ବୁଲାକୁକୁର ଗଣନା ଆରମ୍ଭ ହୋଇଥିଲା। ୨ଟି ପର୍ଯ୍ୟାୟରେ ଅର୍ଥାତ୍ ସେପ୍ଟେମ୍ବର ୧୮ରୁ ୨୧ ତାରିଖ ଏବଂ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ବିଏମ୍‌ସିର ମୋଟ ୬୭ ୱାର୍ଡରେ ବୁଲାକୁକୁର ଗଣନା କରାଯାଇଥିଲା। ତେବେ ଭୁବନେଶ୍ୱରର ସ୍ଥାୟୀ ଜନସଂଖ୍ୟା ପ୍ରାୟ ୧୩ ଲକ୍ଷ ରହିଛି। ଜନସଂଖ୍ୟା ତୁଳନାରେ ବୁଲା କୁକୁରଙ୍କ ସଂଖ୍ୟା ୩.୬୨ ପ୍ରତିଶତ ରହିଛି, ଅର୍ଥାତ୍ ପ୍ରତି ୱାର୍ଡରେ ବୁଲାକୁକୁର ସଂଖ୍ୟା ହାରାହାରି ୭୦୩ ରହିଛି। ସେହିପରି ୱାର୍ଡ ନଂ. ୨୩, ୭, ୪୯, ୬୫, ୪, ୯, ୫, ୫୬, ୪୩ ଓ ୬ରେ ସର୍ବାଧିକ ବୁଲାକୁକୁର ରହିଛନ୍ତି। ୱାର୍ଡ ନଂ. ୨୩ରେ ୧୭୦୩ଟି ବୁଲାକୁକୁର ଥିବାବେଳେ ୱାର୍ଡ ନଂ. ୬ରେ ୧୦୬୨ଟି ବୁଲାକୁକୁର ରହିଛନ୍ତି। କୁକୁର ଗଣନା ପାଇଁ ବରିଷ୍ଠ ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାରି ଇନ୍ସପେକ୍ଟର, କମ୍ୟୁନିଟି ଅର୍ଗାନାଇଜର, ଡିଇଓ, ଏସ୍ଏମ୍‌ଟିଏଙ୍କୁ ନେଇ ୪୧୦ଟି ଟିମ୍ ଗଠନ କରାଯାଇଥିଲା। ☞ପୃଷ୍ଠା-୪

## ୮ ସ୍ୱତନ୍ତ୍ର ବୁଥ୍ ଲାଗି ହେଲିକପ୍ଟର ବ୍ୟବସ୍ଥା: ସିଇଓ

### ଜାରି ହେଲା ନୂଆପଡ଼ା ଉପନିର୍ବାଚନ ବିଜ୍ଞପ୍ତି

**ଭୁବନେଶ୍ୱର, ୧୩।୧୦ (ରବିନାରାୟଣ ଜେନା)**

ନୂଆପଡ଼ା ଉପନିର୍ବାଚନ ପାଇଁ ସୋମବାର ବିଧିବଦ୍ଧ ଭାବେ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ତ ଗୋପାଳନ କହିଛନ୍ତି, ସୋମବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁ ପ୍ରାର୍ଥୀମାନେ ଚାହିଁବେ ନୂଆପଡ଼ାରେ ଉପଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିପାରିବେ। ଚଳିତମାସ ୨୦ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପ୍ରକ୍ରିୟା ଜାରି ରହିବ। ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ ଓ ୨୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ ଲାଗି ମତଦାନ ହେବ ଏବଂ ୧୪ରେ ଗଣତି ହେବ ବୋଲି ଗୋପାଳନ କହିଛନ୍ତି। ☞ପୃଷ୍ଠା-୪

# ରାଜଧାନୀରେ ଦିନକରେ ୨ ହତ୍ୟା

- ଜମିଜମା ବିବାଦରୁ ଏମ୍‌ସ କର୍ମଚାରୀଙ୍କୁ ଗୁଳି
- ଶୈଳଶ୍ରୀ ବିହାରରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା

**ଅଶାନ୍ତ ହୋଇପଡ଼ିଛି ଭୁବନେଶ୍ୱର। କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଘଟୁଛି ଏକାଧିକ ହତ୍ୟାକାଣ୍ଡ। ସୋମବାର ଏମ୍‌ସରେ ଲାବ୍ ଆଟେଣ୍ଡାଣ୍ଟ(ଆଉଟସୋର୍ସିଂ କର୍ମଚାରୀ) ଭାବେ କାର୍ଯ୍ୟରତ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଛନ୍ତି। ଜମିଜମା ବିବାଦକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ସେହିପରି ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏହି ଘଟଣାରେ ମୃତ ଯୁବକଙ୍କ ପ୍ରକୃତ ପରିଚୟ ମିଳିପାରି ନ ଥିବାବେଳେ ଅପରାଧୀମାନେ ଫେରାର ଥିବାରୁ ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଉଭୟ ଘଟଣାରେ ପୃଥକ ତଦନ୍ତ ଆରମ୍ଭ କରାଯାଇ ଘଟଣାସ୍ଥଳର ନିକଟବର୍ତ୍ତୀ ସ୍ଥାନର ସିସିଟିଭି ଫୁଟେଜକୁ ଯାଞ୍ଚ କରାଯିବା ସହ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯାଉଛି ବୋଲି ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଗୋଟିଏ ଦିନରେ ୨ଟି ହତ୍ୟା ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳାଇ ଦେଇଥିବାବେଳେ ରାଜଧାନୀବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

**ଭୁବନେଶ୍ୱର, ୧୩।୧୦ (ସତ୍ୟଜିତ ରାଉତ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁରେ ଗୁଳିମାଡ଼ର ଶିକାର ହୋଇଛନ୍ତି ସୁଧାଂଶୁ ଖୁଣ୍ଟିଆ ଓରଫ ରବି (୩୦)। ସେ ଏମ୍‌ସରେ ଲ୍ୟାବ ଆଟେଣ୍ଡାଣ୍ଟ ଭାବେ କାମ କରୁଥିଲେ। ଘରବାଡି ଜମିକୁ ନେଇ ଦୀର୍ଘଦିନ ହେବ ଲାଗିରହିଥିବା ବିବାଦରୁ ଦାଦା ପୁଅ ଶିବା ପ୍ରଧାନ ଓରଫ ଖୁଣ୍ଟିଆ ଏହି କାଣ୍ଡ ଭିଆଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଏପରିକି ହତ୍ୟାକାଣ୍ଡ ପରେ ଏନେଇ ପଚାରିବାକୁ ଯାଇଥିବା ସମ୍ପର୍କୀୟଙ୍କୁ ମଧ୍ୟ ଅଭିଯୁକ୍ତଙ୍କ ପରିବାର ସଦସ୍ୟ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଏସମ୍ପର୍କରେ ଖଣ୍ଡଗିରି ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ଶିବା ଫେରାର ଥିବାବେଳେ ତାଙ୍କ ବାପା ସୁକାନ୍ତ, ବଡ଼ ଭାଇ ଛବି ଓ ମା'ଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସୁଧାଂଶୁଙ୍କ ବାପା ପଠାଣି ଓ ଶିବାଙ୍କ ବାପା ସୁକାନ୍ତ ସମ୍ପର୍କରେ ଦୁଇ ଭାଇ। ଘର ଡିହକୁ ନେଇ ଦୀର୍ଘଦିନ ହେବ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା, ଯାହାକୁ ନେଇ ବିଭିନ୍ନ ସମୟରେ ଝଗଡ଼ା ମଧ୍ୟ ହେଉଥିଲା। ସୁଧାଂଶୁ ସକାଳ ପ୍ରାୟ ୯ଟା ବେଳେ ବାଇକ(ଓଡି୦୨-ଏଡବ୍ଲ୍ୟୁ-୯୬୭୫)ରେ ଏମ୍‌ସକୁ ଡ୍ୟୁଟି କରିବାକୁ ଯାଉଥିବାବେଳେ ଏକ କଳା ସ୍କୁଟିରେ ଶିବା ଓ ତାଙ୍କ ସହଯୋଗୀ ଗାଁ ରାସ୍ତାର ମଙ୍ଗଳା ମନ୍ଦିର ନିକଟରେ ଅଟକାଇଥିଲେ। ଶିବା ଓ ସୁଧାଂଶୁଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ସୁଧାଂଶୁଙ୍କୁ ଶିବା ବନ୍ଧୁକ ଦେଖାଇ ଧମକାଇଥିଲେ। ଭୟରେ ସୁଧାଂଶୁ ଜୀବନ ବଞ୍ଚାଇ ଖସି




ସୁଧାଂଶୁ ଖୁଣ୍ଟିଆ

ପଳାଉଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ୩ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଗୁଳି ଶିବାଙ୍କ ଦେହରେ ବାଜିବାରୁ ସେ ଚିତ୍କାର କରି ସେହିଠାରେ ହିଁ ଟଳିପଡ଼ିଥିଲେ। ଖବର ପାଇ ପରିବାର ଲୋକ ଓ ସ୍ଥାନୀୟ ଲୋକମାନେ ସୁଧାଂଶୁଙ୍କୁ ତୁରନ୍ତ ଏମ୍‌ସ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୋନ-୩ ଏସିପି ତାପସ ପ୍ରଧାନ ଓ ଖଣ୍ଡଗିରି ଥାନାଧିକାରୀ ଅଭିମନ୍ୟୁ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରୁ ୩ ରାଉଣ୍ଡ ଖୋକା ଓ ଗୋଟିଏ ଜୀବନ୍ତ ଗୁଳି ଜବତ କରିଥିଲା। ସେହିପରି ସାଇଣ୍ଟିଫିକ୍ ଟିମ୍ ମଧ୍ୟ କ୍ରାଇମସ୍ପଟରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରି ଲାବକୁ ନେଇଛି। ଅଭିଯୁକ୍ତଦ୍ୱୟ ଫେରାର୍ ଥିବାବେଳେ ଶିବାଙ୍କ ସହ ସହଯୋଗୀ ଜଣକ କିଏ ଥିଲେ ସେନେଇ ପୋଲିସ ଜାଣିପାରି ନାହିଁ। ବିଭିନ୍ନ ଦିଗକୁ ନେଇ ପୋଲିସ ଏହି ଘଟଣାରେ ତଦନ୍ତ ଜାରି ରଖିଛି। ସେହିପରି ଚନ୍ଦ୍ରଶେଖରପୁର ଥାନା ☞ପୃଷ୍ଠା-୪

## ଡାକ୍ତରୀ ଛାତ୍ରୀ ଗଣବଳାତ୍କାର ମାମଲାରେ ଆଉ ୨ ଗିରଫ

**କୋଲକାତା, ୧୩।୧୦**

ପଶ୍ଚିମବଙ୍ଗର ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣବଳାତ୍କାର ମାମଲାରେ ପୋଲିସ ସୋମବାର ଆଉ ୨ ଜଣଙ୍କୁ ଗିରଫ କରିଛି। ରବିବାର ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୫ ଜଣ ଗିରଫ ହୋଇଛନ୍ତି। ବାଲେଶ୍ୱର ଜିଲା ଜଳେଶ୍ୱରର ୨୩ ବର୍ଷୀୟା ଏମ୍‌ବିବିଏସ୍ ଛାତ୍ରୀ ଶୁକ୍ରବାର ରାତିରେ ସାଙ୍ଗଙ୍କ ସହ ଡିନର କରିବାକୁ ଗଲାବେଳେ ଘରୋଇ ମେଡିକାଲ କଲେଜ ବାହାରେ ଗଣବଳାତ୍କାରର ଶିକାର ହୋଇଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ହାଜତକୁ ନିଆଯାଇଥିବା ଆସାନସୋଲ୍-ଦୁର୍ଗାପୁର କମିଶନରେଟ୍ ପୋଲିସ୍ ଡିସିପି ଅଭିଷେକ ଗୁପ୍ତା କହିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**


**ରଦ୍ଦି କାଗଜ**

# ୩ ଗବେଷକଙ୍କୁ ଅର୍ଥନୀତିରେ ନୋବେଲ

**ଷ୍ଟକ୍‌ହୋମ, ୧୩।୧୦**

୨୦୨୫ ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାରର ଘୋଷଣା ହୋଇଛି। ଆମେରିକାର ନର୍ଥୱେଷ୍ଟର୍ନ ୟୁନିଭର୍ସିଟିର ଗବେଷକ ଜୋଏଲ ମୋକିର (୭୯), ଦି ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ ଆଣ୍ଡ ପଲିଟିକାଲ ସାଇନ୍ସର ଗବେଷକ ଫିଲିପ୍ ଅଘିୟନ (୬୯) ଏବଂ ଆମେରିକା ବ୍ରାଉନ ୟୁନିଭର୍ସିଟିର ପିଟର ହୋୱିଟ (୭୯)ଙ୍କୁ ଅର୍ଥନୀତିରେ ନୋବେଲ ପୁରସ୍କାର ମିଳିବ। ଅର୍ଥନୈତିକ ଅଭିବୃଦ୍ଧି ଉପରେ ନବସୃଜନର ପ୍ରଭାବକୁ ନେଇ ଗବେଷଣା ପାଇଁ ଏହି ୩ ବୈଜ୍ଞାନିକ ସମ୍ମାନିତ ହେବେ। ଏନେଇ ରୟାଲ ସ୍ୱେଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ସୋମବାର ଘୋଷଣା କରାଯାଇଛି।


ନବସୃଜନ ଏବଂ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟରେ ସମ୍ପର୍କକୁ ନେଇ ଜୋଏଲ, ଫିଲିପ୍ ଏବଂ ପିଟର ବ୍ୟାପକ ଅଧ୍ୟୟନ କରିଛନ୍ତି। ପୁରସ୍କାର ରାଶିର ଅଧାଭାଗ ଅର୍ଥନୈତିକ ଐତିହାସିକ ଭାବେ ପରିଚିତ ଜୋଏଲଙ୍କୁ ମିଳିବ। ପ୍ରଯୁକ୍ତିବିଦ୍ୟା ପ୍ରଗତି ମାଧ୍ୟମରେ କିପରି ନିରନ୍ତର ବିକାଶ ସମ୍ଭବ ସେ ଦିଗରେ ଜୋଏଲଙ୍କ କାର୍ଯ୍ୟ ପାଇଁ ତାଙ୍କୁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯିବ। ଆତ୍ମନିର୍ଭରଶୀଳ ଅର୍ଥନୈତିକ ଅଭିବୃଦ୍ଧିକୁ କିପରି ପ୍ରୋତ୍ସାହିତ କରାଯାଇପାରିବ ତାହା ବୁଝିବା ପାଇଁ ସେ ବିଭିନ୍ନ ଐତିହାସିକ ପ୍ରମାଣର ବ୍ୟବହାର କରିଥିଲେ। ସେ ତାଙ୍କ ଗବେଷଣାରେ ଯୁକ୍ତି ଦେଇଥିଲେ ଯେ, ଯେତେବେଳେ ଲୋକମାନେ ଜିନିଷଗୁଡ଼ିକ କିପରି କାମ କରେ କେବଳ ତାହା ନୁହେଁ, ବରଂ ସେହି ଜିନିଷଗୁଡ଼ିକ



ଜୋଏଲ ମୋକିର



ଫିଲିପ୍ ଅଘିୟନ



ପିଟର ହୋୱିଟ

କାହିଁକି କାମ କରେ ତାହା ମଧ୍ୟ ବୁଝିପାରିବେ ସେତେବେଳେ ଯାଇ ନବସୃଜନ ବିକଶିତ ହୋଇପାରିବ। ଅନ୍ୟପକ୍ଷେ, ଫିଲିପ୍ ଏବଂ ପିଟର ସେମାନଙ୍କ ଗବେଷଣାରେ ସ୍ଥାୟୀ ଅର୍ଥନୈତିକ ବିକାଶ ପାଇଁ ବିଭିନ୍ନ ସର୍ତ୍ତାବଳୀ ଚିହ୍ନଟ କରିଛନ୍ତି। ତେଣୁ ଉଭୟଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଅର୍ଥନୈତିକ ଅଭିବୃଦ୍ଧି ଏବଂ ସମୃଦ୍ଧିକୁ ଜାରି ରଖିବା ପାଇଁ ପୁରୁଣା ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ କିପରି ନୂତନ ଉଦ୍‌ଭାବନ ଏବଂ ନୂତନ ପ୍ରଯୁକ୍ତିବିଦ୍ୟାରେ ବଦଳାଯାଇପାରିବ, ତାହା ଏହି ୩ ବୈଜ୍ଞାନିକ ନିଜ ଗବେଷଣାରେ ଦର୍ଶାଇଥିଲେ। ଖାସ୍‌କରି ନୂତନ ଚିନ୍ତାଧାରା ଏବଂ ପ୍ରଯୁକ୍ତି କିପରି ☞ପୃଷ୍ଠା-୪

# ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କଲା ହମାସ୍

**ଡେଇର ଅଲ୍-ବଲାହ/ ଜେରୁଜେଲମ୍, ୧୩।୧୦**

ଗାଜା ଚୁକ୍ତି ଅନୁଯାୟୀ ୨ ବର୍ଷ ଧରି ଚାଲିଥିବା ହମାସ୍-ଇସ୍ରାଏଲ୍ ଯୁଦ୍ଧ ବନ୍ଦ ହେବା ପରେ ସୋମବାର ହମାସ୍ ସମସ୍ତ ୨୦ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଦେଇଛି। ଏହା ବଦଳରେ ଇସ୍ରାଏଲ୍ ମଧ୍ୟ ଏହାର ଜେଲଗୁଡ଼ିକରେ ରହିଥିବା ପାଖାପାଖି ୨,୦୦୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିବା ଆରମ୍ଭ କରିଛି। ସମସ୍ତ ପଣବନ୍ଦୀ ମୁକ୍ତ ହୋଇଥିବାରୁ ଇସ୍ରାଏଲ୍‌ରେ ବିଜୟ ଉତ୍ସବ ପାଳନ ହୋଇଛି। ଇସ୍ରାଏଲ୍ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଅବସରରେ ଜେରୁଜେଲମ୍‌ସ୍ଥିତ ଇସ୍ରାଏଲୀ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇଛନ୍ତି। ଟ୍ରମ୍ପ୍ ଭାଷଣ ଦେବା ପୂର୍ବରୁ ଇସ୍ରାଏଲୀ ସାଂସଦମାନେ ତାଙ୍କୁ ଷ୍ଟାଣ୍ଡିଂ ଓବେଶନ ଜଣାଇବା ସହ ଉଚ୍ଚ ପ୍ରଶଂସା କରିଥିଲେ। ଗାଜା ଯୁଦ୍ଧବିରତି ଏବଂ ପଣବନ୍ଦୀଙ୍କୁ ଫେରାଇ ଆଣିବାରେ ଟ୍ରମ୍ପଙ୍କର ମୁଖ୍ୟ ଭୂମିକା ଥିବାରୁ ବିଶ୍ୱ ଅଧିକ ଟ୍ରମ୍ପଙ୍କୁ ଆବଶ୍ୟକ କରେ। ତାଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ କରିବାକୁ ସାଂସଦମାନେ ପ୍ରତିଶ୍ରୁତି ଦେଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଟ୍ରମ୍ପଙ୍କୁ ସବୁଠୁ ବଡ଼ ବନ୍ଧୁ ବୋଲି କହି ପ୍ରଶଂସାରେ ପୋତି ପକାଇଛନ୍ତି।

ଟ୍ରମ୍ପ୍ ତାଙ୍କ ଭାଷଣରେ ନୂଆ ମଧ୍ୟପ୍ରାଚ୍ୟ ପାଇଁ ଏହା ଏକ ଐତିହାସିକ ସକାଳ ବୋଲି କହିଛନ୍ତି। ଆମେରିକା ଭଳି ଇସ୍ରାଏଲ୍ ପାଇଁ ଏକ ସ୍ୱର୍ଣ୍ଣିମ ଯୁଗର ପ୍ରତିଶ୍ରୁତି ଦେଇଛନ୍ତି ଟ୍ରମ୍ପ୍। ସେ କହିଛନ୍ତି, ଇସ୍ରାଏଲକୁ ଯୁଦ୍ଧକ୍ଷେତ୍ରରେ ଅଧିକ କିଛି ହାସଲ କରିବାର ନ ଥିଲା। ହମାସ୍ ସହ ୨ ବର୍ଷର ଯୁଦ୍ଧ ଏବଂ ହେଜବୋଲ୍ଲା ଓ ଇରାନ ସହ ଲଢ଼େଇ ପରେ ଏବେ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇ ଆଣିବା ଦିଗରେ କାର୍ଯ୍ୟ କରିବାକୁ ହେବ। ଆମେରିକା ମଧ୍ୟସ୍ଥତାରେ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧବିରତି ଭାଙ୍ଗିଯିବା ଆଶଙ୍କା ରହିଥିଲେ ମଧ୍ୟ ଆଞ୍ଚଳିକ ସଦ୍‌ଭାବନା ଦିଗରେ ସୁଯୋଗକୁ ହାତଛଡ଼ା ନ କରିବାକୁ ଟ୍ରମ୍ପ୍ ପ୍ରତିଶ୍ରୁତିବଦ୍ଧ ରହିଛନ୍ତି।

୨୦୨୩ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ହଠାତ୍ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରି ନେଇଯିବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ୨ ବର୍ଷ ଧରି ଲାଗି ରହିଥିବା ଏହି ଯୁଦ୍ଧରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସ ସ୍ତୂପରେ ପରିଣତ ହେବା ସହ ୬୭,୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ☞ପୃଷ୍ଠା-୪

## ସଂକ୍ଷେପରେ

### ଖୁଚୁରା ମୁଦ୍ରାସ୍ଫୀତି ୧.୫୪%କୁ ହ୍ରାସ

ନୂଆଦିଲ୍ଲୀ,୧୩।୧୦(ପି.ଟି.)

ସେପ୍ଟେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୧.୫୪ ପ୍ରତିଶତକୁ ହ୍ରାସ ପାଇଛି। ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ୨.୦୭ ପ୍ରତିଶତ ଥିଲା। ପନିପରିବା, ଡାଲି ସମେତ ବିଭିନ୍ନ ଖାଦ୍ୟସାମଗ୍ରୀ ଦର କମିଥିବାରୁ ମୁଦ୍ରାସ୍ଫୀତି ହ୍ରାସ ପାଇଥିବା ସୋମବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। ୨୦୨୪ ସେପ୍ଟେମ୍ବରରେ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ୫.୪୯ ପ୍ରତିଶତ ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ଅକ୍ଟୋବର ଦ୍ୱିମାସିକ ମୁଦ୍ରାନୀତିରେ ୨୦୨୫-୨୬ ବର୍ଷ ପାଇଁ ମୁଦ୍ରାସ୍ଫୀତି ୨.୬ ପ୍ରତିଶତକୁ ହ୍ରାସ କରିଥିଲା। ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୩.୧ ପ୍ରତିଶତ ରହିବ ବୋଲି ଗତ ଅଗଷ୍ଟରେ ଆକଳନ କରାଯାଇଥିଲା।

### ଆୟ ବଢ଼ାଇବାକୁ ଗ୍ରୁପ୍ ଫାର୍ମିଂ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

ନୂଆଦିଲ୍ଲୀ,୧୩।୧୦(ପି.ଟି.)

କୃଷକମାନଙ୍କ ଆୟ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ରୁପ୍ ଫାର୍ମିଂ ଉପରେ ଗୁରୁତ୍ୱାରୋପ କରିଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ସେମାନଙ୍କ ଛୋଟ ଛୋଟ ଜମିକୁ ଏକାଠି କରି ଉଚ୍ଚ ମୂଲ୍ୟଯୁକ୍ତ ଫସଲ ଅମଳ କରିବା ସହ ଆୟ ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି।

ଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ (ଆଇଏଆର୍‌ଆଇ)ରେ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୃଷକମାନଙ୍କ ସହ କଥା ହୋଇଥିଲେ। ୩୫,୪୪୦ କୋଟି ଟଙ୍କା ବ୍ୟୟରେ ପିଏମ୍ ଧନଧାନ୍ୟ କୃଷି ଯୋଜନା ଏବଂ ମିଶନ୍ ଫର୍ ଆତ୍ମନିର୍ଭର ପଲ୍ସ ଶୁଭାରମ୍ଭ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ କୃଷକମାନଙ୍କୁ ଭେଟିଥିଲେ। ଚାଷୀମାନେ ଧୀରେ ଧୀରେ ଏବଂ ବ୍ୟବହାରିକ ଭାବେ ପ୍ରାକୃତିକ କୃଷିକୁ ଆପଣାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ପରୀକ୍ଷାମୂଳକ ଭାବେ କିଛି ଜମିରେ ପ୍ରାକୃତିକ କୃଷି କରି ଅବଶିଷ୍ଟରେ ପାରମ୍ପରିକ ପଦ୍ଧତିରେ ଚାଷ କରିବା ଦ୍ୱାରା ସମୟକ୍ରମେ ଆତ୍ମବିଶ୍ୱାସ ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ଚାଷୀମାନେ ସେମାନଙ୍କ ଅଭିଜ୍ଞତା ପ୍ରଧାନମନ୍ତ୍ରୀଙ୍କ ସହ ଶେୟାର କରିଥିଲେ।

### ବିହାରର ସବୁ ଆସନରେ ଗୋରକ୍ଷକଙ୍କୁ ପ୍ରାର୍ଥୀ କରିବେ ଶଙ୍କରାଚାର୍ଯ୍ୟ


ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ

ପାଟନା, ୧୩।୧୦

ବିହାରର ସମସ୍ତ ୨୪୩ ବିଧାନସଭା ଆସନରେ ଗୋରକ୍ଷକଙ୍କୁ ପ୍ରାର୍ଥୀ କରିବାକୁ ଉତ୍ତରାଖଣ୍ଡର ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ସୋମବାର ଘୋଷଣା କରିଛନ୍ତି। ତେବେ ନାମାଙ୍କନ ପ୍ରକ୍ରିୟା ସମାପ୍ତ ହେବା ପରେ ଯାଇ ସେ ନିର୍ବାଚନରେ ଲଢ଼ୁଥିବା ସମସ୍ତ ଗୋରକ୍ଷକଙ୍କ ନାମକୁ ସାର୍ବଜନୀନ କରିବେ ବୋଲି କହିଛନ୍ତି। ନାମାଙ୍କନ ପୂର୍ବରୁ ପ୍ରାର୍ଥୀ ହୋଇଥିବା ଗୋ ରକ୍ଷକଙ୍କ ନାମ ଘୋଷଣା କରାଗଲେ ସେମାନଙ୍କ ନାମାଙ୍କନକୁ ରଦ୍ଦ କରାଯିବାର ଆଶଙ୍କା ରହିଛି। ଗୋ ସୁରକ୍ଷାକୁ ନେଇ ସଚେତନତାର ପ୍ରସାର ଏବଂ ଏହାକୁ ନେଇ ଦୃଢ଼ ରାଜନୈତିକ ଭିତ୍ତିଭୂମି ସୃଷ୍ଟି କରିବା ତାଙ୍କର ଉଦ୍ଦେଶ୍ୟ ଥିବା ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି। ଏହି ଅବସରରେ ସନାତନ ବିଚାରଧାରାକୁ ନେଇ ଏକ ରାଜନୈତିକ ସଙ୍ଗଠନ ପ୍ରତିଷ୍ଠା କରିବାକୁ ମଧ୍ୟ ସେ ସଙ୍କେତ ଦେଇଛନ୍ତି। ମୁଖ୍ୟ ରାଜନୈତିକ ଦଳଗୁଡ଼ିକ ଗୋ ସୁରକ୍ଷା ପ୍ରସଙ୍ଗକୁ କ୍ରମାଗତ ଭାବେ ଅଣଦେଖା କରୁଥିବାରୁ ଗୋ ରକ୍ଷକମାନଙ୍କୁ ନିର୍ବାଚନରେ ଲଢ଼ାଇବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି ବୋଲି ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି। ସେ କହିଛନ୍ତି, ରାଜନୀତିରେ ଅଂଶଗ୍ରହଣ କରୁନାହିଁ। ଆଗାମୀ ଦିନରେ ହିନ୍ଦୁଧର୍ମର ସୁରକ୍ଷାକୁ ନେଇ ନିଜ ଦାୟିତ୍ୱ ନିର୍ବାହ କରିବି।



ବିହାର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦଳୀୟ ଟିକେଟ ଆଶାୟୀଙ୍କ ସମର୍ଥକମାନେ ସୋମବାର ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ପାଟନାସ୍ଥିତ ବାସଭବନ ବାହାରେ ବିକ୍ଷୋଭ କରୁଛନ୍ତି।

# କରୁର୍ ଦଳାଚକଟା ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ

**ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଦନ୍ତର ତଦାରଖ କରିବେ**

ନୂଆଦିଲ୍ଲୀ,୧୩।୧୦(ପି.ଟି.)

ତାମିଲନାଡୁର କରୁର୍ ଜିଲାରେ ଗତ ସେପ୍ଟେମ୍ବର ୨୭ରେ ଅଭିନେତା ତଥା ତାମିଲାଗା ଭେଟ୍ରି କାଝଗମ୍ (ଟିଭିକେ) ଦଳ ଅଧ୍ୟକ୍ଷ ବିଜୟଙ୍କ ରାଲିରେ ଦଳାଚକଟା ଘଟି ୪୧ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ତଦନ୍ତର ତଦାରଖ ପାଇଁ ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ଅଜୟ ରାସ୍ତୋଗୀଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ତାମିଲନାଡୁ କ୍ୟାଡରର ୨ ଆଇପିଏସ୍ ଅଫିସର ରହିଛନ୍ତି। ମାଡ୍ରାସ ହାଇକୋର୍ଟ ଦଳାଚକଟା ଘଟଣାର ଏସ୍‌ଆଇଟି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ସର୍ବୋଚ୍ଚ ଅଦାଲତ ଏହାକୁ ଖାରଜ କରିଦେଇଛନ୍ତି। ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିବା ହାଇକୋର୍ଟ ବିଚାରପତି ଏନ୍ ସେନ୍ଥିଲକୁମାରଙ୍କୁ ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ସମାଲୋଚନା କରିଛନ୍ତି। ନିରପେକ୍ଷ ତଦନ୍ତ ପ୍ରତ୍ୟେକ ନାଗରିକଙ୍କ ଅଧିକାର ବୋଲି ଶୀର୍ଷ ଅଦାଲତ କହିଛନ୍ତି। ଦଳାଚକଟାରେ ସ୍ତ୍ରୀଙ୍କୁ ହରାଇଥିବା ଏମୁର ପୁଥୁରର ପି. ସେଲଭାରାଜ, ୯ ବର୍ଷର ପୁଅଙ୍କୁ ହରାଇଥିବା ଆଲାମାରାଥୁପଟ୍ଟିର ପି. ପନିରସେଲ୍‌ଭାମ୍ ଏବଂ ତାମିଲନାଡୁ ଭାଜପା ଲିଗାଲ୍ ସେଲ୍‌ର ଉପାଧ୍ୟକ୍ଷ ଜି.ଏସ୍. ମଣି ଘଟଣାର ସିବିଆଇ ତଦନ୍ତ ଦାବିରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ରାଜନୈତିକ ସଭା ପାଇଁ ଏସ୍‌ଓପି ଚୂଡ଼ାନ୍ତ ହୋଇ ନ ଥିବା ଦର୍ଶାଇ ପୂର୍ବରୁ ଏଆଇଏଡିଏମ୍‌କେକୁ କରୁର୍‌ରେ ରୋଡ୍ ଶୋ' ନିମନ୍ତେ ଅନୁମତି ଦିଆଯାଇ ନ ଥିବାବେଳେ ଟିଭିକେକୁ କିପରି ଅନୁମତି ଦିଆଗଲା ବୋଲି ଗତ ଶୁକ୍ରବାର ଶୁଣାଣି ବେଳେ ସୁପ୍ରିମକୋର୍ଟ ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ।

# ପାକିସ୍ତାନରେ ବିକ୍ଷୋଭ ବେଳେ ହିଂସା: ୧୫ ମୃତ

ଇସ୍‌ଲାମାବାଦ,୧୩।୧୦

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ସୋମବାର ପାଲେଷ୍ଟିନୀୟଙ୍କ ସମର୍ଥନରେ ଅନେକ ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଥିବାବେଳେ ପୋଲିସ ସହ ସଂଘର୍ଷରେ ୧୫ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ ଅଫିସର ଅଛନ୍ତି। କଟ୍ଟରପନ୍ଥୀ ଇସ୍‌ଲାମୀୟ ସଂଗଠନ ତେହରିକ୍-ଇ-ଲାବାଇକ୍ ପାକିସ୍ତାନ (ଟିଏଲ୍‌ପି)ର ସଦସ୍ୟମାନଙ୍କ ସହ ପୋଲିସର ସଂଘର୍ଷ ହୋଇଥିଲା। ଅନ୍ୟପକ୍ଷରେ ସଂଘର୍ଷରେ ଟିଏଲ୍‌ପିର ଶତାଧିକ କର୍ମୀ ନିହତ ହେବା ସହ ୧,୫୦୦ରୁ ଅଧିକ ଆହତ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି।

ଟିଏଲ୍‌ପି ପକ୍ଷରୁ ଶୁକ୍ରବାର ଲାହୋରରୁ ଏହି ବିକ୍ଷୋଭ ଆରମ୍ଭ ହୋଇଥିଲା। ବିକ୍ଷୋଭକାରୀମାନେ ଇସ୍‌ଲାମାବାଦସ୍ଥିତ ଆମେରିକା ଦୂତାବାସ ପର୍ଯ୍ୟନ୍ତ ଯାଇ ସେଠାରେ ଗାଜା ଲୋକଙ୍କ ସମର୍ଥନରେ ଧାରଣାରେ ବସିବେ ବୋଲି ଘୋଷଣା କରିଥିଲେ। ଗାଜାରେ ଯୁଦ୍ଧବିରତି ଆରମ୍ଭ ହେବା ସହ ଗାଜା ଜନସାଧାରଣ ଶାନ୍ତି ପାଳନ କରୁଥିବାବେଳେ ପାଲେଷ୍ଟିନୀୟମାନଙ୍କ ପାଇଁ ପାକିସ୍ତାନରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି।

ବିକ୍ଷୋଭକାରୀ ଲାହୋରରୁ ୪୦ କିଲୋମିଟର ଅତିକ୍ରମ କରି ମୁର୍ଦ୍ଦିକେରେ ପହଞ୍ଚିଥିବାବେଳେ ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍‌ରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଟିଏଲ୍‌ପିର ନେତାମାନେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ତେବେ ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିବାର ସବୁ ଉଦ୍ୟମ ବିଫଳ ହେବା ପରେ ସେମାନଙ୍କୁ ଘଉଡ଼ାଇ ରାସ୍ତା ସଫା କରିବାକୁ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ବିକ୍ଷୋଭକାରୀ କଣ୍ଟା ଲାଗିଥିବା ଲାଠି, ଇଟା, ପେଟ୍ରୋଲ ବୋମା ଓ ବନ୍ଧୁକ ଧରି ସୁରକ୍ଷା ବଳ ସହ ଜୋର୍‌ଦାର ଲଢ଼େଇ କରିଥିଲେ। ଏଥିରେ ଜଣେ ପୋଲିସ ଅଫିସର ନିହତ ହେବା ସହ ୪୮ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କଠାରେ ଗୁଳିମାଡ଼ କ୍ଷତ ରହିଛି। ପୋଲିସ କାର୍ଯ୍ୟାନୁଷ୍ଠାନରେ ୧୪ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିବା ସହ ୮ ଜଣ ଆହତ ହୋଇଛନ୍ତି।

ଉତ୍ତ୍ୟକ୍ତ ବିକ୍ଷୋଭକାରୀମାନେ ୪୦ଟି ସରକାରୀ ଓ ଘରୋଇ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ସଂଘର୍ଷ ସ୍ଥଳରେ ଅନେକ ଗାଡ଼ି ଜଳୁଥିବା ସୋସିଆଲ ମିଡିଆରେ ଶେୟାର ହୋଇଥିବା ଫଟୋରୁ ଦେଖିବାକୁ ମିଳିଛି। ପୋଲିସ ଅନେକ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ବିକ୍ଷୋଭକାରୀ ଅନ୍ୟ ରାସ୍ତାରେ ବିକ୍ଷୋଭ କରିବାରୁ ଇସ୍ରାଏଲ୍‌ରୁ ଲାହୋର ଯାଉଥିବା ଏମ୍୨ ମୋଟରୱେର ଫୈଜପୁର, କାଲା ଶାହ ଏବଂ ବାବୁ ସାବୁଠାରେ ରାସ୍ତା ଅବରୋଧ ହୋଇଥିଲା। ବିକ୍ଷୋଭକୁ ଦମନ କରିବା ପାଇଁ ପାକିସ୍ତାନ ରେଞ୍ଜର୍ସଙ୍କ ସହ ୫ ଜିଲାରୁ ବହୁସଂଖ୍ୟାରେ ପୋଲିସଙ୍କୁ ପଠାଯାଇଥିଲା। ଟିଏଲ୍‌ପି ମୁଖ୍ୟ ହାଫିଜ୍ ସାଦ୍ ହୁସେନ୍ ରିଜ୍‌ଭିଙ୍କଠାରେ ଏକାଧିକ ଗୁଳିମାଡ଼ ହୋଇଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।


ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍‌ରେ ଟିଏଲ୍‌ପି ବିକ୍ଷୋଭକାରୀମାନେ ଗାଡ଼ିଗୁଡ଼ିକୁ ଜାଳି ଦେଇଛନ୍ତି।

## ସ୍ରେସନ୍ ଫାର୍ମାର ଲାଇସେନ୍ସ ବାତିଲ

**କଫ୍ ସିରପ୍ ମୃତ୍ୟୁ ମାମଲା**

ଚେନ୍ନାଇ, ୧୩।୧୦

ବିଷାକ୍ତ କଫ୍ ସିରପ୍ ପିଇ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ୨୨ ଶିଶୁ ମୃତ୍ୟୁ ମାମଲାରେ ସୋମବାର କୋଲ୍ଡ୍ରିଫ୍ କଫ୍ ସିରପ୍‌ର ନିର୍ମାଣକାରୀ ସ୍ରେସନ ଫାର୍ମାସ୍ୟୁଟିକାଲ୍ସର ସମସ୍ତ ଉତ୍ପାଦନ ଲାଇସେନ୍ସକୁ ତାମିଲନାଡୁ ଡ୍ରଗ୍ସ ନିୟନ୍ତ୍ରଣ ବିଭାଗ ପକ୍ଷରୁ ବାତିଲ କରାଯାଇଛି। ସେହିପରି ସ୍ରେସନ ଫାର୍ମାସ୍ୟୁଟିକାଲ୍ସକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ନେଇ ତାମିଲନାଡୁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। କମ୍ପାନୀର ସିରପ୍‌ରେ ୪୮.୬% ଘାତକ ରାସାୟନିକ ପଦାର୍ଥ ଡାଇଥିଲିନ୍ ଗ୍ଲାଇକଲ୍ ଥିବା ନେଇ ପରୀକ୍ଷାଗାର ରିପୋର୍ଟରୁ ଜଣାପଡ଼ିବା ପରେ ତାମିଲନାଡୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପୂରା ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସୋମବାର ଚେନ୍ନାଇସ୍ଥିତ ସ୍ରେସନ ଫାର୍ମାର ପ୍ରମୁଖ କର୍ମଚାରୀ ଏବଂ ତାମିଲନାଡୁ ଡ୍ରଗ୍ସ ନିର୍ମାଣ ବିଭାଗର ଅଧିକାରୀଙ୍କ ସହ ଜଡ଼ିତ ଥିବା ୭ ଠିକଣାରେ ଚଢ଼ାଉ କରାଯାଇଛି।

## ତ୍ରିପୁରାରେ ୧୪ ମାସର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା

ଅଗରତାଲା, ୧୩।୧୦

ତ୍ରିପୁରାର ପନିସାଗର ଅଞ୍ଚଳରେ ଶନିବାର ଏକ ୧୪ ମାସର ଶିଶୁକନ୍ୟାଙ୍କୁ ଜଣେ ଦିନ ମଜୁରିଆ ଶ୍ରମିକ ବଳାତ୍କାର କରି ହତ୍ୟା କରିଛନ୍ତି। ଶିଶୁକନ୍ୟାର ମୃତଦେହ ଏକ ଧାନ କ୍ଷେତ ମଧ୍ୟରେ ପୋତା ଯାଇଥିବା ଅବସ୍ଥାରେ ଉଦ୍ଧାର ହୋଇଛି। ଅଭିଯୁକ୍ତ ଜଣକ ଶିଶୁକନ୍ୟାର ମା'ଙ୍କ ବାପଘରର ପଡ଼ୋଶୀ ହୋଇଥିବା ଜଣାପଡ଼ିଛି। ଶିଶୁକନ୍ୟାଙ୍କ ମା' ଆସାମର ସିଲ୍‌ଚର ନିବାସୀ ହୋଇଥିବା ବେଳେ ସେ ତ୍ରିପୁରାର ପନିସାଗର ଅଞ୍ଚଳରେ ଥିବା ନିଜ ବାପଘରକୁ ଆସିଥିଲେ। ଅଭିଯୁକ୍ତ ଦିନ ମଜୁରିଆ ଶ୍ରମିକ ଜଣକ ଶନିବାର ସନ୍ଧ୍ୟାରେ ଶିଶୁକନ୍ୟାର ମା' ଙ୍କଠାରୁ ଅନୁମତି ନେଇ ତାକୁ ବୁଲାଇବା ପାଇଁ ନେଇଯାଇଥିଲେ। ଶିଶୁକନ୍ୟାର ମା'ଙ୍କ ଅଭିଯୋଗ ଆଧାରରେ ପନିସାଗର ଥାନା ପୋଲିସ ମାମଲା ରୁଜୁ କରିଛି। ସୋମବାର ଅଭିଯୁକ୍ତଙ୍କୁ ଆସାମର ନିଲମ ବଜାର ଅଞ୍ଚଳରୁ ଗିରଫ କରାଯାଇଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ଲାଲୁ, ରାବ୍ରି, ତେଜସ୍ୱୀଙ୍କ ନାଁରେ ଚାର୍ଜଫ୍ରେମ୍

ନୂଆଦିଲ୍ଲୀ,୧୩।୧୦(ପି.ଟି.)

ବିହାର ବିଧାନସଭା ନିର୍ବାଚନକୁ ଆଉ ମାସେରୁ କମ୍ ସମୟ ଥିବାବେଳେ ଦିଲ୍ଲୀର ଏକ ଅଦାଲତ ସୋମବାର ଆଇଆର୍‌ସିଟିସି ଦୁର୍ନୀତି ମାମଲାରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ, ତାଙ୍କ ସ୍ତ୍ରୀ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରି ଦେବୀ ଏବଂ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ନାମରେ ଚାର୍ଜଫ୍ରେମ୍ କରିଛନ୍ତି। ବିହାରରେ ନଭେମ୍ବର ୬ ଓ ୧୧ ତାରିଖ ଦୁଇ ପର୍ଯ୍ୟାୟରେ ଭୋଟ ହେବାକୁ ଥିବାବେଳେ ଲାଲୁଙ୍କ ନେତୃତ୍ୱାଧୀନ ଆର୍‌ଜେଡି ରାଜ୍ୟର ଅନ୍ୟତମ ବୃହତ୍ ରାଜନୈତିକ ଦଳ। ଜମି ହସ୍ତାନ୍ତର ମାମଲାର ପ୍ରାରମ୍ଭିକ ଅନୁଧ୍ୟାନରୁ ଅଭିଯୁକ୍ତଙ୍କ ବିରୋଧରେ ଗମ୍ଭୀର ସନ୍ଦେହର ସତ୍ୟତା ଥିବାର ଜଣାପଡୁଥିବା ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗ୍‌ନେ କହିଛନ୍ତି। ସେମାନଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇଥିବାରୁ ଅକ୍ଟୋବର ଶେଷ ସପ୍ତାହରୁ ବିଚାର ଆରମ୍ଭ ହୋଇପାରେ। ଆଗାମୀ ନିର୍ବାଚନ ପ୍ରଚାରବେଳେ ସେମାନଙ୍କ ବିରୋଧୀ ଏହାକୁ ପ୍ରସଙ୍ଗ ଭାବେ ବ୍ୟବହାର କରିପାରନ୍ତି ବୋଲି କୁହାଯାଉଛି। ରାବ୍ରି ଏବଂ ତେଜସ୍ୱୀଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର ଏବଂ ଠକେଇ ଅଭିଯୋଗରେ ଚାର୍ଜଫ୍ରେମ୍ ହୋଇଛି। ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି)ର ୨ଟି ହୋଟେଲର କାର୍ଯ୍ୟକାରିତା ଠିକା ଏକ ଘରୋଇ କମ୍ପାନୀକୁ ଦିଆଯିବାରେ ହୋଇଥିବା ଅନିୟମିତତା ଅଭିଯୋଗରେ ଏହି ଚାର୍ଜଫ୍ରେମ୍ ହୋଇଛି। ଲାଲୁଙ୍କ ବିରୋଧରେ ଅଦାଲତ ଦୁର୍ନୀତି ନିବାରଣ ଆଇନରେ ଚାର୍ଜଫ୍ରେମ୍ କରିଛନ୍ତି। କମ୍ ଦାମ୍‌ରେ ଜମି ଦିଆଯିବା ଦ୍ୱାରା ରାଜକୋଷର କ୍ଷତି ହୋଇଥିବା ଅଭିଯୋଗ ହୋଇଥିଲା।


ଲାଲୁ ପ୍ରସାଦ ଯାଦବ

## ଫୁରସତ୍

# ସବୁଠୁ ସଂକୀର୍ଣ୍ଣ ନଦୀ

**ହାରାହାରି ଚଉଡ଼ା ମାତ୍ର ୧୫ ସେ.ମି.**

ବେଜିଂ


ଚାଇନାର ହୁଆଲାଇ ନଦୀକୁ ବିଶ୍ୱର ସବୁଠାରୁ ସଂକୀର୍ଣ୍ଣ ନଦୀ ଭାବରେ ବିବେଚନା କରାଯାଇଥାଏ। ହାଓଲାଇ ନାମରେ ମଧ୍ୟ ପରିଚିତ ଏହି ନଦୀ ଉତ୍ତର ଚାଇନାର ଆଭ୍ୟନ୍ତରୀଣ ମଙ୍ଗୋଲିଆ ଅଞ୍ଚଳରେ ରହିଛି। ଏହି ସଂକୀର୍ଣ୍ଣ ନଦୀର ଲମ୍ବ ପ୍ରାୟ ୧୭ କି. ମି. ରହିଛି। ବିଶେଷଜ୍ଞଙ୍କ ମତରେ ପ୍ରାୟ ୧୦ ହଜାର ବର୍ଷ ଧରି ଏହି ନଦୀ ପ୍ରବାହିତ ହୋଇଆସୁଛି। ଏହି ନଦୀର ହାରାହାରି ଚଉଡ଼ା ୧୫ ସେ.ମି. ହୋଇଥିବା ବେଳେ ନଦୀର ଏକ ସ୍ଥାନରେ ଚଉଡ଼ା ମାତ୍ର ୪ ସେ.ମି. ରହିଛି। ଏତେ ମାତ୍ରାରେ ସଂକୀର୍ଣ୍ଣ ହୋଇଥିବାରୁ ହୁଆଲାଇ ନଦୀରେ ଡଙ୍ଗା କିମ୍ବା ବୋଟ୍ ଚାଲିବା ଅସମ୍ଭବ। କେବଳ ଥରୁଟିଏ ଡେଇଁ ଏହି ନଦୀକୁ ସହଜରେ ଅତିକ୍ରମ କରି ହୋଇଥାଏ। ଏତେ କମ୍ ଚଉଡ଼ା ଥିବା ସତ୍ତ୍ୱେ ମଧ୍ୟ ନଦୀ ପାଇଁ ଆବଶ୍ୟକ ଥିବା ବୈଜ୍ଞାନିକ ମାନଦଣ୍ଡକୁ ହୁଆଲାଇ ନଦୀ ପୂରଣ କରୁଛି। ଏହି ନଦୀରେ ପ୍ରବାହିତ ଜଳର ସ୍ଥାୟୀ ଏବଂ ସ୍ଥିର ପ୍ରବାହ ରହିଛି। ସେହିପରି ଏହି ନଦୀରେ ଜଳ ନିଷ୍କାସନ ଅବବାହିକା ଥିବା ସହ ଏହା ଏକ ଭୂତଳ ଝରଣାରୁ ସ୍ଥାୟୀ ଭାବେ ପ୍ରବାହିତ ହେଉଛି। ଏକ ରିପୋର୍ଟ ଅନୁଯାୟୀ ଏହି ନଦୀର ଗଭୀରତା ୫୦ ସେ.ମି. ରହିଛି।




# ଅନନ୍ୟାଙ୍କ ବିପକ୍ଷରେ ଲକ୍ଷ୍ୟ

ମୁମ୍ବାଇ

ନିକଟରେ ରିଲିଜ୍ ହୋଇଥିବା ଆର୍ଯ୍ୟନ ଖାନ୍‌ଙ୍କ 'ଦି ବ୍ୟାଣ୍ଡ୍ସ ଅଫ୍ ବଲିଉଡ୍' ୱେବ୍ ସିରିଜ୍‌ରେ ଅଭିନେତା ଲକ୍ଷ୍ୟ ଲାଲ୍‌ୱାନୀଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। ଏହି ସିରିଜ୍‌ରେ ତାଙ୍କ ଅଭିନୟକୁ ଖୁବ୍ ପ୍ରଶଂସା କରାଯାଇଥିଲା। ୨୦୨୩ରେ ରିଲିଜ୍ ହୋଇଥିବା 'ଧର୍ମା ପ୍ରଡକ୍ସନ' ଦ୍ୱାରା ନିର୍ମିତ 'କିଲ୍' ଫିଲ୍ମରେ ଲକ୍ଷ୍ୟ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ରିପୋର୍ଟ ଅନୁଯାୟୀ, ସମ୍ପ୍ରତି ଲକ୍ଷ୍ୟ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେଉଥିବା 'ଚାନ୍ଦ ମେରା ଦିଲ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ଲକ୍ଷ୍ୟଙ୍କ ବିପକ୍ଷରେ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନଜରକୁ ଆସିବେ। ବିବେକ ସୋନୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ଲକ୍ଷ୍ୟ ଏବଂ ଅନନ୍ୟାଙ୍କ ଲଭ୍ ଷ୍ଟୋରି ଦେଖିବାକୁ ମିଳିବ। ୨୦୨୬ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ସେହିପରି ଲକ୍ଷ୍ୟଙ୍କ ଆଗାମୀ ପ୍ରୋଜେକ୍ଟଗୁଡ଼ିକ ମଧ୍ୟରେ ଧର୍ମା ପ୍ରଡକ୍ସନର 'ଦୋସ୍ତାନା ୨' ଫିଲ୍ମ ରହିଛି। ଉକ୍ତ ଫିଲ୍ମରେ ଲକ୍ଷ୍ୟଙ୍କ ସହ ଅଭିନେତା ବିକ୍ରାନ୍ତ ମେସିଙ୍କୁ ଦେଖିବାକୁ ମିଳିବ। ସେହିପରି 'ଦୋସ୍ତାନା ୨'ରେ ଲକ୍ଷ୍ୟଙ୍କ ବିପକ୍ଷରେ ଅଭିନେତ୍ରୀ ପ୍ରତିଭା ରାଣ୍ଟା କିମ୍ବା ଶ୍ରୀଲୀଲାଙ୍କୁ ଦେଖିବାକୁ ମିଳିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।


ଲକ୍ଷ୍ୟ ଲାଲ୍‌ୱାନୀ




# ମମତାଙ୍କୁ ଟାର୍ଗେଟ କଲେ ପ୍ରଭାତୀ, ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷାଙ୍କ ସହ କଥା ହେଲେ

**ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା**

## ଦୁର୍ଗାପୁରରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା

ଭୁବନେଶ୍ୱର, ୧୩।୧୦ (ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏହି ଘଟଣାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସୋମବାର ଏକ୍ସରେ ଯୋଗେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଟାର୍ଗେଟ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ମମତା ବାନାର୍ଜୀଙ୍କ ଭଳି ଜଣେ ମହିଳା ନେତୃତ୍ୱ, ଯିଏ ଦିଦି ନାମରେ ପରିଚିତ ତାଙ୍କ ମୁହଁରୁ, ରାତିରେ ଝିଅମାନେ ବାହାରକୁ ଆସିବା ଉଚିତ ନୁହେଁ ବୋଲି ଦିଆଯାଇଥିବା ମନ୍ତବ୍ୟ ସମସ୍ତଙ୍କୁ ନିରାଶ କରିଛି। ଏହି କଥା କେବଳ ତାଙ୍କୁ ନୁହେଁ,ପଶ୍ଚିମବଙ୍ଗରେ ଥିବା ୪ କୋଟି ୯୦ ଲକ୍ଷ ମହିଳାଙ୍କୁ ଆଶ୍ଚର୍ଯ୍ୟ ଓ ଅପମାନିତ କରିଛି। ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଲିଙ୍ଗଗତ ଅସମାନତା ଆଣିବା, ଝିଅମାନଙ୍କ ଅଧିକାର ଉପରେ ପ୍ରଶ୍ନ ଉଠାଇବାର ଅଧିକାର ମୁଖ୍ୟମନ୍ତ୍ରୀ ମମତାଙ୍କର ନାହିଁ। ଆଉ ଯଦି ଓଡ଼ିଆ ଝିଅ ପୀଡ଼ିତା ବୋଲି ଦରଦ ନାହିଁ ଓଡ଼ିଶା ସରକାରଙ୍କୁ ଲେଖି ଦିଅନ୍ତୁ। ସେମାନଙ୍କ ପିଲାଙ୍କ କଥା ମଧ୍ୟ ଓଡ଼ିଶା ସରକାର ବୁଝିପାରିବେ। ଲଜ୍ଜାବୋଧ ନ ରହିବା ଅତ୍ୟନ୍ତ ନିନ୍ଦନୀୟ। ମହିଳା ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଯଦି ସମବେଦନା, ସୁରକ୍ଷା, ଅଧିକାର ଝିଅମାନେ ଆଶା ନ କରିବେ ତେବେ କାହାଠାରୁ କରିବେ ବୋଲି ପ୍ରଭାତୀ ପରିଡ଼ା ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହାଟକରଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଏନେଇ ସେ ଏକ୍ସରେ ସୂଚନା ଦେଇ କହିଛନ୍ତି,


ପ୍ରଭାତୀ ପରିଡ଼ା


ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷାଙ୍କ ସହ କଥା ହୋଇଛନ୍ତି। ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ କରାଯାଇଥିବା ଗଣବଳାତ୍କାର ଘଟଣାକୁ ଗୁରୁତର ସହ ନେବା ସହିତ ଏ ବିଷୟରେ ଅବଗତ ଥିବା କହିଛନ୍ତି। ଏନ୍‌ସିଡବ୍ଲ୍ୟୁ ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ମୁଖ୍ୟତଃ ପଶ୍ଚିମବଙ୍ଗ ସରକାର ଏହି ଘଟଣାକୁ ଗୁରୁତର ସହ ନେଇ ଠିକ୍ ଏବଂ ସ୍ୱଚ୍ଛ ଭାବେ ତଦନ୍ତ କରୁଛନ୍ତି ନା ନାହିଁ ତା'ର ରିପୋର୍ଟ ସଂଗ୍ରହ କରିବେ। ପୀଡ଼ିତାଙ୍କ ସୁରକ୍ଷା, ଉପଯୁକ୍ତ ଚିକିତ୍ସା ମିଳୁଛି ନା ନାହିଁ, ସୁରକ୍ଷା ବ୍ୟବସ୍ଥା ଯୋଗାଯାଇଛି ନା ନାହିଁ ଏବଂ ଉପଯୁକ୍ତ ନ୍ୟାୟ ମିଳୁଛି ନା ନାହିଁ ସେନେଇ ରିପୋର୍ଟ ସଂଗ୍ରହ କରିବେ। ଅନ୍ୟପକ୍ଷରେ ଓଡ଼ିଶା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମାହାନ୍ତି ସୋମବାର ଦୁର୍ଗାପୁରଠାରେ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି। ଶୋଭନାଙ୍କ ଏକ ଟିମ୍ ମଧ୍ୟ ଦୁର୍ଗାପୁର ଗସ୍ତ କରିଛନ୍ତି। ଗସ୍ତ ପୂର୍ବରୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶୋଭନା କହିଛନ୍ତି, ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ଗଣବଳାତ୍କାର ଅତ୍ୟନ୍ତ ବର୍ବରକାଣ୍ଡ। ପୀଡ଼ିତାଙ୍କ ପରିବାର ସହ ମହିଳା କମିଶନ ଯୋଗାଯୋଗରେ ଅଛନ୍ତି ବୋଲି ସେ କହିଛନ୍ତି।

# ହବିଷିଆଳି ମା'ଙ୍କ ଭକ୍ତି ହେଉଛି ଓଡ଼ିଶାର ନୈତିକ ଶକ୍ତି: ମୁଖ୍ୟମନ୍ତ୍ରୀ

## ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଗଢ଼ାଯିବ

ପୁରୀ,୧୩।୧୦ (ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସ ଅବସରରେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନା କରାଯାଇଛି। ହବିଷିଆଳିମାନେ ହବିଷିଆଳି କେନ୍ଦ୍ରରେ ରହି ହବିଷ କରୁଛନ୍ତି। ଏହି ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନରେନ୍ଦ୍ରକୋଣସ୍ଥିତ ବୃନ୍ଦାବତୀ ନିବାସ ହବିଷିଆଳି କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେ ହବିଷିଆଳି ମା'ମାନଙ୍କ ସହ ମିଶି ଫଟୋ ଉଠାଇବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ସେ କହିଛନ୍ତି, ହବିଷିଆଳି ମା'ମାନଙ୍କ ଭକ୍ତି ହେଉଛି ଓଡ଼ିଶାର ନୈତିକ ଶକ୍ତି ଏବଂ ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ଜୀବନ୍ତ ପ୍ରତୀକ। ଆତ୍ମସଂଯମ, କରୁଣା ଓ ଭକ୍ତିର ମାସ ଭାବେ କାର୍ତ୍ତିକ ମାସ ଓଡ଼ିଆ ସଂସ୍କୃତିରେ ବିଶେଷ ଗୁରୁତ୍ୱ ରଖେ। ଆଗାମୀ ବର୍ଷରୁ ହବିଷିଆଳି ମା'ମାନଙ୍କ ପାଇଁ ସମର୍ପିତ ଡିଜିଟାଲ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହେବ, ଯେଉଁଥିରେ ଚିକିତ୍ସା ଓ ଜରୁରୀ ସେବା ଉପଲବ୍ଧ ରହିବ। ପୁରୀ କେବଳ ଏକ ଧର୍ମୀୟ ସ୍ଥାନ ନୁହେଁ, ଏହା ଓଡ଼ିଆ ଭକ୍ତି ଓ ଆସ୍ଥାର ପ୍ରତୀକ। ସରକାର ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ


କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହବିଷିଆଳିଙ୍କ ସହ ଆଲୋଚନା କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଗଢ଼ିତୋଳିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ସହରକୁ ମହାନଗର ନିଗମ ଭାବେ ଘୋଷଣା ତାହାର ପ୍ରଥମ ପଦକ୍ଷେପ। ହବିଷିଆଳି ମା'ମାନଙ୍କ ଭକ୍ତି ଓ ପ୍ରାର୍ଥନା ଓଡ଼ିଶାକୁ ଆଶୀର୍ବାଦ କରିବା ସହ ସମାଜକୁ ଶାନ୍ତି ପଥରେ ଆଗେଇ ନେବ। ଚଳିତ ବର୍ଷ ପ୍ରାୟ ୨ ହଜାର ୫୦୦ ହବିଷିଆଳି ମା'ମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ୫ଟି ନିର୍ଦ୍ଧାରିତ ସ୍ଥଳରେ ରହିବା ଓ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ସରକାର ପକ୍ଷରୁ ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ଏହା ଗତବର୍ଷ ତୁଳନାରେ ୭୦ଲକ୍ଷ ଅଧିକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହବିଷିଆଳି ଯୋଜନାକୁ ନିରନ୍ତର ସୁଦୃଢ଼ କରାଯାଉଛି ଏବଂ ସମସ୍ତ ସ୍ଥାନରେ ସ୍ୱେଚ୍ଛାସେବୀ, ପୋଲିସ, ଡାକ୍ତର ଓ ସହାୟତାର ବ୍ୟବସ୍ଥା ହୋଇଛି ବୋଲି ସେ କହିଥିଲେ। ସମସ୍ତଙ୍କୁ ଜଗନ୍ନାଥ ଧର୍ମର ଶିକ୍ଷା ଅନୁସରଣ କରିବାକୁ ସେ ଆହ୍ୱାନ କରିଥିଲେ। ହବିଷିଆଳି ମା'ମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଣାମ ଜଣାଇଥିଲେ। କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ପୁରୀ ସଦର ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଏବଂ ଶେଷରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

# ରାଜ୍ୟରୁ ମୌସୁମୀ ଫେରିବା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୩।୧୦ (ବନ୍ଦନା ସେଠୀ)

ରାଜ୍ୟରୁ ବିଦାୟ ନେବ ମୌସୁମୀ। ଇତିମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଛି। ସୋମବାର ଓଡ଼ିଶାର କିଛି ଅଂଶରୁ ମୌସୁମୀ ଅପସରି ଯାଇଥିବାବେଳେ ଆଗାମୀ ୨-୩ଦିନ ମଧ୍ୟରେ ଓଡ଼ିଶା ସମେତ ଛତିଶଗଡ଼, ତେଲଙ୍ଗାନା, ମହାରାଷ୍ଟ୍ର ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଅବଶିଷ୍ଟ ଅଂଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ସମ୍ପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ ପାଇଁ ପରିସ୍ଥିତି ଅନୁକୂଳ ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ଗତ ୨୪ଘଣ୍ଟାରେ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଗଞ୍ଜାମର ପୁରୁଷୋତ୍ତମପୁରରେ ୮ସେ.ମି. ବର୍ଷା ରେକର୍ଡ ହୋଇଥିବାବେଳେ ମାଲକାନଗିରି ପୋଡିଆ ଏବଂ ଗଞ୍ଜାମର ଗୋପାଳପୁରଠାରେ ୬ ସେ.ମି., ଚିକିଟି, ପାତ୍ରପୁର, ଗଜପତିର ନୂଆଗଡ଼ ଓ କୋରାପୁଟର ଲମତାପୁଟଠାରେ ୪ସେ.ମି. ଲେଖାଏ ବର୍ଷା ହୋଇଛି। ଆଗାମୀ ୨ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ମଙ୍ଗଳବାର କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ ଏବଂ ଗଜପତି ଜିଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ପବନ ସହିତ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ବୁଧବାର ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାର କିଛି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

# ଫେରାର ୨ ଅଭିଯୁକ୍ତଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି

## ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ଜାଲିଆତି ମାମଲା

କଟକ,୧୩।୧୦(କାର୍ତ୍ତିକ ସାହୁ)

ପୋଲିସ ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ଫେରାର ଥିବା ୨ ଅଭିଯୁକ୍ତଙ୍କ ବିରୋଧରେ ଓଡ଼ିଶା କ୍ରାଇମବ୍ରାଞ୍ଚ ସୋମବାର ଲୁକ୍ ଆଉଟ୍ ସର୍କୁଲାର ଜାରି କରିଛି। ଫେରାର ଅଭିଯୁକ୍ତଦ୍ୱୟ ହେଲେ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟି। ସୂଚନାନୁସାରେ, ଓଡ଼ିଶା କ୍ରାଇମବ୍ରାଞ୍ଚ ବିଶେଷ ସୂତ୍ରରୁ ଜାଣିବାକୁ ପାଇଛି ଯେ, ଅଭିଯୁକ୍ତଦ୍ୱୟ ଦେଶ ଛାଡ଼ି ପଳାଇ ଯାଇପାରନ୍ତି। ତେଣୁ ସେମାନଙ୍କୁ ଦେଶ ଛାଡ଼ି ନ ଯିବା ପାଇଁ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଛି। ଏହାଦ୍ୱାରା ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ସେଭଳି କୌଣସି ପରିସ୍ଥିତି ସୃଷ୍ଟି ହେଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ। କ୍ରାଇମବ୍ରାଞ୍ଚ ସମସ୍ତ ପ୍ରକାର ଚେଷ୍ଟା କରିବା ସତ୍ତ୍ୱେ ଦୁଇ ଅଭିଯୁକ୍ତଙ୍କୁ ଖୋଜି ପାଇବାରେ ବିଫଳ ହୋଇଛି। ଏପରିକି ପ୍ରାୟ ୭ଟି ରାଜ୍ୟରେ ତନାଘନା କରିବା ପରେ ବି ରାଜ୍ୟ ବାହାରେ ଦୁହିଁଙ୍କୁ ପାଇପାରିନାହିଁ କ୍ରାଇମବ୍ରାଞ୍ଚ। ତେବେ ଅଦ୍ୟାବଧି ମଧ୍ୟସ୍ଥ ସାଜିଥିବା ୨ ଫେରାର ଅଭିଯୁକ୍ତଙ୍କ ସମେତ ମୋଟ ୮ଜଣ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଛି କ୍ରାଇମବ୍ରାଞ୍ଚ। ସେଥିରେ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାକୁ ମଧ୍ୟ ଜବତ କରାଯାଇଛି। ଉଲ୍ଲେଖଯୋଗ୍ୟ, ପ୍ରାଥମିକ ପର୍ଯ୍ୟାୟରେ ମୋଟ ୧୧୭ ଜଣଙ୍କୁ ପୋଲିସ ଗିରଫ କରିଥିଲା। ତନ୍ମଧ୍ୟରେ ୧୧୪ ନିଯୁକ୍ତି ଆଶାୟୀ ଥିବାବେଳେ ୩ ଜଣ ଦଲାଲ ରହିଥିଲେ। ପରବର୍ତ୍ତୀ ସମୟରେ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ତେବେ ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ମିଳିପାରିନାହିଁ।

# ୮୦୦ ବାଦୁଡ଼ି ମାରିଦେଲେ, ୧୧ ଶିକାରୀ ଗିରଫ



ଖୁଣ୍ଟୁଣୀ,୧୩।୧୦(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କପୁରସିଂଠାରେ ଦୀର୍ଘଦିନ ଧରି ବନ୍ଦ ହୋଇ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ବନସ୍ପତି କାରଖାନା ଭିତରେ ବାଦୁଡ଼ି ପକ୍ଷୀ ମାରୁଥିବାବେଳେ ୧୧ଜଣ ଶିକାରୀଙ୍କୁ ସ୍ଥାନୀୟ ଲୋକେ ଧରି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କ ଜିମା ଦେଇଛନ୍ତି। ବନାଞ୍ଚଳ ଅଧିକାରୀ ୩ଟି ବସ୍ତାରେ ଥିବା ୮୦୦ ମୃତ ବାହୁଡ଼ି ସହ ୧୧ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କଠାରୁ ଏକ ଅଟୋ ମଧ୍ୟ ଜବତ କରାଯାଇଛି। ବନ୍ୟଜନ୍ତୁ ଶିକାର ଆଇନ ଓ ପଶୁପକ୍ଷୀ ଶିକାର କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସେମାନଙ୍କୁ ଅଧିକ ପଚରାଉଚରା କରାଯାଉଥିବାରୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ଏସିଏଫ ତଥା ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଗଣମାଧ୍ୟମକୁ କହିଛନ୍ତି। ଧରାପଡିଥିବା ବ୍ୟକ୍ତିମାନେ ହେଲେ ଭୁବନେଶ୍ୱର ମୈତ୍ରୀବିହାର ଥାନା ସାଲିଆ ସାହିର ରାମ ଶବର, ଶେଖର ଶବର, ସୂର୍ଯ୍ୟ ଶବର, ବାପି ଶବର, ଅଭୟ ଶବର, ରଞ୍ଜନ ଶବର, ଅଜୟ ଶବର, ପାପୁ ଶବର ଓ ଅଶୋକ ଶବର ଏବଂ ଭୁବନେଶ୍ୱର ଶହୀଦନଗର ଥାନା ବେହେରା ସାହିର ପଥର ବନ୍ଧ ଗ୍ରାମର ବାବୁଲି ନାୟକ ଏବଂ ଯାଜପୁର ଜିଲା ଦାନଗଦୀ ଥାନା ମାନଗୋବିନ୍ଦପୁର ଗ୍ରାମର ଦୀପକ ଶବର। ଏମାନେ ସମସ୍ତେ ଭୁବନେଶ୍ୱର ସାଲିଆ ସାହିରେ ରହି ଦୀର୍ଘ ଦିନ ହେବ ବିଭିନ୍ନ ଜଙ୍ଗଲିଆ ସ୍ଥାନ, ପରିତ୍ୟକ୍ତ କାରଖାନା ଆଦି ସ୍ଥାନରୁ ଏହି ବିରଳ ପକ୍ଷୀ ମାରିଥାନ୍ତି ବୋଲି ବନବିଭାଗ ଜାଣିବାକୁ ପାଇଛି। ସେମାନେ ଶିକାର କରିବା ପୂର୍ବରୁ ଏକ କେମିକାଲ ସ୍ପ୍ରେ କରିଥାନ୍ତି, ଏହାଦ୍ୱାରା ପକ୍ଷୀଟି ଉଡ଼ି ନ ପାରି ବେହୋସ ହୋଇ ଯାଇଥାଏ। ପରେ ତାକୁ ମାରି ବସ୍ତାରେ ପୂରାଇ ଏମାନେ କେଉଁଠି ବିକ୍ରି କରନ୍ତି କିମ୍ବା କୌଣସି ଔଷଧ ପ୍ରସ୍ତୁତି ସଂସ୍ଥାକୁ ଦେଇଥାନ୍ତି ତା'ର ତଦାରଖ ବନବିଭାଗ କରୁଥିବା ଏସିଏଫ ସାହୁ କହିଛନ୍ତି। ବାଦୁଡ଼ି ପକ୍ଷୀର ମାଂସ ଶ୍ୱାସ ରୋଗ ଭଲ କରୁଥିବାବେଳେ ଏହାର ଅନ୍ୟାନ୍ୟ ଅଙ୍ଗ ମଧ୍ୟ ଔଷଧୀୟ କାର୍ଯ୍ୟରେ ଲାଗୁଥିବା କୁହାଯାଉଛି। ଏତେ ପରିମାଣରେ ବିରଳ ବାଦୁଡ଼ି ପକ୍ଷୀ ଶିକାର ସ୍ଥାନୀୟ ଅଞ୍ଚଳରେ ପ୍ରଥମ ଘଟଣା ବୋଲି କୁହାଯାଉଛି।



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ -୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ଭିଏସ୍ଏସ୍ ନଗର, ସମୟ: ସନ୍ଧ୍ୟା ୬ଟା ୩୦।
- ଡ. ସଚ୍ଚି ଦାସ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ନାଟକ ଇନ୍ଦ୍ରପୁରୀରେ ସଚ୍ଚି କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ମେଲୋଡ଼ି ଗୀତ୍ ସାଗର କାର୍ଯ୍ୟକ୍ରମ, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

### ବାଲେଶ୍ୱର
- ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାମୁଦ୍ରିକ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକ ସଚେତନତା ଓ ସମ୍ବେଦୀକରଣ କର୍ମଶାଳା, ସ୍ଥାନ: ଖଡ୍ଡୁପାହି ବାତ୍ୟା ଆଶ୍ରୟସ୍ଥଳୀ, ଖାଣ୍ଡିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଭଦ୍ରକ
- ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାହ-୨୦୨୫ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଭଲିବଲ୍ ଚାମ୍ପିୟନଶିପ୍ର ଉଦ୍ଯାପନୀ, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ସମୟ: ଅପରାହ୍ନ ୪ଟା।

### ମୟୂରଭଞ୍ଜ
- ୨ ଦିନିଆ ଫୁଟ୍‌ବଲ ଖେଳର ଉଦ୍ଯାପନୀ ସମାରୋହ,ସ୍ଥାନ:ଶୀଳଘାଟି ଖେଳ ପଡ଼ିଆ, ଗୋପବନ୍ଧୁ ନଗର,ସମୟ:ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର
- ରଘୁନାଥ ପଣ୍ଡାଙ୍କ ସ୍ମୃତି ସଭା,ସ୍ଥାନ: ପାଢୀ ସେଲିବ୍ରେସନ, ଗିରି ରୋଡ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ କମିଟି (ପୂର୍ବ) ପକ୍ଷରୁ ଧାରଣା, ସ୍ଥାନ : ଗାନ୍ଧୀନଗର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମା କୁମାରୀସ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ଶାନ୍ତି କୁଣ୍ଡ, ଗିରି ରୋଡ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଗଞ୍ଜାମ
- କ୍ଲଷ୍ଟର ସ୍ତରୀୟ ସୁରଭି, ସ୍ଥାନ: ଆସିକା ଏନ୍ଏସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସୁନାରେଡ଼ି ପ୍ରାଥମିକ ବିଦ୍ୟାଳୟ ପାତ୍ରପୁର, ସମୟ: ପୂର୍ବାହ୍ନ ୧୧ ଟା।

### ଢେଙ୍କାନାଳ
- ତପୋବନ ମେଳା ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ହଲ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- କାଞ୍ଚନ ବଜାର ପ୍ଲାଟିନମ ଜୟନ୍ତୀ ଉଦ୍ଯାପନ, ସ୍ଥାନ: ଢେଙ୍କାନାଳ ସହର କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା ୩୦।
- ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍ଯାପନୀ ସମାରୋହ, ସ୍ଥାନ: ଢେଙ୍କାନଳ ସହର ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

### ଅନୁଗୋଳ
- ଦେୟମୁକ୍ତ ଅପେରା, ସ୍ଥାନ: ଆଠମଲ୍ଲିକ ରଥସାହି ରଥପଡ଼ିଆ, ସମୟ: ରାତି ୯ଟା।

### ଜଗତ୍‌ସିଂହପୁର
- କେନ୍ଦ୍ର ଏମ୍ଏସ୍ଏମ୍ଇ ବିଭାଗ ପକ୍ଷରୁ ଉଦ୍ୟୋଗୀମାନଙ୍କୁ ନେଇ କର୍ମଶାଳା, ସ୍ଥାନ: ବିଜୁ କନ୍‌ଭେନସନ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲାସ୍ତରୀୟ ୮ମ ରାଷ୍ଟ୍ରୀୟ ପୋଷଣ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ସମବାୟ ବର୍ଷ ଜିଲାସ୍ତରୀୟ ଉତ୍ସବ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ମା' ଗଜଲକ୍ଷ୍ମୀ ଭସାଣି ଉତ୍ସବ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ପଲସ୍ ପୋଲିଓ ଅଭିଯାନ ଉଦ୍ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ସମସ୍ତ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୮ଟା।

### ନୟାଗଡ଼
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ବାଉଁଶିଆପଡା, ବନମାଳିପୁର, ବଳରାମପୁର, ପାଟପୁର, ହରେକୃଷ୍ଣପୁର ଓ ପୁରୁଷୋତ୍ତମପୁର, ସମୟ: ସକାଳ ୮ଟାରୁ ରାତି ୯.୩୦।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୫ମ ଦିବସରେ ବନଗମନ ଲୀଳା ଓ କେଉଟ ପ୍ରସଙ୍ଗ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୫ମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା।

### ରାୟଗଡ଼ା
- ସୁରଭି-୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଏସ୍ଏସ୍‌ଡି ହାଇସ୍କୁଲ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟ, ରାୟଗଡା,
- ସମୟ: ପୂର୍ବାହ୍ନ ୧୧ଟା।

### ନବରଙ୍ଗପୁର
- ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପିଏମ୍ ଶ୍ରୀ ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ଥାନ: ପାପଡାହାଣ୍ଡି ବ୍ଲକ ଦଲେଇଗୁଡ଼ାସ୍ଥିତ ସରକାରୀ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟ, ସ୍ଥାନ: ଡାବୁଗାଁ ସରକାରୀ (ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- ସ୍ୱାସ୍ଥ୍ୟ ଓ ଆଇସିଡିଏସର ଯୁଗ୍ମ ପରିଚାଳନା କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଏକ୍ସ ବୋର୍ଡ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ମାନ ନିର୍ଦ୍ଧାରଣ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଆଇସିଡିଏସ୍ ପକ୍ଷରୁ ପୋଷଣ କାର୍ଯ୍ୟକ୍ରମ, ସ୍ଥାନ: କାର୍ଯ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଡିଆରଡିଏ ସଦଭାବନା ଗୃହ, କୋରାପୁଟ, ସମୟ:ପୂର୍ବାହ୍ନ ୧୧ଟା ୩୦।
- କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ପଦାବାଗ୍ରୀ ସେବାଶ୍ରମ, ଢୁମ୍ଭାଗୁଡ଼ା ପଞ୍ଚାୟତ, ସମୟ: ମଧ୍ୟାହ୍ନ ୧୨ ଟା।
- ଏକତା ଅନୁଷ୍ଠାନ ପକ୍ଷରୁ ଶିଶୁ ଅଧିକାର ସମ୍ପର୍କିତ କର୍ମଶାଳା, ସ୍ଥାନ: ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଜିଲାସ୍ତରୀୟ କଳା ଉତ୍ସବ, ସ୍ଥାନ : ବୁଢ଼ାରଜା ଉଚ୍ଚବିଦ୍ୟାଳୟ ସ୍ଥିତ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ଜିଲାସ୍ତରୀୟ ପୋଷଣ ମାହ କାର୍ଯ୍ୟକ୍ରମ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଯୁଥ କନକ୍ଲେପ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ଗାୟତ୍ରୀ ପୀଠ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ନ ୧୧ଟା।

### ରାଉରକେଲା
- ରାଉରକେଲା ମହାବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା, ସ୍ଥାନ: ଓରାମପଡା, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାଗବତ ପାରାୟଣ ଉତ୍ସବ ଉଦ୍ଯାପନୀ ଦିବସ, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।
- ପଦ୍ମବର୍ଣ୍ଣା ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟ୍ୟ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୬, ସମୟ: ରାତ୍ରି ୮ଟା।

### ସୁନ୍ଦରଗଡ଼
- ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ:ମଝାପଡା,ସମୟ: ସକାଳ ୧୦ଟା।
- ଜିଲା ସ୍ତରୀୟ ପୋଷଣ ମାସ -୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ,ସମୟ ପୂର୍ବାହ୍ନ ୧୧ଟା।

### ବରଗଡ଼
- ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପି.ଏମ.ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୮ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା।
- ଜିଲା ରେଳ ଉପଭୋକ୍ତା ସଂଘର ବୈଠକ, ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ସନ୍ଧ୍ୟା ୬ଟା ୧୭ମି।

### କଳାହାଣ୍ଡି
- ଆଇସିଡ଼ିଏସ୍ ଓ ମିଶନଶକ୍ତି ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ସମସ୍ୟା ନେଇ ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଥୁଆମୂଳ ରାମପୁର, ସମୟ: ସକାଳ ୧୦ଟା।

### ବୌଦ୍ଧ
- ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି କର୍ମଶାଳା, ସ୍ଥାନ: ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ଦିନ ୧୦ଟା ୩୦।

### ଦେବଗଡ଼
- ଜିଲାସ୍ତରୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ କଂସର ଗ୍ରାମପଞ୍ଚାୟତ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆସ ସ୍କୁଲଯିବା ଜିଲାସ୍ତରୀୟ ପଦଯାତ୍ରା, ସ୍ଥାନ: ଦେବଗଡ଼ ବାଳକ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଅଖଣ୍ଡ ନାମଯଜ୍ଞର ସପ୍ତମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା।
- ବୁଣାକାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ସିଆଳବାହାଲି ବୁଣାକାର ପ୍ରଶିକ୍ଷଣ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପୋଷଣ ମାସ ପାଳନୋତ୍ସବ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ହରଗୌରୀ ଯାତ୍ରା ଅବସରରେ ଭଜନ ସନ୍ଧ୍ୟା ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଢେରାପଡା ସାଂସ୍କୃତିକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ ସୁବିଧାରେ ପ୍ରତ୍ୟେକ କାମ ହାସଲ କରିବେ ଓ ଅର୍ଥ ମଧ୍ୟ ପାଇବେ। ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବା ସମ୍ଭାବନା ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ଅଶ୍ୱିନୀ ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟିହୋଇପାରେ।

**ବୃଷ** ଅର୍ଥ ଓ ସମ୍ମାନ ପାଇବା ସକାଶେ ନିଜକୁ ଏଥିପାଇଁ ବହୁ ସଂଘର୍ଷ କରିବାକୁ ପଡ଼ିବ। ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରୁହନ୍ତୁ, ନଚେତ୍ ସାଧାରଣ କଥାରେ କଳହର ସମ୍ଭାବନା ରହିଛି। କୃତ୍ତିକାର ସାଙ୍ଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଘରେ ବନ୍ଧୁମିଳନ ସହ ଖୁସିର ଆସର ଜମିପାରେ।

**ମିଥୁନ** କର୍ମକ୍ଷେତ୍ରର ପ୍ରତିକୂଳ ପରିବେଶରେ କାମଗୁଡ଼ିକ ଆଜି ବାସ୍ତବରେ ଓଲଟା ହୋଇପାରେ। ଯେତେ ଭଲ ଚିନ୍ତାକଲେ ମଧ୍ୟ ଅନ୍ୟମାନେ ଆପଣଙ୍କୁ ଆଡ୍‌ଜଷ୍ଟ ହେବେ ନାହିଁ। ପାରିବାରିକ କଳହରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧହେବେ। ଅବଶ୍ୟ ପୁନର୍ବସୁ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ଅତୀତ ଘଟଣାର ସମୀକ୍ଷାକରି ଦୁଶ୍ଚିନ୍ତାଗ୍ରସ୍ତ ହେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ନିକଟରୁ କିମ୍ବା ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ। ଅଶ୍ଳେଷା ନକ୍ଷତ୍ର ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବାରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଏଜେନ୍ସିପରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାରକରିବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମାନସିକ ସ୍ଥିତି ଭଲ ରହିବ।

**କନ୍ୟା** ସାମାଜିକ ସ୍ତରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗକରି କାମ ହାସଲରେ ସମର୍ଥ ହେବେ। ପରିସ୍ଥିତି ଗମ୍ଭୀର ରହିଲେ ମଧ୍ୟ କୌଣସି କଥାରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ହସ୍ତା ନକ୍ଷତ୍ର ସକାଶେ ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ। ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମ ତଥା ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ତୁଳା** ସ୍ୱାତୀ ନକ୍ଷତ୍ର ସକାଶେ ନିଜର ଠିକ୍ ବୁଝାମଣା ଅଭାବରୁ ପରିବାରରେ କଳହ ଲାଗିପାରେ। ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ମଧ୍ୟାହ୍ନେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ।

**ବିଛା** ଆପଣଙ୍କ ପ୍ରୟୋଗାତ୍ମକ କୌଶଳ ହେତୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସି ହୋଇଯିବେ। ପ୍ରଶାସନ, ସାହିତ୍ୟ, ରାଜନୀତି ପାଇଁ ଦିନଟି ଭଲ। ଅନୁରାଧାର ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେନାହିଁ।

**ଧନୁ** କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନାହିଁ। ମୂଳା ନକ୍ଷତ୍ର ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ଆପଣଙ୍କ ମନୋବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଆଜିର ଦୂରଯାତ୍ରା, ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବନ୍ଧୁଙ୍କ ସହ ଆଲୋଚନା ନିଶ୍ଚିତ ସଫଳ ହେବ।

**ମକର** ଆଶାକରୁଥିବା ଜିନିଷର ପ୍ରାପ୍ତିର ଆଶା ନେଇ ମାନସିକ ସ୍ଥିତି ଭଲ ରହିବ। ଅଧିକାଂଶ ସମୟ ମାନସିକ ଦ୍ୱନ୍ଦ୍ୱରେ ପଡ଼ି ପରିବାରର ପ୍ରତ୍ୟେକ ସଦସ୍ୟଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଶ୍ରବଣା ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** ବହୁଦିନରୁ ରହି ଆସିଥିବା ସମସ୍ୟାଗୁଡ଼ିକ ସମାଧାନ କରିବାରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସମର୍ଥନ ପାଇବେ। ଶତଭିଷା ନକ୍ଷତ୍ରର ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ। ଅଫିସରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବେ। ଭାବପ୍ରବଣତା ଯୋଗୁ ପାରିବାରିକ କ୍ଷେତ୍ରରେ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମୀନ** ସମସ୍ୟା ସେତେଟା ପ୍ରତିକୂଳ ନ ହେଲେ ମଧ୍ୟ ଅଯଥା ଗୁଡ଼ାଏ କଥା ଚିନ୍ତାକରି ମନ ଅସ୍ଥିର ରହିବ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପାରିବାରିକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ରେବତୀ ନକ୍ଷତ୍ରର ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

ଆଜି ଅକ୍ଟୋବର ୧୪ ତାରିଖ, କାର୍ତ୍ତିକ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ମଙ୍ଗଳବାର। ଦିବା ଘ.୧୧।୫୫ ମି. ପର୍ଯ୍ୟନ୍ତ ପୁନର୍ବସୁ/କର୍କଟ, ଅଷ୍ଟମୀ ଏବଂ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୫।୪୪ ଗତେ, ଘ.୦୬।୩୦ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୬ ଗତେ, ଘ.୦୩।୫୩ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ସ୍ୱତନ୍ତ୍ର ବୁଥ୍...

ସେ କହିଛନ୍ତି, ନୂଆପଡ଼ା ଉପନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାର ସହ ହେବ ସେନେଇ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ମାଓପ୍ରବଣ ଅଞ୍ଚଳରେ ଥିବା ସମ୍ବେଦନଶୀଳ ବୁଥ୍ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ସମ୍ବେଦନଶୀଳ ୮ଟି ବୁଥ୍ ପାଇଁ ହେଲିକପ୍ଟର ବ୍ୟବସ୍ଥା ହୋଇଛି ; ଯେଉଁଥିରେ ପୋଲିଂ ଅଧିକାରୀମାନେ ଯାଇ ଭୋଟିଂ ସାରି ଫେରିପାରିବେ। ଏଥିସହ ଏହି ନିର୍ବାଚନ ଲାଗି ୧୪ କମ୍ପାନୀ ସେଣ୍ଟ୍ରାଲ ଆର୍ମ ଫୋର୍ସ ମୁତୟନ ହେବେ। ନଭେମ୍ବର ୧୧ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲୁ ରହିବ। ମାଓ ପ୍ରବଣ ଅଞ୍ଚଳର ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ନଭେମ୍ବର ୧୬ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ତେବେ ମତଦାନ ବେଳେ କୌଣସି ମୋବାଇଲ ମତଦାନ କକ୍ଷ ଭିତରକୁ ଯିବାକୁ ଅନୁମତି ଦିଆଯିବ ନାହିଁ। ଏହି ସମୟରେ ମତଦାତାମାନେ ସେମାନଙ୍କ ମୋବାଇଲ ନିର୍ଦ୍ଦିଷ୍ଟ ବାକ୍ସରେ ରଖିବେ, ତାହା ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ମତଦାନ ପରେ ସେମାନେ ନିଜ ମୋବାଇଲ ବାକ୍ସରୁ କାଢ଼ି ନେଇପାରିବେ। ଫଳରେ ସାମାଜିକ ଗଣମାଧ୍ୟମର ଅପବ୍ୟବହାରକୁ ରୋକାଯାଇପାରିବ। ଭାରତର ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏହି ବ୍ୟବସ୍ଥା ପ୍ରଥମଥର ପାଇଁ ଓଡ଼ିଶାର ନୂଆପଡ଼ାରେ ଆରମ୍ଭ ହେବାକୁ ଯାଉଛି ବୋଲି ଗୋପାଳନ କହିଥିଲେ। ସୋମବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବାକୁ ରହିଥିଲେ ହେଁ ଅପରାହ୍ନ ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ଜଣାପଡ଼ିଛି।

### ରାଜଧାନୀରେ ଦିନକରେ...

ଅନ୍ତର୍ଗତ ଶୈଳେଶ୍ରୀ ବିହାରରେ ଜଣେ ଯୁବକଙ୍କୁ ପଥରେ ଛେଚିଅତିନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ଯୁବକଙ୍କ ପରିଚୟ ଜଣାପଡ଼ିନାହିଁ। ଆକ୍ରମଣରେ ଯୁବକଙ୍କ ମୁହଁ କ୍ଷତବିକ୍ଷତ ହୋଇଯାଇଥିବାରୁ ତାଙ୍କୁ ଚିହ୍ନିବା ମଧ୍ୟ କଷ୍ଟକର ହୋଇପଡିଛି। ଏହି ଘଟଣାରେ କେତେଜଣଙ୍କ ସମ୍ପୃକ୍ତି ରହିଛି, ସେନେଇ ସ୍ପଷ୍ଟ ହୋଇପାରିନାହିଁ। ତେବେ ପ୍ରାଥମିକ ଅନୁସନ୍ଧାନରୁ ମୃତକ ଜଣକ ଅନ୍ୟ ରାଜ୍ୟର ହୋଇଥିବାବେଳେ ସେ ସ୍ଥାନୀୟ ଅଞ୍ଚଳରେ ନିର୍ମାଣ ଶ୍ରମିକ ଭାବେ କାମ କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ସକାଳ ସମୟରେ ସ୍ଥାନୀୟ ଲୋକମାନେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଶବ ବ୍ୟବଚ୍ଛେଦ ଗୃହରେ ଯୁବକଙ୍କ ମୃତଦେହକୁ ରଖାଯାଇଛି। ତେବେ ଯୁବକଙ୍କ ପରିବାର କିମ୍ବା ସମ୍ପର୍କୀୟ ଜଣାପଡି ନ ଥିବାରୁ ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ୭ ନଂ କର୍ପୋରେଟର ଯଶୋଧାରା ପ୍ରଧାନ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ./୬୩୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହର ପରିଚୟ ପାଇବାକୁ ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ଗିରୀଶ ଚନ୍ଦ୍ର ମହାରଣା କହିଛନ୍ତି।

### ଡାକ୍ତରୀ ଛାତ୍ରୀ...

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଘଟଣାକୁ ଦୁଃଖଦାୟକ ବୋଲି କହିବା ସହ ଏଭଳି ଅପରାଧକୁ ତାଙ୍କ ସରକାର ବରଦାସ୍ତ କରିବ ନାହିଁ ବୋଲି ରବିବାର କହିଥିଲେ। ତେବେ ବିଳମ୍ବିତ ରାତିରେ ମହିଳାମାନେ ଏକାକୀ ବାହାରେ ନ ବୁଲିବାକୁ ମମତା ଆହ୍ୱାନ ଦେଇଥିବାରୁ ବିରୋଧୀ ଦଳ ଏବଂ ମହିଳା ଅଧିକାର ସଂଗଠନଗୁଡ଼ିକ ଏହାକୁ ତୀବ୍ର ନିନ୍ଦା କରିଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ତୃଣମୂଳ କଂଗ୍ରେସ କର୍ମୀ ବୋଲି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି।

### ୩ ଗବେଷକଙ୍କୁ...

ଅର୍ଥନୀତିକୁ ଆଗକୁ ବଢ଼ାଇଥାଏ ସେ ସମ୍ପର୍କିତ ଗବେଷଣା ପାଇଁ ଅର୍ଥନୀତି କ୍ଷେତ୍ରରେ ଚଳିତ ବର୍ଷର ନୋବେଲ ପୁରସ୍କାର ପ୍ରଦାନ କରାଯିବ ବୋଲି ନୋବେଲ କମିଟି ପକ୍ଷରୁ କୁହାଯାଇଛି। ଆସନ୍ତା ଡିସେମ୍ବର ୧୦ରେ ଆଲ୍‌ଫ୍ରେଡ୍ ନୋବେଲଙ୍କ ତିରୋଧାନ ବାର୍ଷିକୀ ଅବସରରେ ଏହି ୩ ଗବେଷକ ନୋବେଲ ପୁରସ୍କାରରେ ସମ୍ମାନିତ ହେବେ।

### ସମସ୍ତ ପଣବନ୍ଦୀଙ୍କୁ...

ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମହିଳା ଓ ଛୋଟ ପିଲା। ଏଥିସହିତ ଯୁଦ୍ଧରେ ଦେଶର ୯୦ ଭାଗ ଲୋକ ଘରଦ୍ୱାର ହରାଇ ଅନ୍ୟତ୍ର ଆଶ୍ରୟ ନେଇଥିଲେ। ଗାଜାର ଅଧିକାଂଶ ଭାଗରେ ଦୁର୍ଭିକ୍ଷ ଦେଖାଦେବା ସହ ମାନବୀୟ ସଙ୍କଟ ସୃଷ୍ଟି ହୋଇଥିଲା। ଯୁଦ୍ଧ ବନ୍ଦ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚାପ ଜୋର୍ ଧରିଥିଲା। ଆମେରିକା, ଇଜିପ୍ଟ, କାତାର ଆଦି ଦେଶ ଯୁଦ୍ଧବିରତି ପାଇଁ ଦୀର୍ଘଦିନ ଉଦ୍ୟମ ଚଳାଇଥିଲେ। ଶେଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଣିଥିବା ୨୦ ସୂତ୍ରୀ ପ୍ରସ୍ତାବରେ ଉଭୟ ଇସ୍ରାଏଲ୍ ଓ ହମାସ୍ ରାଜି ହୋଇଥିଲେ। ଉକ୍ତ ଚୁକ୍ତିନାମା ଅନୁଯାୟୀ, ଗତ ୧୦ ତାରିଖରୁ ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ଆରମ୍ଭ ହୋଇଛି। ଇସ୍ରାଏଲ୍ ଗାଜାରୁ ଏହାର ସୈନ୍ୟଙ୍କୁ ଆଂଶିକ ପ୍ରତ୍ୟାହାର କରିଥିବାବେଳେ ଗାଜାର ବିସ୍ଥାପିତ ଲୋକମାନେ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସର୍ତ୍ତ ଅନୁଯାୟୀ ସୋମବାର ହମାସ୍ ଜୀବିତ ୨୦ ଇସ୍ରାଏଲୀ ପଣବନ୍ଦୀମାନଙ୍କୁ ମୁକ୍ତ କରିଦେଇଛି। ସୂଚନାଯୋଗ୍ୟ, ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଯୁଦ୍ଧବିରତି ସହ ବନ୍ଦୀ ଏବଂ ପଣବନ୍ଦୀ ବିନିମୟ ଗତ ଜାନୁଆରୀ ୧୯ରେ ଆରମ୍ଭ ହୋଇ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ୮ ପର୍ଯ୍ୟାୟରେ ପଣବନ୍ଦୀ ଓ ବନ୍ଦୀ ବିନିମୟ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଇସ୍ରାଏଲ୍ ନୂଆ ସର୍ତ୍ତ ଆଣି ଗାଜା ଷ୍ଟ୍ରିପ୍‌ରୁ ଅବରୋଧ ହଟାଇବା ପ୍ରତିଶ୍ରୁତିରୁ ଓହରିବା ସହ ଆକ୍ରମଣ ଜାରି ରଖିବାରୁ ଯୁଦ୍ଧବିରତି ଚୁକ୍ତିନାମା ବିଫଳ ହୋଇଥିଲା।

### ଭୁବନେଶ୍ୱରରେ ୪୭ ହଜାର...



ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ବୁଲା କୁକୁର ଗଣନା କରାଯାଉଛି।

ଗଣନା ପୂର୍ବରୁ ସେମାନଙ୍କୁ ଜୋନ୍‌ସ୍ତରରେ ତାଲିମ ଦିଆଯାଇଥିଲା। ବୈଷୟିକ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତିରେ ଏହି ଗଣନା କାର୍ଯ୍ୟ ହୋଇଥିଲା। ବୁଲାକୁକୁର ଓ ମନୁଷ୍ୟଙ୍କ ମଧ୍ୟରେ ହେଉଥିବା ଲଢେଇକୁ ହ୍ରାସ କରିବା, ବୁଲା କୁକୁରଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ଦିଗରେ ଉନ୍ନତି ଆଣିବା, କୁକୁର ବନ୍ଧ୍ୟାକରଣ ପାଇଁ ଏକ ଦକ୍ଷ ଏବଂ ପ୍ରଭାବଶାଳୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା, କୁକୁର କାମୁଡ଼ା ହ୍ରାସ କରିବା, ରାବିଜ୍ ପରି ବିଭିନ୍ନ ମାରାତ୍ମକ ରୋଗ ସଂକ୍ରମଣରୁ ଜନସାଧାରଣ ଏବଂ ଅନ୍ୟ କୁକୁରମାନଙ୍କୁ ରକ୍ଷା କରିବା, କୁକୁରଙ୍କ ଯୋଗୁ ଅନେକ ସମୟରେ ହେଉଥିବା ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣାକୁ ହ୍ରାସ କରିବା ଏବଂ ବିଏମ୍‌ସି ଅଞ୍ଚଳରେ କୁକୁରଙ୍କ ସାନ୍ଦ୍ରତା ସମ୍ପର୍କରେ ଜାଣିବା ଏହି ଗଣନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମେୟର କହିଛନ୍ତି।

ଅପରପକ୍ଷରେ ଭୁବନେଶ୍ୱରରେ ବୁଲାକୁକୁର ସଂଖ୍ୟା ନିୟନ୍ତ୍ରଣ ପାଇଁ ବିଏମ୍‌ସି ଆକ୍ସନ ପ୍ଲାନ ପ୍ରସ୍ତୁତ କରିଥିବା ନେଇ କମିଶନର ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଏମ୍‌ସି ପକ୍ଷରୁ ଟିକାକରଣ ଏବଂ ବନ୍ଧ୍ୟାକରଣକୁ ଅଧିକ ଗୁରୁତ୍ୱ ଦିଆଯିବ। ପ୍ରତିବର୍ଷ ଟିକାକରଣ କାର୍ଯ୍ୟକ୍ରମ ଜାରି ରହିବ। ସେହିଭଳି ଏବିସି କାର୍ଯ୍ୟକ୍ରମ ଜରିଆରେ ବନ୍ଧ୍ୟାକରଣ ଏବଂ ବନ୍ଧ୍ୟାକରଣ ସହ ପରବର୍ତ୍ତୀ ଯତ୍ନ ଉପରେ ଗୁରୁତ୍ୱ ଦିଆଯିବ। ବାହାର ଦେଶରେ ଚାଲିଥିବା କାର୍ଯ୍ୟକ୍ରମକୁ ମଧ୍ୟ ଆପଣାଯିବ। ଡଗ୍ ଫିଡିଙ୍ଗ ପଏଣ୍ଟକୁ ବୈଜ୍ଞାନିକ ପଦ୍ଧତିରେ କରାଯିବ ଏବଂ ଏନେଇ ପ୍ରାଣୀପ୍ରେମୀଙ୍କ ମତାମତ ନିଆଯିବ ବୋଲି କମିଶନର କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଇଁଷି ମନ୍ତର କାଇଁଶି ମନ୍ତର**
**ପିଠାକୁ ମନ୍ତର କୁଆଣି**
**ତୁମେ ଯହିଁ ପାଇଁ ନସର ପସର**
**ଆମେ ସେ କଥାଟି ଜାଣି।**

ଯିଏ ଯେଉଁଥିପାଇଁ ଆଳେଇ ପାଳେଇ ହୁଏ, ତାକୁ ଜାଣିଥିବା ଲୋକ ଠିକ୍ ଭାବେ ଠଉରାଇ ନେଇଥାଏ। ଅତି ପାଖ ଲୋକ ହିଁ ମନର ଗହୀର କଥା ନ କହିଲେ ବି ବେଶ୍ ଭଲ ଭାବେ ଜାଣିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା କଲା କର୍ମମାନ**
**ବେଳୁ ହୋଇବ ସାବଧାନ।**

ନିଜ କର୍ତ୍ତବ୍ୟ ପ୍ରତି ସଦାସର୍ବଦା ସଚେତନ ରହିବା ଜରୁରୀ ହୋଇଥିବା ବେଳେ ଏହାର ପରିଣତି ପ୍ରତି ମଧ୍ୟ ସତର୍କ ଦୃଷ୍ଟି ଦିଆଯିବା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ। ତେଣୁ ବାସ୍ତବରେ ଭବିଷ୍ୟତକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ବା ଆଗେଇବା ନିଶ୍ଚିତ ଭାବେ ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୯ ଦିନ ହେବ ଭଦ୍ରକ କାଳୀପୂଜା



ବୈଠକରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ପ୍ରତି ମଣ୍ଡପକୁ ୫୦ ହଜାର ଟଙ୍କା ଦେବେ ରାଜ୍ୟ ସରକାର

ଭଦ୍ରକ,୧୩।୧୦ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାର ପ୍ରସିଦ୍ଧ ଚରମ୍ପା କାଳୀପୂଜା ଚଳିତବର୍ଷ ୯ ଦିନ ହେବ ବୋଲି ଉଚ୍ଚଶିକ୍ଷା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଘୋଷଣା କରିଛନ୍ତି। ସୋମବାର ସକାଳ ୯ଟା ୩୦ରେ ଭଦ୍ରକ ନୂଆ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଯୋଗଦେଇ ପୂଜା କମିଟି କର୍ମକର୍ତ୍ତା ଓ ଜିଲା ପ୍ରଶାସନ ସହ ଆଲୋଚନା କରିବାରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହ ଜିଲାର ପ୍ରସିଦ୍ଧ କାଳୀପୂଜାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବା ପାଇଁ ପ୍ରତ୍ୟେକ ପୂଜା ମଣ୍ଡପକୁ ୫୦ ହଜାର ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବେ। କାଳୀପୂଜା ଦେଖିବାକୁ ଆସୁଥିବା ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥର କାଳୀପୂଜା ୭ ଦିନ ହେବ ବୋଲି ଗତ ୯ ତାରିଖରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏହାକୁ ନେଇ ସୋସିଆଲ ମିଡିଆରେ ବହୁ ଲୋକ ଅସନ୍ତୋଷ ପ୍ରକାଶ କରିଥିଲେ। ଏଣୁ ସୋମବାର ଏହି ନିଷ୍ପତ୍ତିର ପୁନର୍ବିଚାର କରାଯାଇଛି। ଚଳିତ ମାସ ୨୧ ତାରିଖରୁ କାଳୀପୂଜା ଆରମ୍ଭ ହୋଇ ୨୯ ତାରିଖ ସକାଳେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ମୁରବୀ ଓ ମୁଖିଆମାନଙ୍କୁ ସମ୍ବର୍ଦ୍ଧିତ କରାଯିବା, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି, ଶୃଙ୍ଖଳିତ ଦର୍ଶନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ମନ୍ତ୍ରୀ ଆଲୋଚନା କରିଥିଲେ। କାଳୀପୂଜା ପାଳନ ସମୟସୀମା ଉପରେ ପ୍ରତ୍ୟେକ ବର୍ଷ ଅତିରିକ୍ତ ଜିଲାପାଳ କିମ୍ବା ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇ ଧାର୍ଯ୍ୟ କରାଯିବ। ଅତିରିକ୍ତ ଏସ୍‌ପି ଓ ପୂଜା କମିଟିର କର୍ମକର୍ତ୍ତା ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଏସ୍‌ପି ମନୋଜ ରାଉତ, ଏମ୍‌ପିଙ୍କ ପ୍ରତିନିଧି ଭଗବାନ ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ପିଲାଙ୍କ ବହିବସ୍ତାନି ବୋଝ | କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କର: ଡିଇଇ

ଯାଜପୁର,୧୩।୧୦(ହର୍ଷବର୍ଦ୍ଧନ ବେହେରା)

ଅତ୍ୟଧିକ ବହିବସ୍ତାନି ବୋଝ ଯୋଗୁ ଛାତ୍ରୀଛାତ୍ରମାନେ ଗୁରୁତର ଶାରୀରିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଜ୍ଜନିତ ଚିକିତ୍ସା ବାବଦରେ ଅଭିଭାବକମାନେ ଆର୍ଥିକ ବୋଝ ଓ ମାନସିକ ଦୁଶ୍ଚିନ୍ତାର ଶିକାର ହେଉଛନ୍ତି। ପୁସ୍ତକ ବ୍ୟାଗର ଓଜନ ପିଲାଙ୍କ ଶରୀର ଓଜନର ୧୦%ରୁ ଅଧିକ ରହୁଛି, ଯାହା ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)ର ଗାଇଡଲାଇନକୁ ଉଲ୍ଲଂଘନ କରୁଛି। ଏନ୍‌ସିଇଆର୍‌ଟି ପୁସ୍ତକ ବଦଳରେ ଘରୋଇ ପ୍ରକାଶନର ପୁସ୍ତକ ବ୍ୟବହାର ଯୋଗୁ ଏଭଳି ସମସ୍ୟା ଉପୁଜୁଥିବା କୁହାଯାଉଛି। ଘରୋଇ ସ୍କୁଲ ପ୍ରଶାସନ ପିଲାମାନଙ୍କ ମାଧ୍ୟମରେ ଅଭିଭାବକମାନଙ୍କୁ ଏପରି ଅତ୍ୟଧିକ ପୁସ୍ତକ କିଣିବାକୁ ବାଧ୍ୟ କରୁଛନ୍ତି, ଯାହାର ମୂଲ୍ୟ ୩ ହଜାରରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି। ଏପରି କି କେତେକ ସ୍କୁଲ ପ୍ରଶାସନ ଅଭିଭାବକମାନଙ୍କୁ ଏନ୍‌ସିଇଆରଟି ସହିତ ଘରୋଇ ପ୍ରକାଶନ ପୁସ୍ତକ କିଣିବାକୁ ବାଧ୍ୟ କରୁଛନ୍ତି। ଏହାଦ୍ୱାରା ସ୍କୁଲ ପ୍ରଶାସନକୁ ଆର୍ଥିକ ଲାଭ ମିଳୁଛି। ଦୁର୍ଭାଗ୍ୟବଶତଃ ସରକାରୀ ଅଧିକାରୀମାନେ ମଧ୍ୟ ଏଥିରେ ଜଡିତ ରହୁଛନ୍ତି। ସେଥିପାଇଁ ଘରୋଇ ସ୍କୁଲ ଏବଂ ନିର୍ଦ୍ଦିଷ୍ଟ ଘରୋଇ ପୁସ୍ତକ ପ୍ରକାଶକମାନେ ସହଜରେ ଲାଭବାନ ହେଉଛନ୍ତି। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ଦର୍ଶାଇ ରାଜୀବ କୁମାର ପଟ୍ଟନାୟକ ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଏଚ୍‌ଆର୍‌ସି ଏନେଇ ୧୨।୭।୨୦୨୪ରେ ନଂ.୧୮୪୩/୨୦୨୪ରେ ଏକ ମାମଲା ରୁଜୁକରିବା ସହ ରାଜ୍ୟ ପ୍ରମୁଖ ଶାସନ ସଚିବ ଏବଂ ଗଣଶିକ୍ଷା ବିଭାଗ ସଚିବଙ୍କୁ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଥିଲା। ଇତିମଧ୍ୟରେ ୧ ବର୍ଷ ୩ ମାସ ଅତିକ୍ରାନ୍ତ ହୋଇସାରିଛି ଏବଂ ଏକାଧିକ ଥର ରିପୋର୍ଟ ଦାଖଲ ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ପକ୍ଷରୁ ଜିଲା ଶିକ୍ଷାଧିକାରୀ(ଡିଇଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଝାରସୁଗୁଡ଼ା ଏବଂ ବରଗଡ଼ ଜିଲା ବ୍ୟତୀତ ଅନ୍ୟ କୌଣସି ଡିଇଓ ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିନାହାନ୍ତି। ଏହିକ୍ରମରେ ଡିଇଇଙ୍କ ପକ୍ଷରୁ ଉପନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୧୮୭୮୯/୧୦।୧୦।୨୦୨୫ରେ ପୁଣି ଥରେ ଆବଶ୍ୟକ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଓଏଚ୍‌ଆର୍‌ସିରେ ହୋଇଥିବା ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ଅଧିକାଂଶ ସମୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ଡିଇଓ ଏବଂ ଏଡିଇଓଙ୍କୁ ସାରା ରାଜ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଅବଗତ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ଅଧିକାରୀମାନେ ଏହି ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଆସୁଛନ୍ତି, ଯେଉଁଥିପାଇଁ ଘରୋଇ ସ୍କୁଲ ମାଲିକମାନେ ସହଜରେ ସେମାନଙ୍କ ବ୍ୟବସାୟ କରୁଛନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ ବ୍ୟାଗ୍‌ର ଓଜନ ବୃଦ୍ଧି ନେଇ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୬ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଛୋଟ ପିଲାମାନେ କିପରି ଅଧିକ ଓଜନ ପୁସ୍ତକ ବ୍ୟାଗ ଧରୁଛନ୍ତି, ତାହା ସହଜରେ ଯେକେହି ଦେଖିପାରିବେ। ତେଣୁ ଏହାର ଏକ ସୁଚିନ୍ତିତ ସମାଧାନ କରିବାକୁ ଅଭିଯୋଗକାରୀ ପଟ୍ଟନାୟକ ଓଏଚ୍‌ଆର୍‌ସିରେ ନିବେଦନ କରିଥିଲେ।

କେନ୍ଦ୍ର ସରକାରଙ୍କ ନିୟମାନୁସାରେ ବହିବସ୍ତାନିର ଓଜନ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଦେଢ଼ କେଜି, ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ୪ କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପାଇଁ ସାଢ଼େ ୪ କେଜି ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୫ କେଜି ରହିବ। କିନ୍ତୁ ଏହାକୁ ଅଧିକାଂଶ ବିଦ୍ୟାଳୟ ପାଳନ କରୁ ନ ଥିବା ଦେଖାଯାଇଛି। ଏନେଇ ୨୦୧୯ରେ ହାଇକୋର୍ଟରେ ଏକ ମାମଲା ହୋଇଥିଲା। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏନେଇ ଏକ ବିଜ୍ଞପ୍ତି ଜାରି କରିଥିଲେ। ଏହି ବିଜ୍ଞପ୍ତି ପାଳନ ହେଉଛି କି ନାହିଁ, ତାହାର ଯାଞ୍ଚ କରିବାକୁ ଜିଲାସ୍ତରରେ ଏକ କମିଟି କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ସୁଦ୍ଧା ପିଲାମାନଙ୍କ ବହିବସ୍ତାନି ବୋଝରେ କୌଣସି ପରିବର୍ତ୍ତନ ହୋଇନାହିଁ। ଶିକ୍ଷା ବିଭାଗ ଓଏଚ୍‌ଆର୍‌ସି କିମ୍ବା ହାଇକୋର୍ଟ ନିର୍ଦ୍ଦେଶକୁ ଅବମାନନା କରୁଥିବା ଅନେକ ଉଦାହରଣ ରହିଛି। ସ୍ୱୀକୃତି ପ୍ରମାଣପତ୍ର ବା ସାର୍ଟିଫିକେଟ ଅଫ ରିକଗ୍ନାଇଜେଶନ୍(ସିଓଆର) ନ ଥିବା ଘରୋଇ ସ୍କୁଲଗୁଡ଼ିକର ତାଲିକା ମାଗି ମାଗି ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ଥକି ଯାଇଛନ୍ତି। ତେବେ ବହିବସ୍ତାନି ବୋଝ ସଂକ୍ରାନ୍ତରେ ଡିଇଓ କେବେ ରିପୋର୍ଟ ଦାଖଲ କରି ବିହିତ ପଦକ୍ଷେପ ନେଉଛନ୍ତି, ତାହା ସମୟ ହିଁ କହିବ ବୋଲି ଅଭିଭାବକ ମହଲରେ ମତପ୍ରକାଶ ପାଇଛି।

# ସହାୟତା ରାଶି ଆତ୍ମସାତ ଅଭିଯୋଗ | ଖଣ୍ଡନ କଲେ ଜଳ ବିଭାଜିକା କମିଟି ସମ୍ପାଦକ

କାମାକ୍ଷାନଗର,୧୩।୧୦ (ସୁଧୀରୀ ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଲିଯୋଡ଼ି ଜଳ ବିଭାଜିକା ପ୍ରକଳ୍ପ ସହାୟତା ରାଶି ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଜଳ ବିଭାଜିକା କମିଟି ସମ୍ପାଦକ ପ୍ରଦୀପ କୁମାର ସାମଲ ଲକ୍ଷାଧିକ ଟଙ୍କାର ସହାୟତା ରାଶି ଆତ୍ମସାତ କରିଥିବା ନେଇ ସୋମବାର ପରଜଙ୍ଗ ଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ କମିଟିର ୧୦ ସଦସ୍ୟା ସଦସ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ ରହିଛି, ବାଲିଯୋଡ଼ି ଜଳ ବିଭାଜିକା ପ୍ରକଳ୍ପରେ ଗଡ଼ପଳାଶୁଣି ପଞ୍ଚାୟତର ଡଙ୍ଗାପାଳ, ନାଗେଶ୍ୱର, କରଡ଼ାଖମଣ, ବଡ଼ସାହି, ଗଡ଼ପଳାଶୁଣି ବିଶ୍ୱାଳ ସାହି ଆସୁଛି। ଏହି ସମସ୍ତ ଗ୍ରାମରେ ହିତାଧିକାରୀଙ୍କୁ ପରିବା ଚାଷ, କୁକୁଡ଼ା ପାଳନ, ଛେଳି ପାଳନ ନିମନ୍ତେ ଜଳ ବିଭାଜିକା ପ୍ରକଳ୍ପ ପକ୍ଷରୁ ୧୬ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ମାତ୍ର ହିତାଧିକାରୀଙ୍କୁ ୨ ରୁ ୩ ହଜାର ଟଙ୍କା ଲେଖାଏ ଦେଇ ବାକି ଟଙ୍କାକୁ କମିଟି ସମ୍ପାଦକ ସାମଲ ହଡ଼ପ କରିଛନ୍ତି। ଏଥିସହିତ କମିଟି ସଦସ୍ୟା ସଦସ୍ୟଙ୍କ ଜାଲ ଦସ୍ତଖତ କରି ପ୍ରକଳ୍ପକୁ ଆସୁଥିବା ଅର୍ଥ ହଡ଼ପ କରିଛନ୍ତି ବୋଲି ସଦସ୍ୟ ଗୁରୁଦେବ ବିଶ୍ୱାଳ, ଦେବ ଜେନା, ବୀରବର ସିଂ, ପାଟରାଣୀ ସିଂ, କଳାକର ସିଂ, ଅଭିମନ୍ୟୁ ସିଂ, କୁନ୍ତଳା ସିଂ, ବିଜୟ ବେହେରା, ପବିତ୍ର ନାଏକ, ନରୋତ୍ତମ ସିଂ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ବିଭାଗୀୟ ଅଧିକରୀଙ୍କୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ନିର୍ଦ୍ଦେଶ ଦେଇଛନ୍ତି। ସୂଚଯୋଗ୍ୟ, ଗତ ୧୦ ତାରିଖରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମଧ୍ୟ କମିଟି ସଦସ୍ୟା ସଦସ୍ୟମାନେ ଏ ନେଇ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରକଳ୍ପ ନିର୍ଦ୍ଦେଶକ ଗାଁକୁ ଆସି ତଦନ୍ତ କରୁଛନ୍ତି। ଅନ୍ୟପକ୍ଷରେ ଆସିଥିବା ଅଭିଯୋଗକୁ ସମ୍ପାଦକ ସାମଲ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କିଛି ବ୍ୟକ୍ତିଗତ ରାଗ ରଖି ବଦନାମ କରିବା ଉଦ୍ଦେଶ୍ୟରେ ଏଭଳି ଅଭିଯୋଗ କରାଯାଉଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ।

# ତ୍ରିମୁଖୀ ନୁହେଁ, ଭାଜପା-କଂଗ୍ରେସ ମଧ୍ୟରେ ଲଢ଼େଇ: ଭକ୍ତ



ନୂଆପଡ଼ା ଉପନିର୍ବାଚନ

କଂଗ୍ରେସ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଥିବା ଯୁବକମାନେ।

ନୂଆପଡ଼ା,୧୩।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନରେ ତ୍ରିମୁଖୀ ନୁହେଁ, ଭାଜପା ଓ କଂଗ୍ରେସ ମଧ୍ୟରେ ଲଢେଇ ହେବ। କଂଗ୍ରେସ ବହୁମତରେ ବିଜୟୀ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର ସ୍ଥାନୀୟ ଏବିଟି ସମ୍ମିଳନୀ କକ୍ଷରେ କଂଗ୍ରେସ ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ ଭକ୍ତ କହିଛନ୍ତି, ଭାଜପା ଓ ବିଜେଡି ପ୍ରାର୍ଥୀ ଚୟନରେ ଅହେତୁକ ବିଳମ୍ବ ଯୋଗୁ ଅଧିକ ଯୁବ ଭୋଟର କଂଗ୍ରେସ ପଟକୁ ଢଳୁଛନ୍ତି । ଆଉ କଂଗ୍ରେସର ସ୍ଥିତି ମଜଭୁତ ହେବାରେ ଲାଗିଛି। ଅନ୍ୟ ଦଳର କର୍ମୀ ଓ ଭୋଟର ଆଦିବାସୀ ନେତା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ ସମର୍ଥନ ଜଣାଉଛନ୍ତି । କଂଗ୍ରେସ ରଣନୀତି ପ୍ରସ୍ତୁତ କରି ନିର୍ବାଚନୀ ମଇଦାନରେ ଓହ୍ଲାଇ ସାରିଛି। ଅନ୍ୟ ଦଳରେ ଆଶାୟୀଙ୍କ ଲମ୍ବା ଲାଇନ ରହିଥିବାରୁ ଦଳର ସୁପ୍ରିମୋ ପ୍ରାର୍ଥୀ ଚୟନ କରିବାରେ ବିଫଳ ହେଉଛନ୍ତି। କଂଗ୍ରେସ ପ୍ରାର୍ଥୀ ମାଝିଙ୍କୁ ଟକ୍କର ଦେବା ପାଇଁ ବିଜେଡି ଆଦିବାସୀ ପ୍ରାର୍ଥୀ ଦେବାକୁ ଚକ୍କର ଚଳାଇଛି। ହେଲେ ଆଦିବାସୀ ପ୍ରାର୍ଥୀ ଦେଲେ ମଧ୍ୟ ମାଝିଙ୍କ ସମକକ୍ଷ ହୋଇପାରିବେ ନାହିଁ । ଏହି ମିଶ୍ରଣ ପର୍ବରେ ନୂଆପଡା ଏନ୍‌ଏସିର ବିଭିନ୍ନ ୱାର୍ଡର ଶତାଧିକ ଯୁବକ କଂଗ୍ରେସରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ କଂଗ୍ରେସ ମୁଖପାତ୍ର ହମିତ ହୁସେନ, ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, ନୂଆପଡା ଜିଲା ପର୍ଯ୍ୟବେକ୍ଷକ ମୁରଲୀଧର ନାୟକ, ଗରିବସେନା ଜିଲା ଆବାହକ ରବି ମଙ୍ଗରାଜ, ପବନ ଶର୍ମା, ମହମ୍ମଦ ଜୁନେଦ ପ୍ରମୁଖ ଯୋଗଦେଇଥିଲେ।

# ୭ ପଞ୍ଚାୟତବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

## ହାତୀ ମୁହଁରୁ ଧାନ ଫସଲ ରକ୍ଷା ଦାବି

ଢେଙ୍କାନାଳ,୧୩।୧୦(ରତନ ନାୟାର)

ହାତୀ ମୁହଁରୁ ଫସଲ ରକ୍ଷା ନିମନ୍ତେ ଢେଙ୍କାନାଳ ଜିଲା ଗଦାଶିଳା, ସିମିନଇ, ଗୁଣ୍ଡିଚାପଡ଼ା, ଇନ୍ଦିପୁର, କାଣ୍ଡବିନ୍ଧା, ବଳରାମପୁର ଓ କାଶିଆଡିହି ଗ୍ରାମର ଚାଷୀମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନବ ନିର୍ମାଣ କୃଷକ ସଙ୍ଗଠନର ଢେଙ୍କାନାଳ ଜିଲା ସଭାପତି ପ୍ରହଲ୍ଲାଦ ସାହୁଙ୍କ ନେତୃତ୍ୱରେ ଏହି ପଞ୍ଚାୟତବାସୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଦାବିପତ୍ରରେ ୭ ପଞ୍ଚାୟତବାସୀ ଦର୍ଶାଇଛନ୍ତି, କିଛିଦିନ ହେଲା ହାତୀମାନେ ଚାଷ କ୍ଷେତରେ ଧନଫସଲ ନଷ୍ଟ କରୁଛନ୍ତି। ଏପରି କି ନିଜସ୍ୱ ଖର୍ଚ୍ଚରେ ଚାଷୀମାନେ ଲଗାଇଥିବା ସୋଲାର ବାଡ଼କୁ ହାତୀ ପଲ ଭାଙ୍ଗି କ୍ଷେତରେ ପଶି ଧାନ ଫସଲ ନଷ୍ଟ କରିଦେଉଛନ୍ତି। ଫଳରେ ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଧନ ଫସଲ ଉଜୁଡିଗଲେ ଚାଷୀକୁଳ ସମ୍ପୂର୍ଣ୍ଣ ରୂପେ ନିରାଶ ହୋଇପଡିବେ। ଧାନ ଫସଲକୁ ହାତୀଙ୍କ ଦାଉରୁ କିପରି ରକ୍ଷା କରାଯାଇପାରିବ ସେ ନେଇ ତୁରନ୍ତ ପଦକ୍ଷେପ ନିଆଯିବା ନିମନ୍ତେ ଚାଷୀମାନେ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ନବନିର୍ମାଣ କୃଷକ ସଙ୍ଗଠନର ଶିବନାରାୟଣ ରାଉତ, ବାସୁଦେବ ପ୍ରଧାନ, ଅରୁଣ ବାରିକ, ରାହାସ ବିହାରୀ ମହାନ୍ତି, ବିଭୂତି ରାଉତ, ଅରୁଣ କୁମାର ରାଉତ, ଚନ୍ଦ୍ରଶେଖର ସାହୁ, ସୁଧାକର ପରିଡ଼ା, କାମାକ୍ଷା ପ୍ରସାଦ ପରିଡ଼ା, ବିଷ୍ଣୁ ରାଉତ, ବାବୁଲୋ ମହାରଣା ପ୍ରମୁଖଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।




# ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ବୃତ୍ତି ଆବେଦନ ୨୪ ଯାଏ ବଢ଼ିଲା

ଭୁବନେଶ୍ୱର,୧୩।୧୦ (ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ବିଭିନ୍ନ ବୃତ୍ତି ପାଇଁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ଇ-ମେଧାବୃତ୍ତି, ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ଯୋଜନା ଏବଂ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ଲାଗି ଆବେଦନର ଶେଷ ତାରିଖ ଅକ୍ଟୋବର ୧୦ ରହିଥିଲା। ଏବେ ଏହାକୁ ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। www.scholarship.odisha.gov.inରେ ଆବେଦନ କରିବାକୁ କୁହାଯାଇଛି। ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଇ-ମେଧାବୃତ୍ତି ଓ ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ପାଇଁ ଆବେଦନ ଫର୍ମଗୁଡିକୁ ୩୧ ତାରିଖ ମଧ୍ୟରେ ଯାଞ୍ଚ କରାଯିବ। ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାର ଫର୍ମଗୁଡିକ ଯାଞ୍ଚ ପାଇଁ ନଭେମ୍ବର ୧୦ ଶେଷ ତାରିଖ ରଖାଯାଇଛି। ଇ-ମେଧାବୃତ୍ତି ମାଧ୍ୟମରେ ସ୍ନାତକ ଛାତ୍ରୀଛାତ୍ରଙ୍କୁ ୧୦ହଜାର, ସ୍ନାତକୋତ୍ତରଙ୍କୁ ୧୫ ହଜାର ଏବଂ ବୈଷୟିକ ଓ ବୃତ୍ତିଗତ ଛାତ୍ରୀଛାତ୍ରଙ୍କୁ ୨୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଗୋପବନ୍ଧୁ ଯୋଜନାରେ ଯେଉଁ ପିଲାଙ୍କର ପାରିବାରିକ ଆୟ ୨ଲକ୍ଷ ୫୦ ହଜାର ଟଙ୍କାରୁ କମ୍ ରହିଛି, ସେମାନଙ୍କୁ ପ୍ରତି ବର୍ଷ ୨୦ହଜାର ଟଙ୍କା ବୃତ୍ତି ପ୍ରଦାନ କରାଯାଉଛି। ସେହିପରି ଓଡ଼ିଆ ସ୍ନାତକୋତ୍ତର ପାଠ୍ୟକ୍ରମରେ ଯୋଗ୍ୟତା ଅର୍ଜନ କରିଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକକାଳୀନ ୩୦ହଜାର ଟଙ୍କା ଏବଂ ଓଡ଼ିଆ ସମ୍ମାନ(ମେଜର)ସ୍ନାତକ ପାଠ୍ୟକ୍ରମରେ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଏକକାଳୀନ ୨୦ ହଜାର ଟଙ୍କା ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଯଦି କ୍ରୀତଦାସଟିଏ ନ ହୋଇ ମୁକ୍ତ ମଣିଷ ହେବାକୁ ଚାହ- ଯଦି ତୁମେ ମୃତ୍ୟୁର ଅନ୍ଧାର ଭିତରେ ନ ରହି- ଅମର ହେବାକୁ ଚାହ- ଯଦି ତୁମେ ଦୁଃଖ ଯନ୍ତ୍ରଣାର ଶିକାର ନ ହୋଇ- ଆନନ୍ଦମୟ ଜୀବନ ବଞ୍ଚିବାକୁ ଚାହ- ଦୁର୍ବଳ ନ ହୋଇ ଖୁବ୍ ଶକ୍ତିମାନ ହେବାକୁ ଚାହ- ତେବେ ଅନନ୍ତ ମଧ୍ୟରେ ବାସ କର ଓ ଶାନ୍ତକୁ ଅଧିକାର କର। **-ଶ୍ରୀଅରବିନ୍ଦ**



# ରଦ୍ଦି କାଗଜ

ଭାରତରେ ଗବେଷଣା ସ୍ତର କିଭଳି ରହିଛି ତାହାର ଏକ ନମୁନା ଏବେ ଦେଖିବାକୁ ମିଳିଛି। ଗତ ୪ ମାସ ତଳେ ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସର ପୂର୍ବତନ ସଭାପତି ପାର୍ଥ ମଜୁମଦାର, ବାଙ୍ଗାଲୋର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏଚ୍. ଏ. ରଙ୍ଗନାଥ, ବାଙ୍ଗାଲୋରସ୍ଥିତ ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସର ନିର୍ଦ୍ଦେଶକ ଏଲ୍.ଏସ୍. ଶଶିଧରନ୍‌ଙ୍କ ଭଳି ସୁପରିଚିତ ଜାତୀୟସ୍ତରୀୟ ୧୧ ବୈଜ୍ଞାନିକ ଚିଠି ଲେଖି କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ ଯେ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍)ରେ ଉଚ୍ଚ ର୍‍ୟାଙ୍କ ବଢାଯିବାରେ ଦୁର୍ନୀତି ତଥା ଅନୈତିକ ଉପାୟ ଅବଲମ୍ବନ କରାଯାଇଛି। ଜୁନ୍ ୮ରେ ଏହି ବିଶିଷ୍ଟ ବୈଜ୍ଞାନିକମାନେ ଦର୍ଶାଇଥିବା ଅସଙ୍ଗତିର ଉତ୍ତର ଏବେ ପର୍ଯ୍ୟନ୍ତ ମିଳିପାରି ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଗମ୍ଭୀର କଥା ହେଉଛି ଯେ, ଭାରତରେ ଅଧିକାଂଶ ଉଚ୍ଚଶିକ୍ଷା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ବିଦ୍ୟାର୍ଥୀ ଓ ଫାକଲ୍ଟିଙ୍କୁ ବ୍ୟବହାର କରି କେବଳ ଅଧିକ ସଂଖ୍ୟକ ଗବେଷଣାତ୍ମକ ପ୍ରକାଶନ ନେଇ ପ୍ରସ୍ତୁତ କରୁଛନ୍ତି। ଏଗୁଡ଼ିକୁ ଅଜଣା, ଅଶୁଣା ଓ ନିମ୍ନମାନର ଜର୍ନାଲରେ ପ୍ରକାଶ କରି ଡିଗ୍ରୀ ଅର୍ଜନ କରାଉଛନ୍ତି। ଏଭଳି ଶିକ୍ଷାନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଭଳି ଅନ୍ୟ ସରକାରୀ ସଂସ୍ଥାର ନିୟମାବଳୀକୁ ପାଳନ କରିବାକୁ ଯାଇ ବିଭିନ୍ନ ପ୍ରକାରର ଦୁର୍ନୀତିରେ ଲିପ୍ତ ହେଉଛନ୍ତି। ଏହା ଫଳରେ ନିୟମ ମାନିବା ସହଜ ହେଉଛି ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ଉଚ୍ଚ ର୍‍ୟାଙ୍କିଙ୍ଗ ମିଳିପାରୁଛି। କିନ୍ତୁ ଗୁଣାତ୍ମକ ଦୃଷ୍ଟିକୋଣରୁ ଦେଖିଲେ ଏତେ ସଂଖ୍ୟକ ଗବେଷଣାରୁ କୌଣସି ଉପାଦେୟ ଫଳ ମିଳିପାରୁ ନାହିଁ। ଅର୍ଥାତ୍ ଭାରତର ସରକାରୀ ଓ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରୁ ବାହାରୁଥିବା ବହୁସଂଖ୍ୟକ ଗବେଷଣାପତ୍ର ମୂଲ୍ୟହୀନ ହୋଇଯାଉଛି।

ଉପରଲିଖିତ ବୈଜ୍ଞାନିକମାନେ ଆହୁରି ଚିନ୍ତା ବ୍ୟକ୍ତ କରିଛନ୍ତି ଯେ କିଛି ଅନୁଷ୍ଠାନ ଛାତ୍ରମାନଙ୍କୁ କିମ୍ବା ଫାକଲ୍ଟିଙ୍କୁ ନିଜ ସହକର୍ମୀଙ୍କ କାର୍ଯ୍ୟକୁ ଗବେଷଣାରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡୁଛି; ସେସବୁ ପ୍ରାସଙ୍ଗିକ ହେଉ ବା ନ ହେଉ ତାହା ଗୁରୁତ୍ୱ ରଖୁ ନ ଥିଲେ ମଧ୍ୟ ଗବେଷଣା ସଂଖ୍ୟା ବୃଦ୍ଧି କରିଥାଏ। ଉଦାହରଣ ସ୍ୱରୂପ, ଗୋଟିଏ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଫାକଲ୍ଟିମାନଙ୍କ ଦ୍ୱାରା ଫଳ ଓ ପନିପରିବା ଉପଭୋଗ ଉପରେ ପ୍ରକାଶିତ ଏକ ଗବେଷଣାପତ୍ର ସେହି ବିଶ୍ୱବିଦ୍ୟାଳୟର ଅନ୍ୟମାନଙ୍କ ଦ୍ୱାରା ଡିଜେଲ ଇଞ୍ଜିନ ଉପରେ କରାଯାଇଥିବା ଅଧ୍ୟୟନକୁ ଉଲ୍ଲେଖ କରିଥିଲା। ଏଭଳି ବିଷୟସବୁ ଯାହା ଦର୍ଶାଯାଇଛି ତାହା ଭାରତୀୟ ଗବେଷଣା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ସ୍ୱାଭାବିକ। ବିପୁଳ ଅର୍ଥ ବ୍ୟୟ ହେଉଥିବା ସତ୍ତ୍ୱେ ସମାଜ କିମ୍ବା ଦେଶ ତା'ର ସୁଫଳ ପାଇପାରୁନାହିଁ।

> **ଗବେଷଣାକୁ ବ୍ୟବସାୟରେ ପରିଣତ କରିଦିଆଯିବା ଯୋଗୁ ହୁଏତ ଭାରତରେ ଗବେଷକଙ୍କ ସଂଖ୍ୟା ବୃଦ୍ଧି ପାଇଛି। କିନ୍ତୁ ଶିକ୍ଷା ଓ ବାସ୍ତବ ଅନୁଧ୍ୟାନରେ ଠକେଇ ହେଉଛି ବୋଲି ହୃଦ୍‌ବୋଧ ହେଲାଣି। ଅତଏବ ଏବେଠାରୁ ଗବେଷଣାର ଗୁଣାତ୍ମକ ଦିଗକୁ ଗୁରୁତ୍ୱ ଦିଆ ନ ଗଲେ ଅନେକ ବିଦ୍ୟାର୍ଥୀ ଅନୁଧ୍ୟାନ କରି ପାଉଥିବା ଡିଗ୍ରୀ କେବଳ ରଦ୍ଦି କାଗଜ ହୋଇ ରହୁଥିବ।**

ଉଚ୍ଚଶିକ୍ଷାରେ ଗବେଷଣା ସର୍ବଦା ବିଶେଷ ଗୁରୁତ୍ୱ ବହନ କରିଥାଏ। ପିଏଚ୍.ଡି, ଡିଲିଟ୍ ବା ଡିଏସ୍‌ସି ଆଦି ଡିଗ୍ରୀ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମାଜରେ ଅତି ପଢୁଆ ଲୋକ ବୋଲି ବିବେଚନା କରାଯାଇଥାଏ। ଯେଉଁ ବ୍ୟକ୍ତିଙ୍କ ଅଧୀନରେ ଅଧିକ ଛାତ୍ରୀଛାତ୍ର ଗବେଷଣା କରି ସଫଳତା ପାଇଥିବେ ତାଙ୍କର ଖ୍ୟାତି ବଢ଼ିଥାଏ। ଅନୁରୂପ ଭାବେ ଯେଉଁ ବିଶ୍ୱବିଦ୍ୟାଳୟ ବା ଉଚ୍ଚଶିକ୍ଷାନୁଷ୍ଠାନ ଯେତେ ଗବେଷକଙ୍କୁ ସୃଷ୍ଟି କରିଥିବ, ସେଠାରେ ପଢ଼ିବା ଲାଗି ବିଦ୍ୟାର୍ଥୀମାନେ ଆଗ୍ରହ ପ୍ରକାଶ କରିଥାଆନ୍ତି। ସେହି ଅନୁଯାୟୀ ସରକାରୀ କିମ୍ବା ବିଦେଶରୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଆର୍ଥିକ ଅନୁଦାନ ମଧ୍ୟ ମିଳିଥାଏ। ତେଣୁ ୟୁଜିସି, କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ଉପଦେଷ୍ଟା ଓ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ଗତ ୪ ମାସ ତଳେ ଯେଉଁ ବୈଜ୍ଞାନିକମାନେ ଚିଠି ଲେଖି ଗବେଷଣାରେ ଅସ୍ୱାଭାବିକତା ରହିଥିବା ଦର୍ଶାଇଥିଲେ, ସେ ସଂକ୍ରାନ୍ତରେ ସେମାନଙ୍କୁ କିଛି ଜଣାଇ ଦିଆ ନ ଯିବା ନିଶ୍ଚିତ ଭାବେ ବ୍ୟବସ୍ଥାରେ ଅସଙ୍ଗତିକୁ ଦର୍ଶାଉଛି। ଗବେଷଣା ସଂଖ୍ୟାତ୍ମକ ନ ହୋଇ ଗୁଣାତ୍ମକ କରାଯିବା ପାଇଁ ମେଥଡୋଲୋଜିରେ ସଂସ୍କାର ଉପରେ ସେମାନେ ଯେଉଁ ଗୁରୁତ୍ୱ ଦେଇଥିଲେ ତାହା ଉପରେ ତର୍ଜମା କରାଯିବା ଦରକାର। ର୍‍ୟାଙ୍କ୍‌ରେ ଶ୍ରେଷ୍ଠତ୍ୱ ହାସଲ ପାଇଁ ଧରାଧରି, ପ୍ରିୟାପ୍ରୀତି ତୋଷଣ କିମ୍ବା ଆବଶ୍ୟକ ସ୍ଥଳେ ଅର୍ଥ କାରବାର ହୋଇଥାଏ ବୋଲି ସାଧାରଣରେ ଆଲୋଚନା ହେଉଥିବା ସମସ୍ତେ ଜାଣନ୍ତି। କିନ୍ତୁ ତାହା ଖୋଲାଖୋଲି ପ୍ରକାଶ ପାଇବା ଭାରତର ଗବେଷଣା ସ୍ତରକୁ ନ୍ୟୂନ କରୁଛି।

ସମ୍ଭବତଃ ଗବେଷଣା ଗୁଣାତ୍ମକ ସ୍ତରର ହେଉ ନ ଥିବାରୁ ଭାରତୀୟମାନେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରୁନାହାନ୍ତି। ଭାରତରେ ମେଡିସିନ୍, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନରେ ଯେଉଁମାନେ ନୋବେଲ ପାଇଛନ୍ତି ସେମାନେ ପ୍ରାୟତଃ ବିଦେଶରେ ଗବେଷଣା କରି ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ଗବେଷଣାକୁ ବ୍ୟବସାୟରେ ପରିଣତ କରିଦିଆଯିବା ଯୋଗୁ ହୁଏତ ଭାରତରେ ଗବେଷକଙ୍କ ସଂଖ୍ୟା ବୃଦ୍ଧି ପାଇଛି। କିନ୍ତୁ ଶିକ୍ଷା ଓ ବାସ୍ତବ ଅନୁଧ୍ୟାନରେ ଠକେଇ ହେଉଛି ବୋଲି ହୃଦ୍‌ବୋଧ ହେଲାଣି। ଅତଏବ ଏବେଠାରୁ ଗବେଷଣାର ଗୁଣାତ୍ମକ ଦିଗକୁ ଗୁରୁତ୍ୱ ଦିଆ ନ ଗଲେ ଅନେକ ବିଦ୍ୟାର୍ଥୀ ଅନୁଧ୍ୟାନ କରି ପାଉଥିବା ଡିଗ୍ରୀ କେବଳ ରଦ୍ଦି କାଗଜ ହୋଇ ରହୁଥିବ।

# ଅବକ୍ଷୟ ପଥେ ଗଣତନ୍ତ୍ର



ପ୍ରକାଶ ତ୍ରିପାଠୀ

ବିଶ୍ୱରେ ଗଣତାନ୍ତ୍ରିକ ପଦ୍ଧତିକୁ ଶାସନ ବ୍ୟବସ୍ଥାର ଶ୍ରେଷ୍ଠ ପଦ୍ଧତି ଭାବେ ବିବେଚନା କରାଯାଏ। ଗଣତନ୍ତ୍ରର ସବୁଠାରୁ ଅଧିକ ଗ୍ରହଣୀୟତା ଏଥିପାଇଁ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ କୌଣସି ଦୂରତା ନ ଥାଏ।। ଉଭୟଙ୍କ ମଧ୍ୟରେ ବିଶ୍ୱାସ ଏବଂ ସ୍ୱଚ୍ଛତାର ସମ୍ପର୍କ ଏହାକୁ ପରିପୁଷ୍ଟ କରିଥାଏ।। ଗଣତନ୍ତ୍ରରେ ଲୋକମାନଙ୍କୁ ସେମାନଙ୍କର ସରକାର ବାଛିବାର ଅଧିକାର ଅଛି। ଯଦି ନିର୍ବାଚିତ ସରକାର ସେମାନଙ୍କ କାର୍ଯ୍ୟଶୈଳୀରେ ଭୁଲଭଟକା କରନ୍ତି ବା ଜନସାଧାରଣଙ୍କ ଇଚ୍ଛା ବିରୋଧରେ କାର୍ଯ୍ୟ କରନ୍ତି ତେବେ ଲୋକମାନେ ପରବର୍ତ୍ତୀ ନିର୍ବାଚନରେ ତାଙ୍କୁ ବରଖାସ୍ତ କରି ନୂତନ ସରକାର ଗଠନ କରିବାରେ ସଫଳ ହୁଅନ୍ତି। ଅନ୍ୟ ଯେକୌଣସି ଶାସନ ବ୍ୟବସ୍ଥା ଅପେକ୍ଷା ଗଣତନ୍ତ୍ରରେ ଅଧିକ ବାକ ସ୍ୱାଧୀନତା ଥାଏ। ଜନସାଧାରଣ ଗଣତନ୍ତ୍ରରେ ଖୋଲାଖୋଲି ଭାବରେ ସେମାନଙ୍କର ମତ ପ୍ରକାଶ କରିପାରନ୍ତି। ଗଣତନ୍ତ୍ର ଏକ ଉତ୍ତମ ଶାସନ ବ୍ୟବସ୍ଥା, ଯେଉଁଥିରେ ବ୍ୟକ୍ତିଗତ ମର୍ଯ୍ୟାଦା ଏବଂ ସମାନତାକୁ ବଜାୟ ରଖାଯାଏ। ନାଗରିକମାନଙ୍କୁ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଏ। ଭୁଲ୍ ସଂଶୋଧନ କରାଯାଏ, ଶାନ୍ତିପୂର୍ଣ୍ଣ ଭାବରେ ଦ୍ୱନ୍ଦ୍ୱ ସମାଧାନ ହୁଏ ଏବଂ ନିୟମିତ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ମାଧ୍ୟମରେ ସରକାର ଗଠନ କରାଯାଏ। ଗଣତନ୍ତ୍ର ଏକ ବୈଧ ସରକାରକୁ ପ୍ରତିଷ୍ଠିତ କରେ, ଯାହା ଦେଶର ବିକାଶ ତଥା ନାଗରିକଙ୍କ ଆବଶ୍ୟକତା ଏବଂ ଇଚ୍ଛା ପ୍ରତି ଯତ୍ନଶୀଳ ହୋଇଥାଏ। କିନ୍ତୁ ବିଡ଼ମ୍ବନା ହେଉଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଶ୍ୱ ସ୍ତରରେ ଗଣତନ୍ତ୍ରର ଏହି ରୂପ ନିରନ୍ତର ଦୁର୍ବଳ ହେବାରେ ଲାଗିଛି। ଏହି ଅବନତି କେବଳ ରାଜନୈତିକ ପ୍ରତିଷ୍ଠାନ ମଧ୍ୟରେ ସୀମିତ ନୁହେଁ, ବରଂ ଗଣମାଧ୍ୟମର ସ୍ୱାଧୀନତା, ନ୍ୟାୟପାଳିକାର ନିରପେକ୍ଷତା, ନାଗରିକ ଅଧିକାର ଏବଂ ସ୍ୱଚ୍ଛ ନିର୍ବାଚନ ଭଳି ଗଣତନ୍ତ୍ରର ମୌଳିକ ସ୍ତମ୍ଭ ଉପରେ ମଧ୍ୟ ବହୁତ ଚାପ ସୃଷ୍ଟି କରିଛି। ଷ୍ଟକ୍‌ହୋମସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ ଆସିଷ୍ଟାନ୍ସ (ଆଇଡିଏ) ଦ୍ୱାରା ସମ୍ପ୍ରତି ପ୍ରକାଶିତ ଗ୍ଲୋବାଲ ଷ୍ଟେଟ୍ ଅଫ୍ ଡେମୋକ୍ରାସି-୨୦୨୫ ରିପୋର୍ଟ, ଗଣତନ୍ତ୍ରର ଏହି ଅବକ୍ଷୟର ଗମ୍ଭୀରତାକୁ ଉଜାଗର କରିଛି।

୧୭୩ଟି ଦେଶର ବିଶ୍ଳେଷଣରୁ ଜଣାପଡିଛି ଯେ ୯୪ଟି ଦେଶ, ଅର୍ଥାତ୍ ଅଧାରୁ ଅଧିକ ଦେଶରେ ଅତି କମ୍‌ରେ ଗୋଟିଏ ଗଣତାନ୍ତ୍ରିକ ସୂଚକାଙ୍କରେ ହ୍ରାସ ପରିଲକ୍ଷିତ ହୋଇଛି। ବିଶ୍ୱସନୀୟ ନିର୍ବାଚନର ଅଭାବ ଏବଂ ସଂସଦୀୟ ନିଷ୍କ୍ରିୟତା ଭଳି ଧାରା ଗଭୀର ଚିନ୍ତାର ବିଷୟ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ ଆଫ୍ରିକା ଏବଂ ୟୁରୋପରେ ଏହି ହ୍ରାସ ଚିନ୍ତା ଉଦ୍ରେକକାରୀ। ସେହି ସମୟରେ ପ୍ରେସ୍‌ର ସ୍ୱାଧୀନତା ଭଳି ଗଣତନ୍ତ୍ରର ମୌଳିକ ସ୍ତମ୍ଭରେ ଏକ ଅଭୂତପୂର୍ବ ହ୍ରାସ ରେକର୍ଡ କରାଯାଇଛି। ଏହା ଗତ ୫୦ ବର୍ଷ ମଧ୍ୟରେ ସବୁଠାରୁ ବଡ ହ୍ରାସ। ୪୩ଟି ଦେଶରେ ସାମ୍ବାଦିକତା ଉପରେ ପ୍ରତିବନ୍ଧକ ବୃଦ୍ଧି ପାଇଛି, ଯାହାର ଉଦାହରଣ ଆଫଗାନିସ୍ତାନ, ମ୍ୟାନ୍‌ମାର ଏବଂ ଦକ୍ଷିଣ କୋରିଆ ଭଳି ଦେଶ। ଆମେରିକା ଭଳି ଦେଶ, ଯାହାକୁ ଦୀର୍ଘ ସମୟ ଧରି ଗଣତନ୍ତ୍ରର ମଡେଲ ଭାବରେ ବିବେଚନା କରାଯାଉଥିଲା, ଏବେ ସେମାନଙ୍କ ନିଜସ୍ୱ ମାନଦଣ୍ଡରୁ ପଛକୁ ହଟି ଯାଉଥିବା ଦେଖାଯାଉଛି। ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ତଥା ଏହାକୁ ଜୀବନ୍ତ ରଖିବା ପାଇଁ କେବଳ ନିର୍ବାଚନରେ ଭୋଟ ଦେବା, ନିରନ୍ତର ତଦାରଖ, ପ୍ରତିବାଦ ଏବଂ ସଂସ୍କାର ଦାବି କରିବା ଯଥେଷ୍ଟ ନୁହେଁ। ଗଣତନ୍ତ୍ରର ଅବକ୍ଷୟକୁ ରୋକିବା ପାଇଁ କେବଳ ସମାଲୋଚନାର ଆବଶ୍ୟକତା ନୁହେଁ, ବରଂ ସକ୍ରିୟ ଜନସଚେତନତା ଏବଂ ଗଣ ଆନ୍ଦୋଳନର ଆବଶ୍ୟକତା ଅଛି, ଯାହା ଗଣତନ୍ତ୍ରକୁ ତାହାର ମୂଳ ଉଦ୍ଦେଶ୍ୟକୁ ଫେରାଇ ନେଇପାରିବ। ଗଣତନ୍ତ୍ର କେବଳ ଅନୁଷ୍ଠାନରୁ ନୁହେଁ ବରଂ ଜନ ଅଂଶଗ୍ରହଣରୁ ଜୀବନ ପାଏ ଓ ସୁଦୃଢ଼ ହୁଏ। ନାଗରିକ, ଗଣମାଧ୍ୟମ, ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ର ଏବଂ ସମାଜର ପ୍ରତ୍ୟେକ ବର୍ଗକୁ ବୁଝିବାକୁ ପଡିବ ଯେ ଗଣତନ୍ତ୍ରକୁ ସୁରକ୍ଷା ଦେବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ। ସମ୍ବିଧାନ, ଅନୁଷ୍ଠାନ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଜନସାଧାରଣଙ୍କୁ ଏକଜୁଟ ହେବାକୁ ପଡିବ। ଗଣତନ୍ତ୍ରକୁ କେବଳ ସଚେତନ ନାଗରିକଙ୍କ ଆବଶ୍ୟକତା ନୁହେଁ , ବରଂ ସମ୍ବେଦନଶୀଳ ଏବଂ ସାହସୀ ନାଗରିକଙ୍କ ଆବଶ୍ୟକତା ଅଛି। ଗଣତନ୍ତ୍ର କେବଳ ଏକ ବ୍ୟବସ୍ଥା ନୁହେଁ - ଏହା ଏକ ନିରନ୍ତର ପ୍ରକ୍ରିୟା, ଯେଉଁଥିରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ର ସେଇଠି ସଫଳ ହୁଏ ଯେଉଁଠାରେ ନାଗରିକ ଶିକ୍ଷିତ ଓ ସଚେତନ ହୋଇଥାଏ।



ଯଦି ଆମେ ଗଣତନ୍ତ୍ରକୁ ବଞ୍ଚାଇବାକୁ ଚାହୁଁ, ତେବେ ଆମକୁ ଆମର ସ୍ୱାଧୀନତା, ଅଧିକାର ଏବଂ ସ୍ୱାଭିମାନକୁ ଅକ୍ଷୁଣ୍ଣ ରଖିବା ଆବଶ୍ୟକ। ସାମଗ୍ରିକ ଭାବରେ କୁହାଯାଇପାରେ ଯେ ଆଜି ଗଣତାନ୍ତ୍ରିକ ଶକ୍ତି ହ୍ରାସ ଯୋଗୁ ଏକଚ୍ଛତ୍ରବାଦ ବୃଦ୍ଧି ପାଉଛି। ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆକ୍ରମଣ ହେଉଛି। ନିର୍ବାଚନୀ କାର୍ଯ୍ୟକଳାପ ଠିକ୍ ଭାବରେ ପରିଚାଳିତ ହେଉନାହିଁ। ସର୍ବାଧିକ ଭୋଟ ପାଇବା ପରିବର୍ତ୍ତେ ଭୋଟ ବିଭାଜନ କରି ନିର୍ବାଚନ ଜିତାଯାଉଛି। ଏପରି ପରିସ୍ଥିତିରେ ନିର୍ବାଚନ ଜିତିବା ପାଇଁ ବଡ଼ ବଡ଼ ରାଜନୈତିକ ବିଶେଷଜ୍ଞଙ୍କ ସାହାଯ୍ୟ ନିଆଯାଉଛି। ନାଗରିକଙ୍କୁ କଳେବଳେ କୌଶଳେ ପ୍ରଭାବିତ କରାଯାଉଛି। ଗଣତନ୍ତ୍ରକୁ ଫମ୍ପା କରିବାରେ ଏହି ନିର୍ବାଚନ ପଦ୍ଧତିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ ବର୍ତ୍ତମାନ ୩୦୦ ନିୟୁତରୁ ଅଧିକ ଲୋକ ସେମାନଙ୍କ ନିଜ ଦେଶ ବାହାରେ ବାସ କରୁଛନ୍ତି। ୧୯୭୦ ପରଠାରୁ ଏହି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏହି ନାଗରିକଙ୍କର ରାଜନୈତିକ ଅନ୍ତର୍ଭୁକ୍ତି ତଥା ଗଣତାନ୍ତ୍ରିକ ଓ ନାଗରିକ ଅଧିକାର ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦେଶରେ ରହୁଥିବା ନାଗରିକଙ୍କ ପାଇଁ ଭୋଟଦାନ ଅଧିକାରର ବୈଷୟିକ, ଆଇନଗତ ଏବଂ ସଂସ୍ଥାଗତ ଦିଗ ଉପରେ ଧ୍ୟାନ ଦେଇ ସେମାନଙ୍କ ଭୋଟଦାନକୁ କ୍ରିୟାଶୀଳ ପୂର୍ବକ ଗଣତାନ୍ତ୍ରିକ ସ୍ଥିରତାକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ତଥାପି ଏହି ନିରାଶାଜନକ ପରିସ୍ଥିତିରେ କିଛି ଦେଶ ଆଶାର କିରଣ ହୋଇ ରହିଛନ୍ତି। ବୋଟସ୍‌ୱାନା ଏବଂ ଦକ୍ଷିଣ ଆଫ୍ରିକା ପରି ଆଫ୍ରିକୀୟ ଦେଶଗୁଡ଼ିକ ସ୍ୱଚ୍ଛ ନିର୍ବାଚନ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି। ଡେନ୍‌ମାର୍କ, ଜର୍ମାନୀ, ନରୱେ ଏବଂ ସ୍ୱିଜରଲାଣ୍ଡ ପରି ଦେଶଗୁଡ଼ିକ ଏବେ ବି ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେଉଛନ୍ତି। ଏହି ଉଦାହରଣଗୁଡ଼ିକ ବାର୍ତ୍ତା ଦିଅନ୍ତି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ଗଣତନ୍ତ୍ରକୁ ସୁଦୃଢ଼ କରିବା ସମ୍ଭବ। ନିର୍ମଳ ଚରିତ୍ର, କର୍ତ୍ତବ୍ୟନିଷ୍ଠା, ସାଧୁତା, ନିରପେକ୍ଷତା, ତିତିକ୍ଷା,ସେବା ମନୋବୃତ୍ତି, ଦୁର୍ନୀତିହୀନତା ଆଦି ନାନା ଗୁଣ ଗଣତନ୍ତ୍ର ଶାସନକୁ କରିଥାଏ ସୁଦୃଢ଼। ଗଣତନ୍ତ୍ର ଦୁର୍ବଳ ହେବାର ଅନେକ କାରଣ ଅଛି - କ୍ଷମତା ପ୍ରତି ଲାଳସା, ପ୍ରତିଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରିବାର ପ୍ରବୃତ୍ତି, ଗଣମାଧ୍ୟମକୁ ଦମନ କରିବାର ପ୍ରୟାସ ଏବଂ ନାଗରିକଙ୍କ ଉଦାସୀନତା। କିନ୍ତୁ ଏହା ସହିତ ଲଢ଼ିବା ପାଇଁ ଆମ ପାଖରେ ଏକ ସମାଧାନ ମଧ୍ୟ ଅଛି, ତାହା ହେଉଛି ଏକ ସଚେତନ, ସକ୍ରିୟ ଏବଂ ସଂଗଠିତ ନାଗରିକ ସମାଜ। ଜନ ଅଂଶଗ୍ରହଣ, ପ୍ରଶ୍ନ ପଚାରିବାର ସଂସ୍କୃତି ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ ହେଉଛି ଗଣତନ୍ତ୍ରର ମେରୁଦଣ୍ଡ। ଶୃଙ୍ଖଳିତ ଏବଂ ପରିମାର୍ଜିତ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ପଦ୍ଧତି। ଯେପର୍ଯ୍ୟନ୍ତ ଜନସାଧାରଣ ନିଜେ ଗଣତନ୍ତ୍ର ବିଷୟରେ ସଚେତନ ଏବଂ ଜାଗ୍ରତ ନ ହୁଅନ୍ତି, କୌଣସି ବ୍ୟବସ୍ଥା ଏହାକୁ ରକ୍ଷା କରିପାରିବ ନାହିଁ।

**ମୋ: ୯୪୩୭୨୩୨୪୬୩**

# ଜିଇ ଥାଉଥାଉ ମାରିବା



ଡ. ସୀତାକାନ୍ତ ତ୍ରିପାଠୀ

କିଛିଦିନ ତଳେ 'ଜିଇ ଥାଉଥାଉ ମାରିବା' ଶୀର୍ଷକକୁ ନେଇ ଦୁଇଟି ରୋଚକ ଖବର ପ୍ରକାଶ ପାଇଥିଲା, ଯାହା ସାଧାରଣରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା। ପ୍ରଥମ ଖବରରେ ଜଣେ ପ୍ରାପ୍ତବୟସ୍କା ଝିଅ ଭିନ୍ନ ଧର୍ମରେ ବିବାହ କରିବାରୁ ପରିବାର ଲୋକ ଉଭୟ କ୍ରୋଧ ଏବଂ ଲୋକନିନ୍ଦା ଭୟରେ ଝିଅଟିକୁ ଶୁଦ୍ଧି ହେଲେ। ବିବାହ, ପ୍ରାପ୍ତବୟସ୍କ ପୁଅ ଏବଂ ଝିଅଙ୍କର ନିଷ୍ପତ୍ତି ତଥା ଆଇନତଃ ସମ୍ମତି କଥା ବିଚାର କରିବାର ଧୈର୍ଯ୍ୟ କିମ୍ବା ସାହସ ପରିବାର ସଦସ୍ୟମାନଙ୍କ ପାଖରେ ନ ଥିଲା । କେବଳ ଚିରାଚରିତ ପ୍ରଥା, ପରମ୍ପରାକୁ ଜାବୁଡ଼ି ଧରି ତା'ରି ମଧ୍ୟରେ କେମିତି ବଞ୍ଚିହେବ ସେହି କଥାରେ ସମସ୍ତଙ୍କର ମନ, ଚିନ୍ତା ଏବଂ ବିଚାରଧାରା ସୀମିତ ଥିଲା । ଦ୍ୱିତୀୟ ଖବରରେ ଜଣେ ସ୍ୱାମୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ତାଙ୍କ ସ୍ତ୍ରୀଙ୍କୁ ଛାଡ଼ିଦେଇ ବିଭିନ୍ନ ଆଳରେ ସିଏ ମୃତା ବୋଲି ପରିବାର, ସାହିପଡ଼ିଶା ଏବଂ ବନ୍ଧୁବାନ୍ଧବଙ୍କୁ ଜଣାଇ ତାଙ୍କର ମୃତାହ କର୍ମ ସମାପନ କରିବାର କରୁଣମୟ ଦାମ୍ପତ୍ୟ ଜୀବନ ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲା । ତେବେ ଏଇ ଦୁଇଟି ଖବରରେ ଗୋଟିଏ ସକାରାତ୍ମକ କଥା ହେଲା ମିଛିମିଛିକା ମୃତ୍ୟୁ ହେବା କଥାକୁ ସେମାନେ ପ୍ରକାଶ କରିଛନ୍ତି ସିନା କିନ୍ତୁ ସତରେ ସେମାନେ ଜୀବନରୁ ମାରିଦେବାର ପ୍ରୟାସ କରିନାହାନ୍ତି। ନତୁବା ପରିସ୍ଥିତି ନିଶ୍ଚିତ ଭିନ୍ନ ମୋଡ଼ ନେବାର ସମ୍ଭାବନା ଥିଲା ।

ଏ ସବୁ ପ୍ରସଙ୍ଗ ନୂଆ ନୁହେଁ । ନିଜର ସ୍ୱାର୍ଥ ହାସଲ ନିମନ୍ତେ କେଉଁଠି ମୃତ ଲୋକକୁ ଜୀବନ୍ତ ଏବଂ ଜୀବନ୍ତ ଲୋକକୁ ମୃତ ବୋଲି ଦର୍ଶାଯାଇଛି । ବିଭିନ୍ନ ସମୟରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ମଧ୍ୟ ତାଙ୍କୁ ଜୀବନ୍ତ ଦର୍ଶାଇ ତାଙ୍କ ନାମରେ ଆସୁଥିବା ପେନ୍‌ସନ୍ ହାସଲ କରିବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ହାସଲ/ହଡ଼ପ କରିବା ପାଇଁ ପ୍ରୟାସ କରିଥାଆନ୍ତି । ଏ ସବୁ ବର୍ଗର ଲୋକମାନେ ବିଭିନ୍ନ ବୀମା କମ୍ପାନୀମାନଙ୍କଠାରୁ ପାଣ୍ଠି ହାସଲ କରିବା ପାଇଁ ଜୀବନ୍ତ ଲୋକଙ୍କୁ ମୃତକ ଦର୍ଶାଇବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରିଥାଆନ୍ତି । ତେବେ ସଂସାରରେ ଏମିତି ତ୍ୟାଗୀ ଲୋକ ଅଛନ୍ତି, ଯେଉଁମାନେ ନିଜର ସର୍ବସ୍ୱ ଦାନ କରି ମରିବା ପାଇଁ ଅପେକ୍ଷା କରିଥିବା ଲୋକଙ୍କୁ ଜୀବନଦାନ କରିବା ପାଇଁ ପ୍ରୟାସ କରିଥାଆନ୍ତି । ଷୋଡ଼ଶ ଶତାବ୍ଦୀରେ ମିୱାର ରାଜ୍ୟର ପାନ୍ନା ଧାଈ ତାଙ୍କର ନିଜ ସନ୍ତାନକୁ ଶତ୍ରୁମାନଙ୍କ ହାତକୁ ଟେକିଦେଇ ଶତ୍ରୁମାନଙ୍କ ମନରେ ରାଜପୁତ୍ର ମରି ଯାଇଥିବାର କଥା ସୁନିଶ୍ଚିତ କରିଥିଲେ, ଯାହା ଫଳରେ ମହାରାଣା ଉଦୟ



ପ୍ରତାପ ଦ୍ୱିତୀୟଙ୍କର ଜୀବନ ରକ୍ଷା ହେବା ସହିତ ରାଜବଂଶ ରକ୍ଷା ପାଇଯାଇଥିଲା। ନିଜ ପୁତ୍ରର ଜୀବନ ବଦଳରେ ଅନ୍ୟ ପୁତ୍ରର ଜୀବନ୍ତ ଅବସ୍ଥାକୁ ମୃତ ଦର୍ଶାଇବାର ଏହା ଏକ ଅନନ୍ୟ ଉଦାହରଣ । ଅନ୍ୟମାନଙ୍କ ଆକ୍ରମଣରୁ ନିଜକୁ ବଞ୍ଚାଇବା କିମ୍ବା ସୁରକ୍ଷିତ କରି ରଖିବା ପାଇଁ ନିଜକୁ ଅଭିନବ ଢଙ୍ଗରେ ମୃତ ଦର୍ଶାଇବାରେ ଅନେକ ଉଦାହରଣ ମଧ୍ୟରୁ ଜତୁଗୃହ ମଧ୍ୟରେ ପାଣ୍ଡବମାନେ ଜଣେ ମହିଳା ଏବଂ ତାଙ୍କ ପାଞ୍ଚ ପୁଅକୁ ରଖାଇଦେଇ ଦୁର୍ଯ୍ୟୋଧନଙ୍କ ମନରେ ସେମାନେ ମରିଯାଇଥିବାର କଥା ବିଶ୍ୱାସ ଜନ୍ମାଇଥିଲେ । ଯାହାଫଳରେ ସେମାନେ ଆଗକୁ କିଛିଦିନ ଦୁର୍ଯ୍ୟୋଧନଙ୍କ ଆକ୍ରମଣରୁ ବର୍ତ୍ତିଯିବା ସହିତ ନିଜର ରଣକୌଶଳକୁ ଅଧିକ ସୁଦୃଢ଼ ଏବଂ ଦୂରଦୃଷ୍ଟିସମ୍ପନ୍ନ କରାଇ ପାରିଥିଲେ।

ତେଣୁ ଜିଇ ଥାଉଥାଉ ମାରିବାର ଅନେକ ଦର୍ଶନ, ଲକ୍ଷ୍ୟ ଏବଂ କାରଣ ରହିଛି। ଯଦି ଏହା କୌଣସି ସଂକୀର୍ଣ୍ଣ ଚିନ୍ତାଧାରାର ବଶବର୍ତ୍ତୀ ହୋଇ କେବଳ ସାମୟିକ ସ୍ୱାର୍ଥସାଧନ କିମ୍ବା ସୁରକ୍ଷା ପାଇଁ ଅଭିପ୍ରେତ ହୋଇଥାଏ, ତେବେ ତାହା ଲୋକମୁଖରେ ନିନ୍ଦିତ ହୋଇଥାଏ। ଲୋକନିନ୍ଦା କିମ୍ବା ପ୍ରଶଂସା କ୍ଷଣିକ ହୋଇଥିବାରୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ହିସାବରେ ଏ ସମ୍ପର୍କିତ ସଠିକ୍ ନିଷ୍ପତ୍ତି ନେବା ଆବଶ୍ୟକ। ସରକାରୀ କଳ ମଧ୍ୟ ଏ ସବୁ ସ୍ପର୍ଶକାତର ପ୍ରସଙ୍ଗଗୁଡ଼ିକ ପ୍ରତି ସମ୍ବେଦନଶୀଳ ହେବାର ଅଛି ନତୁବା ଆଇନକାନୁନ୍ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। କେବଳ ବାହାରୁ ଜିଇଥିବା ବ୍ୟକ୍ତିଙ୍କୁ ମୃତ କିମ୍ବା ଜୀବନ୍ତ ବ୍ୟକ୍ତିଙ୍କୁ ମୃତ ହିସାବରେ ଗଣନା କରିବା ପ୍ରସଙ୍ଗକୁ ଉପରଠାଉରିଆ ହିସାବରେ ନ ନେଇ ଏହାର କାରଣ ଓ ନିରାକରଣ ପାଇଁ ଉଚିତ୍ ପଦକ୍ଷେପ ନେବା ଜରୁରୀ।

ଅନ୍ୟପକ୍ଷରେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଏ ପ୍ରକାର ଛକିଶୂନ ଖେଳିବା ପାଇଁ ଅନେକ ଦଳ ପ୍ରୟାସ କରିଥାଆନ୍ତି। କେଉଁଠି ମୃତ ଜୀବିତ ହୋଇଯାଇଥାଏ ତ ଆଉ କେଉଁଠି ଜୀବନ୍ତ ମଧ୍ୟ ମୃତ ହୋଇ ଯାଇଥାଏ, ଯାହାର ଗଣିତ ସାଧାରଣ ଲୋକେ ବୁଝିବା କଷ୍ଟକର । ଏ ସବୁ ପ୍ରସଙ୍ଗରେ ନିକଟ ଅତୀତରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କର ସୁଚିନ୍ତିତ ମତ ରଖିଛନ୍ତି, ଯାହା ଆମମାନଙ୍କ ଚଳଣିକୁ ଆହୁରି ସରସ ସୁନ୍ଦର କରିବାରେ ସହାୟକ ହୋଇପାରିବ ବୋଲି ଆଶା କରାଯାଏ । ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ 'ସତ କେବେ ଲୁଚି ରହେନା' ।

**ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ଦେଶରେ ଆଲୋକର ପର୍ବ ଦୀପାବଳି ପାଳନ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ତନ୍‌ବୀର ଇମାନ୍‌ଦାର ମହାରାଷ୍ଟ୍ରର ପୁଣେ ଜିଲା ମୁଲସି ବ୍ଲକ୍‌ର ୭ଟି ଗ୍ରାମରୁ ଅନ୍ଧକାର ଦୂରକରିବା ଲାଗି ଯୋଜନା କରିଛନ୍ତି। ସେ ୨୦୧୮ରେ ଟେକ୍‌ନୋଲୋଜି ରିୟୁଜ୍ ଏନ୍‌ଭାଇରନମେଣ୍ଟ ଏମ୍ପାୱାରମେଣ୍ଟ ଇନୋଭେଶନ (ଟିଆର୍‌ଇଇଆଇ) ଫାଉଣ୍ଡେଶନ ଗଠନକରି ତା' ମାଧ୍ୟମରେ ମିଶନ ଊର୍ଜା ଆରମ୍ଭକରି ଦେଶର ବିଭିନ୍ନ ଗାଁକୁ ଆଲୋକିତ କରିବାରେ ଲାଗିଛନ୍ତି। ଏହି କ୍ରମରେ ଚଳିତ ବର୍ଷ ସେ ମୁଲସି ବ୍ଲକ୍‌ର ଆଦିବାସୀ ବହୁଳ ୭ଟି ଗାଁର ୫୦୦ରୁ ଊର୍ଦ୍ଧ୍ୱ ଘରେ ସୌର ବିଦ୍ୟୁତ୍ ପହଞ୍ଚାଇବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିଛନ୍ତି। ଅନୁଦାନ ଅର୍ଥରେ ସେ ଏହାକୁ ଆଗେଇ ନେଉଛନ୍ତି। ତନ୍‌ବୀର ପ୍ରତି ଘରେ ସୋଲାର ପ୍ୟାନେଲ ଓ ଲିଥିୟମ ବ୍ୟାଟେରି ଲଗାଉଛନ୍ତି। ବିଦ୍ୟୁତ୍ ମାଧ୍ୟମରେ ୩୫ ୱାଟ୍‌ର ଲିଡ୍ ବଲ୍‌ବ ଜଳିବ। ଫଳରେ ପିଲାମାନେ ଆଲୋକରେ ପଢ଼ିବାର ସୁଯୋଗ ପାଇବେ ଏବଂ ବିଦ୍ୟୁତ୍ ପାଇଁ ଚାହିଁ ରହିଥିବା ଏହି ଗାଁଗୁଡ଼ିକର ଅଧିବାସୀଙ୍କ ପ୍ରତୀକ୍ଷାର ଅନ୍ତ ଘଟିବ।

## ୫୦ ବର୍ଷ ତଳର ଧରିତ୍ରୀ

**୧୪ ଅକ୍ଟୋବର ୧୯୭୬**

- ଜାତୀୟ ଉନ୍ନୟନ ପରିଷଦ ଦ୍ୱାରା ଅନୁମୋଦିତ ହୋଇସାରିଥିବା ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ଚୂଡ଼ାନ୍ତ ଦଲିଲ ପ୍ରକାଶ ପାଇଛି।
- ଗ୍ରାମ୍ୟ ବିଦ୍ୟୁତ୍‌କରଣ ଉଦ୍ୟୋଗରେ ଆନ୍ତର୍ଜାତିକ ଉନ୍ନୟନ ପାଣ୍ଠିରୁ ଋଣ ପାଇବା ପାଇଁ ୧୧ଟି ବିଦ୍ୟୁତ ବୋର୍ଡ ଯୋଗ୍ୟ ବିବେଚିତ।
- ଭାରତ ଇରାନରୁ ୩.୫ ନିୟୁତ ଟନ ଅଶୋଧିତ ତେଲ ଆମଦାନୀ ନେଇ ଭାରତୀୟ ତେଲ କର୍ପୋରେଶନ ଓ ଇରାନ ତେଲ କମ୍ପାନୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 1 | | 8 | | | | |
| 3 | 7 | | 2 | | | 4 | | |
| | 8 | | | 4 | | | | 5 |
| 8 | | | | | | 3 | 2 | |
| | | | | | | | 6 | 8 |
| 4 | | 2 | | 1 | | | | |
| | | | 4 | | | | | |
| 5 | 3 | | | | | | | 7 |
| | | 6 | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 4 | 3 | 8 | 5 | 7 | 6 | 1 |
| 5 | 1 | 6 | 2 | 7 | 4 | 8 | 3 | 9 |
| 8 | 3 | 7 | 9 | 1 | 6 | 5 | 2 | 4 |
| 1 | 8 | 9 | 6 | 4 | 7 | 3 | 5 | 2 |
| 4 | 5 | 2 | 8 | 3 | 9 | 6 | 1 | 7 |
| 6 | 7 | 3 | 1 | 5 | 2 | 4 | 9 | 8 |
| 7 | 6 | 1 | 4 | 2 | 3 | 9 | 8 | 5 |
| 9 | 2 | 5 | 7 | 6 | 8 | 1 | 4 | 3 |
| 3 | 4 | 8 | 5 | 9 | 1 | 2 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବସମ୍ମତ ପନ୍ଥା ଜରୁରୀ

ମହାଶୟ,

ମଣିପୁରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହୁ ଆକାଂକ୍ଷିତ ଗସ୍ତ ବିଳମ୍ବିତ ହେଲେ ବି ସଂଘର୍ଷରତ ଦୁଇ ସମ୍ପ୍ରଦାୟ ମେଇତି ଓ କୁକି ମଧ୍ୟରେ ନୂତନ ଉତ୍ସାହ ଓ ଉଦ୍ଦିପନା ସୃଷ୍ଟି କରିବାରେ ସହାୟକ ହେବା ଆଶା କରାଯାଏ। ଏହି ରାଜ୍ୟରେ ଶାନ୍ତି ବ୍ୟାହତ ହେବା ସହ ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିଲା। ଫଳରେ କେନ୍ଦ୍ର ସରକାର ଗଲା ଫେବୃଆରୀ ମାସରେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ବାଧ୍ୟ ହୋଇଥିଲେ। ତେବେ ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଆଲୋଚନା ଶାନ୍ତି ପ୍ରତିଷ୍ଠା ଦିଗରେ ସମୟୋଚିତ ବୋଲି କୁହାଯାଇପାରିବ। ତଥାପି ମେଇତିବହୁଳ ଉପତ୍ୟକା ଓ କୁକି-ଜୋ ବହୁଳ ପାର୍ବତ୍ୟାଞ୍ଚଳ ମଧ୍ୟରେ ସେତୁ ବନ୍ଧନ ସହଜ ନୁହେଁ। କାରଣ ରାଜ୍ୟର ବିଭାଜନକୁ ମେଇତି ସଂଗଠନ ଦୃଢ଼ ବିରୋଧ କରୁଥିବା କୁକି ସ୍ୱତନ୍ତ୍ର ପାର୍ବତ୍ୟାଞ୍ଚଳ ଶାସନ ଗଠନ ଦାବିରେ ଅଟଳ ରହିଛି। ଦୁଇ ସମ୍ପ୍ରଦାୟ ମଧ୍ୟରେ ଥିବା ସିଭିଲ ସୋସାଇଟି ଏବଂ ସଶସ୍ତ୍ର ଗୋଷ୍ଠୀଙ୍କର ମତାମତ ମଧ୍ୟ ଭିନ୍ନଭିନ୍ନ। ଏକ ଛକାପଞ୍ଝା ପରିସ୍ଥିତିରେ ମଣିପୁରର ବିକାଶ ଅସମ୍ଭବ । ଏଣୁ ମଣିପୁରରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଏକ ବ୍ୟାପକ ସର୍ବସେମ୍ମତ ପନ୍ଥା ପାଇଁ ଉଦ୍ୟମ କରାଯିବା ଆବଶ୍ୟକ।

**-ସୌଭାଗ୍ୟ ରଞ୍ଜନ ମହାନ୍ତି, ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**

### ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି

ମହାଶୟ,

ଓଡ଼ିଶା ପୋଲିସର ୨୦୨୪ ଏସ୍‌ଆଇ ପରୀକ୍ଷା ସ୍ଥଗିତ ହୋଇଛି। ବିଶାଖାପାଟଣା ଯାଉଥିବା ୧୧୪ ଆଶାୟୀଙ୍କୁ ଠାବକରି ପରୀକ୍ଷା ଜାଲିଆତି ଉଦ୍ୟମ ପଣ୍ଡ କରାଯିବା ସମ୍ବାଦ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଆଶ୍ୱସ୍ତିଜନକ ବୋଲି କୁହାଯାଇ ନ ପାରେ। ଅର୍ଥ ବଦଳରେ ଚାକିରି ପ୍ରାପ୍ତ ବ୍ୟକ୍ତି କର୍ମକ୍ଷେତ୍ରରେ ସମରୂପ ସୁଯୋଗ ଖୋଜି ବସିବା ଓ ଭିଜିଲାନ୍ସ ରେଡ୍ ସମ୍ମୁଖୀନ ହେବା ସମ୍ବାଦ ମଧ୍ୟ ଗତାନୁଗତିକ ହୋଇଗଲାଣି। ପୋଲିସ ବୃତ୍ତି ନିମନ୍ତେ ଉଭୟ ଶାରୀରିକ ଓ ମାନସିକ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଥିବା ସ୍ଥଳେ ଅର୍ଥର ପ୍ରଭାବ ଅନର୍ଥର କାରଣ ହୋଇପାରେ। ଦଲାଲମାନଙ୍କ କଥାରେ ନ ଯିବା ଏବଂ ଅସାଧୁ ଉପାୟରେ ଅବଲମ୍ବନ ନ କରିବାର ଚେତାବନୀ ମୂଳକ ନୋଟିସ୍ ଗଣମାଧ୍ୟମରେ ଦେଇ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ତାଙ୍କ କାମ ସାରିଦିଅନ୍ତି। ଏବେ ପୋଲିସ ମଧ୍ୟ ଆଉଟ୍‌ସୋର୍ସିଙ୍ଗ ନିଯୁକ୍ତି କବଳିତ ତେଣୁ ଦୁର୍ନୀତି ଅବଶ୍ୟମ୍ଭାବୀ।

**-ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାହିଁ ରହେ ଚିର ତୁମରି ଗତିର
ଗୀତି-ପଥ ଅନୁସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମନ୍ଦିରରୁ ଚୋରି ଅଭିଯୋଗରେ ୨ ଗିରଫ

**ବଇଣ୍ଡା, ୧୩।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ଅଞ୍ଚଳରେ ଥିବା ଶିବ ମନ୍ଦିରରୁ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗ୍ରାମବାସୀ କାବୁ କରି ରବିବାର ସନ୍ଧ୍ୟାରେ ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଏକ ବାଇକ୍ ଜବତ କରିଛି। ମନ୍ଦିର ପରିଚାଳନା କମିଟି ସଭାପତି ପର୍ଶୁରାମ ପ୍ରଧାନଙ୍କ ଅଭିଯୋଗ କ୍ରମେ ଏ ନେଇ ନମ୍ବର ୩୭୯/୨୫ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ଠାକୁରଗଡ ଥାନା ତିଳେଶ୍ୱର ଗ୍ରାମର ମନମୋହନ ପ୍ରଧାନ ଓ ହେମନ୍ତ ପ୍ରଧାନ ମିଶି କିଛି ଦିନ ହେବ ବିଭିନ୍ନ ମନ୍ଦିରରୁ ଚୋରି କରୁଥିଲେ। ରବିବାର ନାକିଚି ଶିବ ମନ୍ଦିରର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ଉଭୟଙ୍କୁ ଅଞ୍ଚଳବାସୀ କାବୁ କର ପୋଲିସକୁ ହସ୍ତାନ୍ତର କରିଥିଲେ।

# ଚାକିରି କେଳେଙ୍କାରୀ ବିରୋଧରେ ବିକ୍ଷୋଭ




ଅଲ୍ ଇଣ୍ଡିଆ ଡିୱାଇଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଅନୁଗୋଳ, ୧୩।୧୦ (ମାନସ ବିଶ୍ୱାଳ)**

ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାଗୁଡ଼ିକରେ ବ୍ୟାପକ ଦୁର୍ନୀତି, ପ୍ରଶ୍ନପତ୍ର ଲିକ୍ ଏବଂ ବାରମ୍ବାର ପରୀକ୍ଷା ବାତିଲ ସମେତ ପୋଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ ଘଟଣାର ପ୍ରତିବାଦରେ ଅଲ୍ ଇଣ୍ଡିଆ ଡିୱାଇଓ ସର୍ବଭାରତୀୟ କମିଟି ଆହ୍ୱାନରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସଂଗଠନର କାର୍ଯ୍ୟକର୍ତ୍ତାମାନେ ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି, ଜୁଲାଇ ୨୦୨୫ ସୁଦ୍ଧା କେନ୍ଦ୍ର ସରକାରଙ୍କ ୭୮ଟି ବିଭାଗରେ ୯.୭୯ ଲକ୍ଷ ପଦବୀ ଖାଲି ପଡିଥିବା ବେଳେ ସେଗୁଡିକୁ ପୂରଣ କରାଯାଉନାହିଁ। ରାଜ୍ୟଗୁଡିକରେ ମଧ୍ୟ ଲକ୍ଷାଧିକ ପଦବୀ ପୂରଣ ହେଉନାହିଁ। ଅନ୍ୟପକ୍ଷରେ ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାଗୁଡ଼ିକରେ ବ୍ୟାପକ ଦୁର୍ନୀତି କରାଯାଉଛି। ବାରମ୍ବାର ପରୀକ୍ଷା ବାତିଲ କରାଯାଉଛି। ଫଳରେ ଯୁବସମାଜ ରାସ୍ତାରେ ଚିତ୍କାର କରୁଛି। ଦୁର୍ନୀତି ବନ୍ଦ କରିବାକୁ ବାସ୍ତବ ପଦକ୍ଷେପ ଗ୍ରହଣ କରା ନ ଯିବା ଫଳରେ ଓଡ଼ିଶାରେ ପୋଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ ଭଳି ଘଟଣା ସାମ୍ନାକୁ ଆସିଛି ବୋଲି ସଂଗଠନ ରାଜ୍ୟ ସଭାପତି ମାନସ ପାଳ ଅଭିଯୋଗ କରିଥିଲେ। ଜିଲା ସମ୍ପାଦକ କୈଳାସ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ନିରଞ୍ଜନ ନାୟକ, ଜ୍ୟୋସ୍ନା ସାମଲ, କିଶୋର ବିଶ୍ୱାଳ, ମଳୟ ବେହେରା, ଉଲ୍ଲାସ ମୁଦୁଲି ପ୍ରମୁଖ ସାମିଲ ଥିଲେ।

# ଜଙ୍ଗଲରୁ କାଠ ସାମଗ୍ରୀ ଚୋରା ଚାଲାଣ ଅଭିଯୋଗ

**ବଇଣ୍ଡା, ୧୩।୧୦ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅନ୍ତର୍ଗତ ତରଣ୍ଡା ଓ କୋରାବ ଜଙ୍ଗଲରେ କାଠ ସାମଗ୍ରୀ ନିର୍ମାଣ କରାଯାଇ ବାହାରକୁ ଚାଲାଣ କରାଯାଉଥିବା କୋରାବ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି, କିଛି ମାସ ହେଲା ଉପରୋକ୍ତ ୨ ଜଙ୍ଗଲରୁ କାଠ ମାଫିଆମାନେ ୫୦ରୁ ଅଧିକ ଶାଳ ଓ ଶାଗୁଆନ ଗଛ କାଟି ସେଠାରେ ବିଭିନ୍ନ ଘରକରଣା ସମାଗ୍ରୀ ନିର୍ମାଣ କରି ଚାଲାଣ କରୁଛନ୍ତି। ଏହି ଜଙ୍ଗଲରେ ସୁରକ୍ଷା ବ୍ୟବସ୍ଥା ଠିକ ନ ଥିବାରୁ କାଠ ମାଫିଆମାନେ ସେଠାରେ ଡେରା ପକାଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉ ନାହିଁ। ଏ ସମ୍ପର୍କରେ ୧୨ ସେପ୍ଟେମ୍ବରରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ରେଞ୍ଜର ବବ୍ରୁବାହନ ସାହୁ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

# ବିସ୍ଥାପିତ ପରେ ମିଳୁନି ରାଶନ ସାମଗ୍ରୀ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ବିସ୍ଥାପିତ ପରିବାର।

**ବନ୍ତଳା, ୧୩।୧୦ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ପୁରୁଣାକୋଟ ପଞ୍ଚାୟତ ଗୋପାଳପୁର ଅଞ୍ଚଳରୁ ବିସ୍ଥାପିତ ହୋଇଥିବା ୨୦ ହରିଜନ ପରିବାରକୁ ଚଳିତମାସରେ ରାଶନ ସାମଗ୍ରୀ ମିଳି ନ ଥିବା ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ପ୍ରଦୀପ ନାଏକ, ବିଶିକେଶନ ନାଏକ, ରଜନୀ ନାଏକ, ପ୍ରକାଶ ନାଏକ, ବିକାଶ ନାଏକ, ସରୋଜ ନାଏକ ପ୍ରମୁଖ ଦର୍ଶାଇଛନ୍ତି, ସେମାନେ ବର୍ତ୍ତମାନ ବଡ଼କେରା ପଞ୍ଚାୟତ ଚମ୍ପତିମୁଣ୍ଡାଠାରେ ବସତି ସ୍ଥାପନ କରିଛନ୍ତି। ୬ ମାସ ହେବ ବିସ୍ଥାପିତ ହୋଇଥିଲେ ମଧ୍ୟ ପୁରୁଣାକୋଟସ୍ଥିତ ପୂର୍ବ ଡିଲରଙ୍କ ପାଖରୁ ରାଶନ ସାମଗ୍ରୀ ପାଇଆସୁଥିଲେ। ହେଲେ ଚଳିତ ମାସରେ ଡିଲର ରାଶନ ଦେବାକୁ ମନା କରିଛନ୍ତି। ଚମ୍ପତିମୁଣ୍ଡା ଠାରୁ ପ୍ରାୟ ୩୦ କି.ମି. ଦୂର ପୁରୁଣାକୋଟ ଗାଡ଼ିଭଡ଼ା ଦେଇ ସେମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ସେମାନଙ୍କୁ ରାଶନ ସାମଗ୍ରୀ ପ୍ରଦାନ ବ୍ୟବସ୍ଥା ସହ ଚମ୍ପତିମୁଣ୍ଡାସ୍ଥିତ ନୂତନ ବସ୍ତିରେ ବିଜୁଳି, ପାନୀୟ ଜଳ, ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଅଭିଯୋଗକାରୀମାନେ ନିବେଦନ କରିଛନ୍ତି।

# ଲକ୍ଷ୍ମୀପୂଜା ୭ମ ଦିନରେ ପ୍ରବଳ ଭିଡ଼

**ସନ୍ତ୍ରିଛକ, ୧୩।୧୦ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ୧୬ରୁ ଉର୍ଦ୍ଧ୍ୱ ସ୍ଥାନରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଥିବାବେଳେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଜଗନ୍ନାଥ ବଜାର ପୂଜା କମିଟି, ପଞ୍ଚ ଶ୍ରୀକ୍ଷେତ୍ର ପୂଜାକମିଟି, ଗଣେଶ ବଜାର ପୂଜା କମିଟି, ଲକ୍ଷ୍ମୀ ନାରାୟଣ ପୂଜା କମିଟି, ଶୁଭଲକ୍ଷ୍ମୀ ପୂଜା କମିଟି, ଧନଲକ୍ଷ୍ମୀ ପୂଜା କମିଟି, ସେଣ୍ଟ୍ରାଲ ପୂଜା କମିଟି, ତମଡା ବଜାର ପୂଜା କମିଟି, ଡେଲି ମାର୍କେଟ ଲକ୍ଷ୍ମୀ ପୂଜା କମିଟି, ସିଦ୍ଧେଶ୍ୱର ବଜାର ଲକ୍ଷ୍ମୀ ପୂଜା କମିଟି, ଶାନ୍ତି ବଜାର ପୂଜା କମିଟି, ବଡ଼ବଜାର ପୂଜା କମିଟି, କାଳୀପୂଜା କମିଟି, କଲେଜ ଛକ ପୂଜା କମିଟି, ଭବାନୀ ପୂଜା କମିଟି, ଶ୍ରୀରାମ ନଗର ପୂଜା କମିଟି ସମେତ ବ୍ଲକର ଅନ୍ୟ ଅଞ୍ଚଳରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ସପ୍ତମ ଦିନରେ ବଁଅରପାଳ ପୋଲିସ ଶାନ୍ତିଶୃଙ୍ଖଳା ସହ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରିଥିବାନେଇ ଥାନାଧିକାରୀ ଦୁଷ୍ମନ୍ତ କୁମାର ସିଂହ କହିଛନ୍ତି।





# ଆଠମଲ୍ଲିକରୁ ବିଦାୟ ନେଲେ ମା’ ଲକ୍ଷ୍ମୀ

**ଆଠମଲ୍ଲିକ, ୧୩।୧୦ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଲକ୍ଷ୍ମୀପୂଜା କମିଟି ଓ ପୋଲିସ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଆଠମଲ୍ଲିକରେ ଲକ୍ଷ୍ମୀପୂଜାର ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଢ଼ଗୁଡ଼ିକ ଆଠମଲ୍ଲିକ-ଧଳପୁର ସେତୁର ସଂଯୋଗୀକରଣ ରାସ୍ତାରେ ପହଞ୍ଚିବା ପରେ କ୍ରମାନ୍ୱୟରେ ୧୦ଟି ମେଢ଼ ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ମେଲୋଡି, ଦୁଲଦୁଲି ବାଜା, ଘୋଡ଼ାନାଚ, ଘଣ୍ଟବାଦ୍ୟ, କୃଷ୍ଣଗୁରୁ, ନାମ ସଂକୀର୍ତ୍ତନ ଆଦି ସାମିଲ ହୋଇଥିଲା। ବଡ଼ଦାଣ୍ଡ ସାହି, ପୁରୁଣାଗଡ଼, ରୁରୁଡ଼ିସାହି, ଗାନ୍ଧୀପାର୍କ, ବଙ୍ଗଳାସାହି, ନୂଆସାହି, ଲିଡ଼ିଙ୍ଗା, ରାମେଶ୍ୱରପାଟଣା, ବନ୍ଧସାହି, ଚାରିଘରିଆ ସାହିର ମେଢ଼ ଭସାଣି ଉତ୍ସବରେ ସାମିଲ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଠମଲ୍ଲିକ ଥାନା ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଏଏସ୍ଆଇ ମନୋଜ କୁମାର ସାହୁଙ୍କ ସମେତ ସୁରକ୍ଷା କର୍ମୀ ନିୟୋଜିତ ଥିଲେ।







ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

# ମେଡିକାଲ କଲେଜ ଡିନ୍‌ଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜର ଡିନ୍‌ଙ୍କ ସହ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

**ତାଳଚେର, ୧୩।୧୦ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ ଡାକ୍ତର କୀର୍ତ୍ତିରେଖା ମହାପାତ୍ରଙ୍କୁ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଆଲୋଚନା କରିଛନ୍ତି। କ୍ରିୟାନୁଷ୍ଠାନ କମିଟି ସଭାପତି ପଦ୍ମଚରଣ ସାମଲ, ସମ୍ପାଦକ ବିଜୟ ପ୍ରଧାନ, ଚୈତନ୍ୟ ପ୍ରଧାନ, ଦିଗାମ୍ବର ଗଡ଼ନାୟକ, ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଡ. ମହାପାତ୍ରଙ୍କୁ ସାକ୍ଷାତ କରି ମେଡିକାଲ କଲେଜରେ ନାମଲେଖା ସହ ରୋଗୀସେବା ଏବଂ ଅନ୍ୟାନ୍ୟ ବିଷୟରେ ପଚାରି ବୁଝିଥିଲେ।

# କୁରୁମିଠା ଗ୍ରାମରେ ରାଜଯୋଗ ଶିବିର




**ଅନୁଗୋଳ, ୧୩।୧୦ (ମାନସ ବିଶ୍ୱାଳ)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଅନୁଗୋଳ ଆନୁକୂଲ୍ୟରେ ତ୍ରିଦିବସୀୟ ସହଜ ରାଜଯୋଗ ଶିବିର ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ କୁରୁମିଠା ଗ୍ରାମରେ ରବିବାର ଠାରୁ ଆରମ୍ଭ ହୋଇଛି। ପରମାତ୍ମାଙ୍କ ଜ୍ଞାନ ଆଧାରରେ କିପରି ଗୃହସ୍ଥରେ ରହି ଶାନ୍ତି, ସୁଖ ଓ ଆନନ୍ଦ ପାଇପାରିବା ସେ ସମ୍ପର୍କରେ ଅନୁଗୋଳ ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମିନତି ମାର୍ଗ ଦର୍ଶନ କରାଉଛନ୍ତି। ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଅନୁରୋଧ କରାଯାଇଛି।

# ମହାରାଜାଙ୍କ ଚିଟାଉ ନେଇ ଗୋପପୁର ଗଲେ ଅକ୍ରୁର

## ଖଣ୍ଡହତା-ପିପଳବାହାଲ ଗଜଲକ୍ଷ୍ମୀ ପୂଜାରେ କଂସ ଦରବାର

**ବଇଣ୍ଡା, ୧୩।୧୦ (ପରିକ୍ଷିତ ସାହୁ)**

ଗଜଲକ୍ଷ୍ମୀ ପୂଜା ଅବସରରେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଖଣ୍ଡହତା-ପିପଳବାହାଲ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ଧନୁଯାତ୍ରା ମହୋତ୍ସବର ସପ୍ତମ ଦିବସରେ କଂସ ମହାରାଜା ବିଚଳିତ ହୋଇପଡ଼ିଛନ୍ତି। ନାରଦଙ୍କ ପରାମର୍ଶ କ୍ରମେ ଧନୁଯାତ୍ରା ଆୟୋଜନ ସମ୍ପର୍କିତ ଚିଟାଉ ଦେଇ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ କରିଛନ୍ତି। ପୁନଶ୍ଚ ଗୋପୀମାନେ ଆସି କଂସ ମହାରାଜାଙ୍କ ପାଖରେ କୃଷ୍ଣଙ୍କ ନାମରେ ବସ୍ତ୍ର ହରଣ ଓ ଦଧିଚୋରିର ଅଭିଯୋଗ କରିଛନ୍ତି। କୃଷ୍ଣଙ୍କୁ ଦଣ୍ଡିତ କରିବା ପାଇଁ ମହାରାଜା କଂସ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କଂସ ଦରବାରରେ ରାଜଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ ପାଳ, ସାମାଜିକ କର୍ମୀ ମୀରା ପରିଡ଼ା, ବିଭୂତି ଭୂଷଣ ବିଶ୍ୱାଳ, ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ ତଥା ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଲକ୍ଷ୍ମୀପୂଜା କମିଟିର ପୂର୍ବତନ ସଭାପତି ପଦ୍ମନ ପ୍ରଧାନ, ଯତୀନ୍ଦ୍ର ପ୍ରଧାନ ଓ ସମ୍ପାଦକ ମୋତିଲାଲ ପ୍ରଧାନଙ୍କୁ କଂସ ମହାରାଜ ସମ୍ମାନିତ କରିଥିଲେ। ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୁଷ୍ଟି ବିଦୂଷକ ଭାବେ ମଞ୍ଚ ପରିଚାଳନା କରିଥିଲେ।




ଧନୁଯାତ୍ରା ମଞ୍ଚରେ ମହାରାଜା କଂସଙ୍କ ସହ ଅତିଥିମାନେ।

# ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୧୩।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନା ବାଟିମୁଣ୍ଡା ଗ୍ରାମର ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କୁ ତାଙ୍କ ଦିଅର ସୁମନ ପ୍ରଧାନ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଲକ୍ଷ୍ମୀପ୍ରିୟା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୯୬/୨୫ରେ ଏକ ମାମଲା ରୁଜୁ କରିଛି। ସ୍ୱାମୀଙ୍କ ସହ ଝଗଡ଼ା କରୁଥିବା ସୁମନଙ୍କୁ ବିରୋଧ କରିବାରୁ ଲକ୍ଷ୍ମୀପ୍ରିୟାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ସ୍ଥାୟୀ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଦାବି



ତାଳଚେର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତାଳଚେର, ୧୩।୧୦ (ମନୋଜ ନନ୍ଦ)**

ତାଳଚେର ଭୂଗର୍ଭ କୋଇଲା ଖଣି ଓ ଖୋଲା କୋଇଲା ଖଣି କ୍ଷତିଗ୍ରସ୍ତ ପ୍ରଜାଗଣଙ୍କ ତରଫରୁ ସୋମବାର ଉପଜିଲାପାଳ ସମୀର କୁମାର ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଖଣିଜ ପାଣ୍ଠି ଓ ସିଏସ୍ଆର୍ ଫଣ୍ଡ ମାଧ୍ୟମରେ ସ୍ଥାୟୀ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ ଏଥିରେ ଦାବି କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ତାଳଚେର କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଆଜି ପର୍ଯ୍ୟନ୍ତ ସମସ୍ତ ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଛି। ଜିଲା ଖଣିଜ ପାଣ୍ଠି ଓ ସିଏସ୍ଆର୍ ଫଣ୍ଡ ମାଧ୍ୟମରେ ପ୍ରତି ପରିବାରକୁ ନିଃଶୁଳ୍କ ବିଶୁଦ୍ଧ ପାଣି ଯୋଗାଣ ନିମନ୍ତେ ତାଳଚେର ପୌରାଞ୍ଚଳରେ ଏକ ପ୍ରକଳ୍ପ ନିର୍ମାଣ କରାଯାଉ। ଏହି ଦାବିପତ୍ର ପ୍ରଦାନ ବେଳେ ରଞ୍ଜିତ କୁମାର ମହାପାତ୍ର, ଅଭୟ ପାଣି, ବିଭୂତି ଭୂଷଣ ପଟ୍ଟନାୟକ, ପ୍ରଫୁଲ୍ଲ ନାଏକ, ଜିନେଶ ସାହୁ, ଗୋପୀନାଥ ସାହୁ, ମାନସ ରଞ୍ଜନ ବେହେରା, ସନ୍ତୋଷ ସାହୁ, ହରିହର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧ ଲକ୍ଷ ୩୩୩ ଟଙ୍କାରେ ଆଞ୍ଚାଲଡ୍ଡୁ ନିଲାମ

**ବଁଅରପାଳ, ୧୩।୧୦ (ସୁବାସ ସାହୁ)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ କୁଲାଡ ଗ୍ରାମରେ ଚାଲିଥିବା ଲକ୍ଷ୍ମୀପୂଜାର ୬ଷ୍ଠ ଦିନରେ ମା’ ଧନଲକ୍ଷ୍ମୀ ବଣିକ ସଂଘ ପୂଜା କମିଟିର ଚଳିତ ବର୍ଷର ମା’ଙ୍କ ଆଞ୍ଚାଲଡ୍ଡୁ ନିଲାମ ରବିବାର ଅନୁଷ୍ଠିତ ହୋଇଥିଲା। ଲଡୁ ନିଲାମ ସେଣ୍ଟ୍ରାଲ ମହାଲକ୍ଷ୍ମୀ ପୂଜା କମିଟି ବଣିକ ସଂଘ ପକ୍ଷରୁ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ନାଲ୍‌କୋ ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ଅନ୍ୟତମ ଅତିଥି ଭାବେ ସରପଞ୍ଚ ଉଷାରାଣୀ ସ୍ୱାଇଁ ଓ ସମିତି ସଭ୍ୟା ପ୍ରିୟମ୍ବଦା ଧୀର, ଗ୍ରାମ କମିଟି ସଭାପତି ପ୍ରଭାତ ବିଷୋୟୀ, ଓଡ଼ିଶା ମୋଟର ଶାଖା ପରିଚାଳକ ବିଷ୍ଣୁ ଚରଣ ପ୍ରଧାନ ଯୋଗ ଦେଇଥିଲେ। ଗୁଡ୍ ଆଣ୍ଡ ରୁଫ୍‌ର ପ୍ରୋପ୍ରାଇଟର ଅଭୟ ସିଂହ ୧ ଲକ୍ଷ ୩ ଶହ ୩୩ ଟଙ୍କାରେ ଆଞ୍ଚାଲଡ୍ଡୁ ନିଲାମ ଧରିଥିଲେ। କମିଟି ସଭାପତି କୁଳମଣି ଦେହୁରୀ ଓ ସମ୍ପାଦକ ବିପିନ ସ୍ୱାଇଁଙ୍କ, ସମସ୍ତ ବ୍ୟବସାୟୀ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଆଞ୍ଚାଲଡ୍ଡୁ ନିଲାମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ମିଳିତ ଶୁଣାଣି ଶିବିରରେ ୯୮ ଅଭିଯୋଗ

**ଅନୁଗୋଳ, ୧୩।୧୦ (ମାନସ ବିଶ୍ୱାଳ)/ ଛେଣ୍ଡିପଦା, (ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଅବଦଲ ମହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅରବିନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ୫୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୫ଟି ଅଭିଯୋଗ ତୁରନ୍ତ ଫଇସଲା କରାଯାଇଥିଲା। ବାଗଡିଆର ମଞ୍ଜୁବାଳା ବେହେରାଙ୍କୁ ରେଡକ୍ରସ ପାଣ୍ଠିରୁ ୭ହଜାର ୫ଶହ ଟଙ୍କାର ଆର୍ଥିକ ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଅନୁଗୋଳ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, ଛେଣ୍ଡିପଦା ତହସିଲଦାର ମାନସ ରାୟ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭୦ ହଜାର ଟଙ୍କା ଓ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କାର ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମାଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।



ଛେଣ୍ଡିପଦାଠାରେ ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀ।



ଢେଙ୍କାନାଳ ସହର ହାଟରୋଡ୍ ପୂଜା ପ୍ରତିଷ୍ଠାନରେ ହୋଇଥିବା ମା' ଲକ୍ଷ୍ମୀଙ୍କ ଆକର୍ଷଣୀୟ ମେଢ଼।



ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ପଡ଼ିଥିବା ଦୋଳି ନିକଟରେ ଗହଳି।

# ବାହନ ଉପରେ ବିଷ୍ଣୁପ୍ରିୟା

## ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା

- ହାଟରୋଡ୍ ପୂଜା ପ୍ରତିଷ୍ଠାନରେ ଜମୁଛି ପୂଜା
- ଆଉ ଦିନଟିଏ ବାକିଥିବାରୁ ସହରରେ ଅସମ୍ଭାଳ ଭିଡ଼

ଢେଙ୍କାନାଳ,୧୩।୧୦(ରତନ ନାୟାର)

ବାହାନ ଉପରେ ବିରାଜମାନ କରିଛନ୍ତି ବିଷ୍ଣୁପ୍ରିୟା। ଢେଙ୍କାନାଳ ସହର କମ୍ୟୁନିଟି ସେଣ୍ଟର ହାଟରୋଡ୍ ପୂଜା ପ୍ରତିଷ୍ଠାନରେ ପେଚା ଉପରେ ବସିଥିବା ମା' ଲକ୍ଷ୍ମୀଙ୍କ ପ୍ରତିମା ବେଶ୍ ଆକର୍ଷଣୀୟ ହୋଇଛି। ଶ୍ରଦ୍ଧାଳୁମାନେ ମା'ଙ୍କୁ ଦେଖିବାକୁ ପ୍ରବଳ ଭିଡ଼ ଜମାଉଥିବାବେଳେ ମଣ୍ଡପର ସାଜସଜ୍ଜାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ପୂଜା ମଣ୍ଡପରେ ବିଶେଷକରି ମହିଳାମାନେ ଅଧିକ ସଂଖ୍ୟାରେ ପୂଜାର୍ଚ୍ଚନା ଠାରୁ ଆରମ୍ଭ କରି କଳସ ଯାତ୍ରା ଆଦିରେ ସାମିଲ ହୋଇଥିବା ଦେଖାଯାଇଛି। ଅନୁଷ୍ଠାନରେ ପୂଜା ଜମୁଥିବାରୁ ଅଞ୍ଚଳବାସୀ ଉତ୍ସାହିତ ହୋଇଛନ୍ତି। ଅନ୍ୟପକ୍ଷରେ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ମହୋତ୍ସବ ବୁଧବାର ଶେଷ ହେବ। ତେଣୁ ଉଦ୍‌ଯାପନୀ ଦିବସ ଆଉ ଗୋଟିଏ ଦିନ ବାକି ଥିବାରୁ ସୋମବାର ସନ୍ଧ୍ୟାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଗଣେଶ ବଜାର ଅଞ୍ଚଳର ରଥଗଡ଼ା ଏବଂ ଗୁଡିଆନାଳୀ ନିକଟରେ ଥିବା ଖେଳପଡିଆ ଓ ମିନି ଷ୍ଟାଡିୟମଠାରେ ବିଭିନ୍ନ କିସମର ଦୋଳି ନିକଟରେ ଲୋକଙ୍କ ଭିଡ଼ ଅଧିକ ହୋଇଥିବା ଦେଖାଯାଇଥିଲା। ରାମଦୋଳି, ଚକ୍ରିଦୋଳି, ଡଙ୍ଗାଦୋଳି, ବ୍ରେକ୍ ଡ୍ୟାନ୍ସ ଆଦିର ମଜା ନେଇଥିଲେ ଯୁବପିଢ଼ି। ସେହିପରି ବିଭିନ୍ନ ଖାଦ୍ୟ ଷ୍ଟଲରେ ମଧ୍ୟ ଭିଡ଼ ଲାଗିଥିଲା। କଟକର ଦହିବରା ଆଳୁଦମ ଓ ଚାଟ୍, ଗୁପଚୁପ, ଢେଙ୍କାନାଳ ପ୍ରସିଦ୍ଧ ବରା, ମଗଜି ଲଡୁ, ମଥୁରା କେକ୍ ଏବଂ ଫାଷ୍ଟଫୁଡ୍ ଦୋକାନରେ ମଧ୍ୟ ଭିଡ ଲାଗିଥିବା ଦେଖାଯାଇଥିଲା।

# ବ୍ୟାଟେରିଚାଳିତ ଗାଡ଼ିରେ ପୂଜାମଣ୍ଡପ ବୁଲିଲେ କେ.ପି. ସିଂହଦେଓ

ଢେଙ୍କାନାଳ,୧୩।୧୦(ରତନ ନାୟାର)

ଢେଙ୍କାନାଳ ସହରରେ ହେଉଥିବା ଲକ୍ଷ୍ମୀପୂଜାକୁ ବରିଷ୍ଠ ନାଗରିକମାନେ ଯେପରି ସହଜରେ ବୁଲି ଦେଖିପାରିବେ ସେଥିପାଇଁ ପୌର ପରିଷଦ ପକ୍ଷରୁ ୪ଟି ବ୍ୟାଟେରି ଗାଡ଼ିର ଶୁଭାରମ୍ଭ ପୌରାଧକ୍ଷା ଜୟନ୍ତୀ ପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହି ଗାଡ଼ିରେ ବସି ସୋମବାର ପୂଜା ମଣ୍ଡପ ବୁଲିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା କାମାକ୍ଷା ପ୍ରସାଦ ସିଂହଦେଓ। ୮୪ ବର୍ଷ ବୟସରେ ପହଞ୍ଚିଥିବା ସିଂହଦେଓ ସ୍ତ୍ରୀ ତଥା ରାଣୀ ସାବିତ୍ରୀ ଦେବୀ ଓ ପରିବାର ସଦସ୍ୟଙ୍କ ସହିତ ବ୍ୟାଟେରି ଗାଡ଼ିରେ ବସି ପୂର୍ବାହ୍ନରୁ ମଧ୍ୟାହ୍ନ ମଧ୍ୟରେ ସହରର ବିଭିନ୍ନ ପୂଜା ମଣ୍ଡପ ବୁଲିଥିଲେ। କୈବଲ୍ୟ ବଜାର, ଗଣେଶ ବଜାର, ମହାବୀର ବଜାର, ଲକ୍ଷ୍ମୀବଜାର, ଜବାହରଚୌକ ଓ ମିନାବଜାର ଆଦି ପୂଜା ମଣ୍ଡପ ବୁଲିବା ସହିତ ମା' ଲକ୍ଷ୍ମୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପୂଜା ମଣ୍ଡପଗୁଡ଼ିକର କର୍ମକର୍ତ୍ତାମାନେ କେ.ପି. ସିଂହଦେଓ ଏବଂ ରାଣୀ ସାବିତ୍ରୀ ଦେବୀଙ୍କୁ ସ୍ୱାଗତ କରୁଥିବା ଦେଖାଯାଇଥିଲା।



ବ୍ୟାଟେରିଚାଳିତ ଗାଡ଼ିରେ ବସି ଲକ୍ଷ୍ମୀପୂଜା ବୁଲି ଦେଖୁଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା କେ.ପି. ସିଂହଦେଓ ଓ ପରିବାର।

# ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ କର



ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ବୈଠକରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ଓ ବିଧାୟକଙ୍କ ସହ ଅନ୍ୟ ଅଧିକାରୀମାନେ।

## ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ବୈଠକ

ଢେଙ୍କାନାଳ,୧୩।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାର ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ସମୀକ୍ଷା କରିଥିଲେ। ରାସ୍ତା ଓ ପୂର୍ତ୍ତବିଭାଗ ଦ୍ୱାରା କରାଯାଉଥିବା ନୂତନ ରାସ୍ତା ନିର୍ମାଣ, ମରାମତି, କାଲୁରିଆଠାରେ ମହିମା ସେତୁ ନିର୍ମାଣ, କୋରିଆଁ ଜଙ୍କସନ, ବିଭିନ୍ନ ଅଫିସ ଗୃହନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ, ସହର ମଧ୍ୟରେ ହେବାକୁ ଥିବା ରାସ୍ତା ଉନ୍ନତୀକରଣ, ନୂତନ କୋର୍ଟ ବିଲ୍ଡିଂ କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ଅବଗତ ହୋଇଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ଦେଉଥିବା ସଡ଼କ ନିର୍ମାଣ, ବ୍ରିଜ୍ ଓ କୋର୍ଟ ବିଲ୍ଡିଂ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ର ଓ ରାଜସ୍ୱ ଅଫିସ ଗୃହ ନିର୍ମାଣ କାର୍ଯ୍ୟ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ କରାଯାଉଥିବା ମେଗା ପାଇପ୍ ୱାଟର ସପ୍ଲାଏ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବୈଠକରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଖାଲି ପଡ଼ିଥିବା ପଦବୀ ସମ୍ପର୍କରେ ଆଲୋଚନା ହୋଇଥିଲା। କୃଷି କାର୍ଯ୍ୟ ନିମନ୍ତେ ସାର ଯୋଗାଣ, ଗ୍ରାମାଞ୍ଚଳରେ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକଳ୍ପ, ହାତୀ ଆକ୍ରମଣରୁ ରକ୍ଷା ଓ ଫସଲ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ବୈଠକରେ ମନ୍ତ୍ରୀ ଓ ଅନ୍ୟ ଜନପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ହିନ୍ଦୋଳ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗକୁ ନେଇ ଛକାପଞ୍ଝା

# ୧୧ ଜଣ ଅସୁସ୍ଥ, ସ୍ୱତନ୍ତ୍ର ବୈଠକ ସ୍ଥଗିତ

ଢେଙ୍କାନାଳ,୧୩।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗକୁ ନେଇ ଛକାପଞ୍ଝା ଜାରି ରହିଛି। ଅନାସ୍ଥା ପ୍ରସ୍ତାବ ପାଇଁ ମଙ୍ଗଳବାର ତଥା ୧୪ ତାରିଖକୁ ସ୍ୱତନ୍ତ୍ର ବୈଠକ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଇତିମଧ୍ୟରେ ମୋଟ ୭୧ଜଣ ସରପଞ୍ଚ ଓ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୧ଜଣ ଗୁରୁତର ରୋଗଗ୍ରସ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସେମାନଙ୍କ ପ୍ରତିନିଧି ହିନ୍ଦୋଳ ଉପଜିଲାପାଳଙ୍କୁ ଜଣାଇବା ସହ ବୈଠକ ଦିବସ ଅନ୍ୟ ତାରିଖରେ ଧାର୍ଯ୍ୟ ପାଇଁ ଆବେଦନ କରିଥିଲେ। ଏହାପରେ ଅନାସ୍ଥା ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ବୈଠକକୁ ସ୍ଥଗିତ ରଖାଯାଇଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା–୬୪୩୨, ତା. ୧୩।୧୦।୨୦୨୫ରେ ସୂଚନା ଦିଆଯାଇଛି। ବୈଠକ କେବେ ହେବ ସେ ନେଇ ସମସ୍ତ ସଦସ୍ୟଙ୍କ ଅବଗତିନିମନ୍ତେ ସୂଚନା ଦିଆଯିବ ବୋଲି ଉପଜିଲାପାଳଙ୍କ ଦସ୍ତଖତ ଥାଇ ଉକ୍ତ ପତ୍ରରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ହିନ୍ଦୋଳ ବ୍ଲକ ଅଧକ୍ଷା ସସ୍ମିତାରାଣୀ ନାୟକଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ଚଳିତମାସ ୩ ତାରିଖରେ ୬୧ ସରପଞ୍ଚ ଓ ସମିତି ସଭ୍ୟ ଦସ୍ତଖତ ଥିବା ଏକ ଦରଖାସ୍ତ ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଅନ୍ୟପଟରେ ଅଧକ୍ଷାଙ୍କ ସମର୍ଥିତ ସଦସ୍ୟା ସଦସ୍ୟମାନେ ଅଜ୍ଞାତବାସରେ ରହିଥିବା ଆଲୋଚନା ହେଉଥିବା ବେଳେ ଅସୁସ୍ଥ ଦର୍ଶାଯାଇଥିବା ୧୧ଜଣ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଆଲୋଚନା ହେଉଛି। ଫଳରେ ହିନ୍ଦୋଳ ବ୍ଲକ ଅଧକ୍ଷା ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗକୁ ନେଇ ରାଜନୈତିକ ଗତିବିଧି ଚଳଚଞ୍ଚଳ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ସମ୍ପର୍କର ନଦୀତୀରେ ପୁସ୍ତକ ଉନ୍ମୋଚିତ

## ୫ମ ବାର୍ଷିକୀ ସାମ୍ବତ୍ସରିକ ଉତ୍ସବ

ଢେଙ୍କାନାଳ,୧୩।୧୦(ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ସାହିତ୍ୟ ପରିଷଦର ୫ମ ବାର୍ଷିକ ସାମ୍ବତ୍ସରିକ ଉତ୍ସବ ଓ ସମ୍ପର୍କର ନଦୀତୀରେ ପୁସ୍ତକ ଉନ୍ମୋଚନ ଢେଙ୍କାନାଳ ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବରିଷ୍ଠ କବି ପଣ୍ଡିତ ବିପିନ ବିହାରୀ ଶତପଥୀଙ୍କ ସଭାପତିତ୍ୱରେ କବିତା ପାଠ କରାଯାଇଥିଲା। କବି ଦେବୀ ପ୍ରସାଦ ନାୟକ ଓ କବୟିତ୍ରୀ ରଶ୍ମିତା ରାଉତ କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ପ୍ରାଧାପକ କବି ରମେଶ ଚନ୍ଦ୍ର ସାହୁ ସମୀକ୍ଷା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାହିତ୍ୟ ଆଲୋଚନାରେ କବିଜ୍ୟୋତି ନିରଞ୍ଜନ ପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ଉଭୟ ଓଡ଼ିଆ ଓ ଇଂଲିଶ କବିମାନେ ସାହିତ୍ୟରେ ଛାଡ଼ି ଯାଇଥିବା ଛାପ ଉପରେ ଆଲୋଚନା କରିଥିଲେ। ଭାଷା ସାହିତ୍ୟକୁ ଅଧିକ ପଢ଼ିବା, ଅଧିକ ଲେଖିବା ଓ କମ୍ ଛାପିବା ବୋଲି ମୁଖ୍ୟବକ୍ତା ଭାରତୀୟ ଜନ ସଞ୍ଚାର ସଂସ୍ଥାନ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ କହିଥିଲେ। ସମ୍ମାନିତ ଅତିଥି ଭାବେ ବୈରାଗୀ ଚରଣ ମଲ୍ଲିକ ବ୍ୟଙ୍ଗ ସାହିତ୍ୟ ଉପରେ ଆଲୋଚନା କରିଥିଲେ। କବି ରାହାସ କୁମାର ବେହେରା ସଭା ପରିଚାଳନା କରିଥିଲେ। କବି ବିପିନ ବିହାରୀ ଶତପଥୀ, ଗୋଲକ ବିହାରୀ ବେହେରା ଓ ଗୁରୁ ଶଙ୍କର୍ଷଣ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। କବି ରମେଶ ଚନ୍ଦ୍ର ସାହୁଙ୍କ କବିତା ପୁସ୍ତକ 'ଅଥଚ ସେ ଆସୁ ନ ଥିଲେ' ଉନ୍ମୋଚିତ ହୋଇଥିଲା। ପରିଷଦର ଉପସଭାପତି କବି ବିନୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। କବିତା ପାଠ କରିଥିବା ସମସ୍ତ କବୟିତ୍ରୀ କବିଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନପତ୍ର ପ୍ରଦାନ କରଯାଇଥିଲା।



ସମ୍ପର୍କର ନଦୀତୀରେ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଲକ୍ଷ୍ମୀପୂଜା ବିଶେଷାଙ୍କ ସିନ୍ଧୁସୁତା ଉନ୍ମୋଚିତ



ଲକ୍ଷ୍ମୀପୂଜା ବିଶେଷାଙ୍କର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କରାଯାଉଛି।

ଢେଙ୍କାନାଳ,୧୩।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ହାଇସ୍କୁଲ ଛକ ସାରସ୍ୱତ ଲକ୍ଷ୍ମୀପୂଜା ମଣ୍ଡପରେ ସାଗର ସାହିତ୍ୟ ସଂସଦର ଲକ୍ଷ୍ମୀପୂଜା ବିଶେଷାଙ୍କ ସିନ୍ଧୁସୁତାର ଦ୍ୱିତୀୟ ସଂସ୍କରଣ ସୋମବାର ଉନ୍ମୋଚିତ ହୋଇଯାଇଛି। ସଂସଦ ସଭାପତି ଜ୍ୟୋତିର୍ବିଦ୍ ଶ୍ରୀବତ୍ସ କୁମାର ନାୟକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଇନ୍ଦିପୁର ସରପଞ୍ଚ ଲଳିତା ସାହୁ, ଇନ୍ଦିପୁର ଗ୍ରାମ ବିକାଶ ପରିଷଦ ସଭାପତି ରଘୁନାଥ ସିଂ, ଇନ୍ଦିପୁର ମିଳିତ ଲକ୍ଷ୍ମୀପୂଜା ସଭାପତି ଦାମୋଦର ନାୟକ, ଶେଷଦେବ ସାହୁ, ଅଜୟ କୁମାର ପୃଷ୍ଟି, ପୀତବାସ ପୃଷ୍ଟି, କ୍ଷୀରୋଦ ସାହୁ, କୁଳମଣି ନାୟକ, ଗଙ୍ଗାଧର ପୃଷ୍ଟି, କବି ପ୍ରଶାନ୍ତ ସାହୁ, ଦୁଃଶାସନ ସାହୁ, ସୁବାସ ନାୟକ ଯୋଗ ଦେଇଥିଲେ। ସଂସଦ ସମ୍ପାଦକ ତ୍ରିଲୋଚନ ମହାରଣା, ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା, ଉପସଭାପତି ହେମନ୍ତ କୁମାର ନାୟକ ମଞ୍ଚାସୀନ ଥିଲେ।

# କାଞ୍ଚନବଜାର ପ୍ରମାଣିତ କରିଛି ଢେଙ୍କାନାଳ ଭାଇଚାରାର ସହର

## ପ୍ଲାଟିନମ୍ ଜୟନ୍ତୀର ୭ମ ସନ୍ଧ୍ୟା

ଢେଙ୍କାନାଳ,୧୩।୧୦(ରତନ ନାୟାର)

ଢେଙ୍କାନାଳ ସହରର ପ୍ରମୁଖ ପୂଜା ଅନୁଷ୍ଠାନ କାଞ୍ଚନବଜାର ଲକ୍ଷ୍ମୀପୂଜା ଅନୁଷ୍ଠାନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ପ୍ଲାଟିନମ ଜୟନ୍ତୀ ଉତ୍ସବର ୭ମ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗଦେଇ କହିଲେ, ଗୋଟିଏ ପୂଜା ପ୍ରତିଷ୍ଠାନ ୭୫ବର୍ଷ ପୂର୍ତ୍ତି କରିବା କିଛି କମ୍ କଥା ନୁହେଁ। ଏଥିପାଇଁ ଯେଉଁମାନଙ୍କ ତ୍ୟାଗ ଓ ବଳିଦାନ ରହିଛି, ସମସ୍ତେ ନମସ୍ୟ। ଢେଙ୍କାନାଳରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସଦ୍‌ଭାବନା ବଜାୟ ରଖି ଲକ୍ଷ୍ମୀପୂଜା ପାଳିତ ହେଉଛି। କାଞ୍ଚନ ବଜାର ପୂଜା ପ୍ରତିଷ୍ଠାନ ପ୍ରମାଣିତ କରିଛି ଢେଙ୍କାନାଳ ଭାଇଚାରାର ସହର। ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ, ଚାହୁଁ ଚାହୁଁ ୭୫ବର୍ଷ ବିତିଗଲା। ଢେଙ୍କାନାଳ ସହର ବଢ଼ିଚାଲିଛି। ସହରରେ ଶାନ୍ତି ଓ ଭାଇଚାରା ମଧ୍ୟ ରହିଛି। ଠିକ୍ କର୍ମ କଲେ ଭଗବାନଙ୍କ ଆଶୀର୍ବାଦ ମିଳିବ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗଦେଇ ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାର ଐତିହ୍ୟ, ପରମ୍ପରା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ପୂଜା ପ୍ରତିଷ୍ଠାନ ସଭାପତି ଗୋପାଳଚନ୍ଦ୍ର ପାତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସାଗିର ମହମ୍ମଦ ବିବରଣୀ ପାଠ କରିଥିଲେ। କବି ଅଭୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




କାଞ୍ଚନ ବଜାର ପ୍ଲାଟିନମ୍ ଜୟନ୍ତୀର ୭ମ ସନ୍ଧ୍ୟାରେ ଅତିଥିମାନେ।

# ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ



ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ କର୍ମକର୍ତ୍ତା।

**ଢେଙ୍କାନାଳ,୧୩।୧୦ (ରତନ ନାୟାର)**

ଢେଙ୍କାନାଳ ଆମ୍ ଆଦମୀ ପାର୍ଟି ପକ୍ଷରୁ ସଦସ୍ୟମାନଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସମାରୋହ କରେଟି ରୋଡ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟ ନିକଟରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଗତବର୍ଷମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଦଳର ବାର୍ତ୍ତା ଘରେ ଘରେ ପହଞ୍ଚାଇବାରେ ଯେଉଁ ସଦସ୍ୟ ବୃନ୍ଦ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କୁ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଆମ୍ ଆଦମୀ ପାର୍ଟିର ରାଜନୀତିକୁ ସମାଜର କୋଣ ଅନୁକୋଣରେ ପହଞ୍ଚାଇବାକୁ ରାଜ୍ୟ ସଭାପତି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ, ଶ୍ରୀକାନ୍ତ ପାଣି ଓ ସନ୍ଦୀପ୍ତ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାରଦା ଦାସ ଓ ଜିତେନ୍ଦ୍ର ବେହେରା, ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଉପସ୍ଥିତ ରହି ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ସୁବୋଧ ବେହେରା, ସମ୍ପାଦକ ଶେଷଦେବ ବେହେରା, ଅନିଲ ସାମଲ, ନଗର ସଭାପତି ଦେବାଶିଷ ନନ୍ଦ, ନଗର ଉପସଭାପତି ବିଜୟ କୁମାର ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ବରାଳ, ଚିତ୍ତରଞ୍ଜନ ପାଣି, ଜୟନ୍ତ ଦାସ, ନଗର ଯୁବ ସମ୍ପାଦକ ଜାଫର ଖାନ, ପୀତାମ୍ବର ସାମନ୍ତରାୟ, ଗଁଦିଆ ସଭାପତି ରୋହିତ ବେହେରା, ମହିଳା ସଭାନେତ୍ରୀ ରୁକୁବାଳା ଟିନାରା, ଜ୍ୟୋତ୍ସ୍ନାରାଣୀ ଖିଲାର, ରୁକ୍ମଣୀ ଦଲେଇ, ଦେବାଶିଷ ବେହେରା, ପୀତାମ୍ବର ଦାସ, ବିଜୟ ନାୟକ, କାର୍ତ୍ତିକ ସାମଲ, ବଳରାମ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। ସରସ୍ୱତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଜ୍ୟ ସଭାପତି କର୍ମୀମାନଙ୍କ ସହିତ ଗଣେଶ ବଜାର ପୂଜା ମଣ୍ଡପଠାରୁ ସହର ମୁଖ୍ୟ ରାସ୍ତା ଦେଇ ଚନ୍ଦନ ବଜାର ପର୍ଯ୍ୟନ୍ତ ବୁଲି ପୂଜା ଦେଖିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଭୁବନ,୧୩।୧୦ (ବିପିନ ବିହାରୀ ସେଠୀ)**



ଭୁବନ ଏନ୍ଏସି ୫ ନମ୍ବର ୱାର୍ଡର ଅବସରପ୍ରାପ୍ତ ଶିକ୍ଷକ ଭରତ ଚନ୍ଦ୍ର ବେହେରା(୮୭)ଙ୍କ ପରଲୋକ ହୋଇଯାଇଛି। ସେ ସେଶସାହି ସମସ୍ତ ଅନୁଷ୍ଠାନର ମୁଖ୍ୟ ଓ ଭୁବନ ଶିକ୍ଷକ ପରିଷଦ ଦାୟିତ୍ୱ ନେବା ସହ ବହୁ ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦାନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଚିତ୍ତରଞ୍ଜନ ବେହେରା, ପଦ୍ମନ ବେହେରା, ଦ୍ରେତ ବେହେରା ଓ ଝିଅ ଗୀତାଞ୍ଜଳି, ରୀତାଞ୍ଜଳି ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ସହର ପରିକ୍ରମା କରାଯାଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ



ଜନ ଅଭିଯୋଗ ଶୁଣାଣି ଶିବିରରେ ମଞ୍ଚାସୀନ ଜିଲାପାଳ, ଏସ୍ପିଙ୍କ ସହ ଅନ୍ୟ ଅଧିକାରୀ।

**ପରଜଙ୍ଗ,୧୩।୧୦ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୨ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୩୦ ହଜାର ଟଙ୍କା ଲେଖାଏ ୨ ଜଣଙ୍କୁ ଆର୍ଥିକ ସହାୟତା ଏବଂ ରେଡ୍‌କ୍ରସ ପାଣ୍ଠିରୁ ଜଣଙ୍କୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍ପି ପ୍ରଭାତ କୁମାର ବିଶ୍ୱାଳ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ବିଡିଓ ସୌଭାଗ୍ୟ କୁମାର ବେହେରା, ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ତପନ ସୂତାର, ଡିଇଓ, ଡିପିଓ, ସିଡିପିଓ, ବ୍ଲକ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ସୁମନ୍ତ କୁମାର ବେହେରାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପରଜଙ୍ଗ ଥାନା ଏସ୍ଆଇ ଦେବଗ୍ରାହୀ ମହାନ୍ତି ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନା ପରିଦର୍ଶନ କଲେ ଜିଲାପାଳ, ଏସ୍‌ପି

**ଛେଣ୍ଡିପଦା,୧୩।୧୦(ଅଜିତ୍ ଧଳ)**



ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତର ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ସୋମବାର ଛେଣ୍ଡିପଦା ଥାନା ପରିଦର୍ଶନ କରିଥିଲେ। ବ୍ଲକ ପରିସରରେ ହେଉଥିବା ମିଳିତ ଅଭିଯୋଗ ଶୁଣାଣି ପରେ ଅଧିକାରୀ ଦ୍ୱୟ ଛେଣ୍ଡିପଦା ଥାନାରେ ପହଞ୍ଚି ବାଗଡ଼ିଆ ଓ ଛେଣ୍ଡିପଦା ଥାନା କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ବିଭିନ୍ନ ବଜାରରେ ସିସିଟିଭି, ଥାନା ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ବାରାକ୍ ନିର୍ମାଣ ଏବଂ ଇ-ସାକ୍ଷ୍ୟ ଗ୍ରହଣ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତେ ଠିକ୍ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ, ବାଗଡ଼ିଆ ଥାନା ଅଧିକାରୀ ବିପ୍ଲବ ସାହୁ, ଇନ୍ସପେକ୍ଟର ରାଜେଶ ଶତପଥୀ, ଇନ୍ସପେକ୍ଟର ଚଞ୍ଚଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ଅଧିକାରୀଙ୍କୁ ଧମକ ଘଟଣା, ଅଭିଯୁକ୍ତ ଗିରଫ

**ଢେଙ୍କାନାଳ,୧୩।୧୦ (ରତନ ନାୟାର)**

ଢେଙ୍କାନାଳ ସହରରେ ଗତ ଗଣେଶ ପୂଜା ଭସାଣି ଉତ୍ସବରେ ମୋଟଙ୍ଗା ଥାନା ଅଧିକାରୀ ଦୀପକ କୁମାର ଲେଙ୍କା(୪୦)ଙ୍କୁ ଧମକ ଦେଇଥିବା ଉପେନ୍ଦ୍ର ମହାପାତ୍ର(୩୮)ଙ୍କୁ ସୋମବାର ଟାଉନ ଥାନା ପୋଲିସ ଗିରଫ କରିଛି। ଉପେନ୍ଦ୍ରଙ୍କ ଘର ହିନ୍ଦୋଳ ଥାନା ଓସ୍ତପାଳରେ ହୋଇଥିବାବେଳେ ସେ ଢେଙ୍କାନାଳ ସହର ମିନାବଜାର ଅଞ୍ଚଳରେ ରହୁଥିଲେ। ଜିଲା ପୋଲିସ କାର୍ଯ୍ୟାଳୟର ସୂଚନାରୁ ଜଣାପଡ଼ିଛି, ସେପ୍ଟେମ୍ବର ୧ ତାରିଖରେ ଗଣେଶ ପୂଜା ଭସାଣି ବେଳେ ଅଭିଯୁକ୍ତ କାଳିଆ ବିଶୃଙ୍ଖଳା ସୃଷ୍ଟି କରିବା ସହ ଦାୟିତ୍ୱରେ ଥିବା ମୋଟଙ୍ଗା ଥାନା ଅଧିକାରୀଙ୍କୁ ଧମକ ଦେଇଥିଲେ। ଏ ନେଇ ଟାଉନ ଥାନାରେ ନଂ. ୬୩୨/୨୫ରେ ମାମଲା ରୁଜୁ ହୋଇଥିଲା। ସେହିପରି ଆସନ୍ତା ବୁଧବାର ହେବାକୁ ଥିବା ଲକ୍ଷ୍ମୀପୂଜା ଭସାଣି ଉତ୍ସବରେ କେହି ବିଶୃଙ୍ଖଳା ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପୋଲିସ କାର୍ଯ୍ୟାଳୟ ସୂତ୍ରରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।


## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍ଆଇଟି/୧୪/୨୫/୪୪, ତାରିଖ: ୦୭।୧୦।୨୦୨୫

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ ହେବା/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୫୧୭୫୫ବି | ଡବ୍ଲ୍ୟୁଏଜି୯ ଏବଂ ଡବ୍ଲ୍ୟୁଏପି୭ ଲୋକୋମୋଟିଭ୍ ପାଇଁ ଟିଏମ୍ ଟାଇପ୍ ୬ଏଫ୍ଆର୍ଏ ୬୦୬୮ ନିମନ୍ତେ ୩-ଫେଜ୍ ଲୋକୋମୋଟିଭ୍ ଟ୍ରାକ୍ସନ୍ ମୋଟର ବେରିଂ | ୨୭।୧୦।୨୦୨୫ ୧୦.୩୦ ଘଟିକାରେ | ୪୦୦ ସେଟ୍ |
| ୨ | ୦୩୨୫୧୪୭୬ | ଏକ୍ସିଲ୍ ଏଣ୍ଡ ଷ୍ଟିଲ୍ ହାଇ ଟେନ୍‌ସାଇଲ କ୍ୟାପ୍ ସ୍କ୍ରୁ [୧ ଇଞ୍ଚ ଡାୟା ୮ ୟୁଏନ୍‌ସି-୨ଏ, ୨.୨୫ ଇଞ୍ଚ ଥ୍ରେଡ୍ ଦୈର୍ଘ୍ୟ]। | ୩୧।୧୦।୨୦୨୫ ୧୦.୩୦ ଘଟିକାରେ | ୧୫୧୪୩୫ ଗୋଟି |
| ୩ | ୦୬୨୫୫୦୭୪ଏ | ଇଓଟି କ୍ରେନ୍ ୧୫/୫ଟିର ଯୋଗାଣ, ଡିଜାଇନ, ବିନିର୍ମାଣ, ଉତ୍ଥାପନ, ସ୍ଥାପନା, ପରୀକ୍ଷଣ, କମିଶନିଂ ଏବଂ ପ୍ରମାଣୀକରଣ | ୧୦।୧୧।୨୦୨୫ ୧୦.୩୦ ଘଟିକା | ୫ ଗୋଟି; ୪୮୦ ମିଟର |
| ୪ | ୦୪୨୫୨୫୨୫ | ବ୍ୟାଟେରି ବକ୍ସ ଅଣ ଏସି କୋଚ୍ ନିମନ୍ତେ ବିନା | ୦୪।୧୧।୨୦୨୫ ୧୦.୩୦ ଘଟିକା | ୩୭୮ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ www.ireps.gov.in ଲିଙ୍କରେ ଦେଖାଯାଇପାରିବ। ଏମ୍ଏମ୍/II

CPR/10/370 ଦ.ପୂ.ମ. ରେଳପଥ, ବିଳାସପୁର



## SEBI ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ

भारतीय प्रतिभूति और विनिमय बोर्ड
Securities and Exchange Board of India

ସେବୀ ଭବନ II, ପ୍ଲଟ୍ ସଂ. ସି-୭, "ଜି" ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ)
ମୁମ୍ବାଇ (ମହାରାଷ୍ଟ୍ର) - ୪୦୦ ୦୫୧, ଦୂରଭାଷ: ୨୬୪୪୯୦୦୦ / ୪୦୪୫୯୦୦୦

**ଟେଣ୍ଡର ନଂ.: ଏସ୍ଇବିଆଇ/ଏଚ୍ଓ/ଆଇଟିଡି/ସିଏସ୍ସି/୨୦୨୫/୧୦/୦୧**

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ) **"ସେବୀଠାରେ ପରବର୍ତ୍ତୀ ପିଢ଼ିର ସୁରକ୍ଷା ପରିଚାଳନା କେନ୍ଦ୍ର, ନେଟ୍‌ୱର୍କ ପରିଚାଳନା କେନ୍ଦ୍ର (ଏନ୍‌ଜିଏସ୍‌ଓସି - ଏନ୍‌ଓସି) ତଥା ଅନ୍ୟାନ୍ୟ ସୁରକ୍ଷା ସମାଧାନ"** ପ୍ରକଳ୍ପ ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ ପ୍ରସ୍ତାବର ଅନୁରୋଧ (ଆର୍‌ଏଫ୍‌ପି) ଆହ୍ୱାନ କରୁଛି। ସମସ୍ତ ଆବଶ୍ୟକୀୟ ମାର୍ଗଦର୍ଶିକା ଏବଂ ସମୟସୀମା ପାଇଁ ସେବୀର ଆନୁଷ୍ଠାନିକ ୱେବ୍‌ସାଇଟ୍ (**www.sebi.gov.in**)ରେ "**ଟେଣ୍ଡର୍ସ**" ସେକ୍ସନ୍ ଅଧୀନରେ ଆର୍‌ଏଫ୍‌ପି ନଂ.: ଏସ୍ଇବିଆଇ/ଏଚ୍ଓ/ଆଇଟିଡି/ସିଏସ୍ସି/୨୦୨୫/୧୦/୦୧ ଦେଖନ୍ତୁ। ଦୟାକରି **https://www.mstcecommerce.com/eprocn** ଲିଙ୍କ୍‌ରେ ନିଜର ପ୍ରସ୍ତାବ ଦାଖଲ କରନ୍ତୁ।

CBC 15204/11/0174/2526



## ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ନିମନ୍ତେ ଇସ୍ତାହାର

**(ସେକ୍ସନ୍ ୮୨(୨) (ii) ସିଆର୍.ପି.ସି. ଦେଖନ୍ତୁ)**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ ବ୍ୟକ୍ତି(ଗଣ) **ନାୟକ (ସନ୍ତୋଷ ନାୟକ), ସ୍ୱତ୍ୱାଧିକାରୀ: କ୍ରିଷ୍ଣା ବୁକ୍ସ, ଏଫ୍.ଏମ୍. ଫୋଲାଇ, ଆଇସିଆଇସିଆଇ ବ୍ୟାଙ୍କ ପାଖ, ବାଲେଶ୍ୱର, ବାଲେଶ୍ୱର, ଓଡ଼ିଶା** ଏଫ୍ଆଇଆର୍ ନଂ./ସିସି ନଂ. **୫୩୮୧୮୨/୧୬, ୟୁ/ଏସ୍ ୧୩୮ ଏନ୍ଆଇ ଅଧିନିୟମ, ଥାନା: ପାହାଡ଼ଗଞ୍ଜ, ନୂଆଦିଲ୍ଲୀ** ଅନୁଯାୟୀ ଅପରାଧ ଘଟାଇଛନ୍ତି (କିମ୍ବା ଘଟଣାର ସନ୍ଦିଗ୍ଧ ଅଟନ୍ତି) ଏବଂ ସେ ବାବଦରେ ତାଙ୍କର ଗିରଫ ପାଇଁ ଜାରି କରାଯାଇଥିବା ଗିରଫ ପରୱାନାକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ ବ୍ୟକ୍ତି(ଗଣ) **ନାୟକ (ସନ୍ତୋଷ ନାୟକ)**ଙ୍କର ପତ୍ତା ମିଳୁନାହିଁ ଏବଂ ଯେହେତୁ ଏହା ମୋ ସନ୍ତୁଷ୍ଟିମତେ ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ ବ୍ୟକ୍ତି(ଗଣ) **ନାୟକ (ସନ୍ତୋଷ ନାୟକ)** ଫେରାର୍ ହୋଇଯାଇଛନ୍ତି (ଅଥବା ଉକ୍ତ ପରୱାନାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି)। ଏତଦ୍ୱାରା ଇସ୍ତାହାର ଦିଆଯାଉଅଛି କି, ଏଫ୍ଆଇଆର୍ ନଂ./ସିସି ନଂ. **୫୩୮୧୮୨/୧୬, ୟୁ/ଏସ୍ ୧୩୮ ଏନ୍ଆଇ ଅଧିନିୟମ, ଥାନା: ପାହାଡ଼ଗଞ୍ଜ, ନୂଆଦିଲ୍ଲୀ** ଅଧୀନସ୍ଥ ଅଭିଯୁକ୍ତ ବ୍ୟକ୍ତି(ଗଣ) **ନାୟକ (ସନ୍ତୋଷ ନାୟକ)**ଙ୍କୁ **ତା୧୪।୧୧।୨୦୨୫ରିଖ ୧୦.୦୦ ଘଟିକା** କିମ୍ବା ତାହା ପୂର୍ବ ସୁଦ୍ଧା ଏହି ନ୍ୟାୟାଳୟରେ ହାଜର ହୋଇ ଉକ୍ତ ଅଭିଯୋଗର ଉତ୍ତର ଦେବା ଆବଶ୍ୟକ ହେବ।

ଆଦେଶକ୍ରମେ
**ଶ୍ରୀ ଅରବିନ୍ଦ ତୋମାର**
ଏଲ୍‌ଡି. ନ୍ୟାୟିକ ମାଜିଷ୍ଟ୍ରେଟ୍ ଏଫ୍‌ସି (ଏନ୍ଆଇ ଅଧିନିୟମ)-୦୭
ରୁମ୍ ନଂ. ୫୦୭, ଏକ୍ସଟେନ୍ସନ୍ ବ୍ଲକ୍, ତିସ୍ ହଜାରୀ କୋର୍ଟସ୍, ଦିଲ୍ଲୀ

DP/13789/CD/2025
(Court Matter)



## BERHAMPUR UNIVERSITY

BHANJA BIHAR, BERHAMPUR-760007 (ODISHA)

No.6665/Adm-I (TE) Date : 13.10.2025

**WALK-IN-INTERVIEW**

A Walk-in-Interview for engagement of **25 (twenty-five)** teaching faculty on contractual basis in the **School of Education, Berhampur University** for Integrated Teacher Education Programme (ITEP) to be engaged from the academic session 2026-27 under Self-Financing mode. In addition, **04 (four)** teaching faculty will also be engaged in the School of Education for the B.Ed./M.A. Education course with immediate effect.

The Walk-in-Interviews will be held in the **New Syndicate Hall, Berhampur University** on **03.11.2025 and 04.11.2025**. The tenure of the post is initially for one year and may be extended on year-to-year basis with one day break subject to satisfactory performance. In no circumstances the appointed contractual teachers shall claim for regular teaching posts and for this they have to give an undertaking on Non-Judicial Stamp Paper. For all purposes, they shall abide by Self-Financing Course Guidelines of the University.

The University reserves the right to cancel the Walk-in-Interview without assigning any reason thereof. For further details on number of posts, eligibility criteria etc., please visit University website : **www.buodisha.edu.in**.

**By order of the Vice-Chancellor**
**Sd./- REGISTRAR**



## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏସ୍‌ଟି-ଓଟି-ଏସ୍‌ପିଏଲ୍-ଏସ୍ଆଇଜି-ସିଜିଏ-ବିଓପି, ତାରିଖ: ୧୦।୧୦।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଏସ୍‌ଟିଇ (ସିଓ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୧୨.୦୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଟେଙ୍ଗେଲ (ଏକ୍ସ.) – ଭୋଗପୁର (ଏକ୍ସ.) ସେକ୍ସନରେ ଦୁଇବର୍ଷ ଅବଧି ପାଇଁ ସିଗ୍ନାଲିଂ କାର୍ଯ୍ୟ, ବିଦ୍ୟମାନ ସିଷ୍ଟମ୍‌ରେ ଯୋଗ ଓ ପରିବର୍ତ୍ତନ, ସାଧାରଣ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ। **ଟେଣ୍ଡରର ମୂଲ୍ୟ: ₹୧,୪୬,୬୩,୫୨୬.୪୬। ଇଏମ୍‌ଡି: ₹୨,୨୩,୩୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ। **ଖୋଲାଯିବା ତାରିଖ:** ୦୬।୧୧।୨୦୨୫। **ସମାପ୍ତି ଅବଧି:** ୨୪ ମାସ। **ଦାଖଲର ତାରିଖ:** ତା୦୬।୧୧।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। (PR-712)



## बैंक ऑफ़ बड़ौदा Bank of Baroda

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ
ଏଫଆଇ ବିଭାଗ, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସୁପରଭାଇଜର ନିଯୁକ୍ତି**

ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର **ଖୋର୍ଦ୍ଧା, ନୟାଗଡ଼ ଏବଂ ଗଞ୍ଜାମ** ଆଦି ଜିଲ୍ଲା ପାଇଁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କ ଠାରୁ ଅଫ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି।

- ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
- JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
- କମ୍ପ୍ୟୁଟର ଜ୍ଞାନ (MS Office, Email, Internet ଇତ୍ୟାଦି ଜ୍ଞାନ ଥିବା) ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc. (IT)/ BE (IT)/ MCA/ MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ **୬୫ ବର୍ଷରୁ** ଊର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା **୨୧-୪୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ଏବଂ ସଂପୃକ୍ତ ଜିଲ୍ଲାର ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।

ଅଧିକ ବିବରଣୀ ପାଇଁ ଆମ୍ଭ ବ୍ୟାଙ୍କର ୱେବ୍‌ସାଇଟ୍ ଦେଖନ୍ତୁ।
**https://www.bankofbaroda.in/career/current-opportunities**
ଅଫ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ୨୪.୧୦.୨୦୨୫

ତାରିଖ: ୧୩.୧୦.୨୦୨୫ — କ୍ଷେତ୍ରୀୟ ମୁଖ୍ୟ
ସ୍ଥାନ: ଭୁବନେଶ୍ୱର — ଭୁବନେଶ୍ୱର କ୍ଷେତ୍ର



## ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
## ODISHA ELECTRICITY REGULATORY COMMISSION

BIDYUT NIYAMAK BHAWAN
PLOT NO.4, OERC ROAD, SHAILASHREE VIHAR,
BHUBANESWAR -751021, TEL. No. 2721048, 2721049
E-mail: oerc@odisha.gov.in, Website: www.orierc.org

Together, Let us light up our lives

**NOTICE INVITING BIDS**

**No. 13026/1/2025-tariff div-OERC-1262 Dt.: 13.10.2025**

With reference to our notice published in newspaper/ website of **OERC on 16.08.2025**, it is informed to all concerned that Odisha Electricity Regulatory Commission (OERC) has invited bids for assisting the Commission in reviewing the performance of four DISCOMS of Odisha as per the Vesting Order of the Commission whose last date of submission was **13.10.2025**. Now, the Commission revises the original Request for Proposal (RFP) which is available in the OERC official website.

Accordingly, the last date of submission of bid as per revised RPF is extended up to **17th November 2025, 5.00PM.**

By order of the Commission
**Sd/-**
**SECRETARY**



## OFFICE OF THE EXECUTIVE ENGINEER
## RURAL WORKS DIVISION, BARGARH

Email : rd_bgh@yahoo.co.in, Gmail : rwd.bgh@gmail.com

**No.O-852** **e-Procurement Notice No. ONLINE-BGH-10 OF 2025-26**

| | | | |
|---|---|---|---|
| 1 | Name of the Work | : | **Building work during 2025-26 in the district of Bargarh** |
| 2 | EMD | : | **@1% of the estimated cost put to tender** |
| 3 | Other details | : | **As per DTCN** |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bargarh | ONLINE-BGH-10 OF 2025-26 | 15.10.2025 at 11.00 A.M. | 28.10.2025 upto 5.00 P.M. | 28.10.2025 upto 4.00 P.M. | 29.10.2025 at 11.00 A.M. |

Further details can be seen from the website www.tendersorissa.gov.in.

OIPR-25062/11/0036/2526 — **Sd./- Executive Engineer, R.W. Division, Bargarh**



## 'e' PROCUREMENT NOTICE NO.08/2025-26

No.O-931

1. Name of work : Road Works
2. Total No. of Work : 63 (Sixty three) works.
3. Estimated Cost : Rs.5.05 to 42.02 lakhs.
4. Period of Completion : 01 (One) Calendar Month.
5. Class of contractors : 'B', 'C' & 'D' Class only.

**Other details as follows :**

a) Procurement officer : Superintending Engineer, Rural Works Division, Cuttack.
b) Availability of tender online for bidding : From dt.18.10.2025 at 11.00 A.M. to dt.01.11.2025 up to 5.00 P.M.
c) Last date & time of seeking of tender clarification : Dt.31.10.2025 up to 5.00 P.M.
d) Date & Time of Opening Technical Bid : Dt.03.11.2025 at 11.00 A.M.

Further details can be seen from the Govt. website www.tendersorissa.gov.in

**Sd./- Superintending Engineer**
**Rural Works Division**
**Cuttack**

OIPR-25053/11/0044/2526



## କାନାରା ବ୍ୟାଙ୍କ Canara Bank

A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ,
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭,
ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବନ୍ଧକ ସୁନା ଅଳଙ୍କାରଗୁଡ଼ିକର ଇ-ନିଲାମ ବିଜ୍ଞପ୍ତି**

**କାନାରା ବ୍ୟାଙ୍କର** ନିମ୍ନଦର୍ଶିତ ଶାଖାର ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ବ୍ୟାଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ସୁନା ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ସୁନା ଅଳଙ୍କାରଗୁଡ଼ିକୁ **"ଯାହା ଯେପରି ଅଛି"**, **"ସେଠାରେ ଯାହା ଅଛି"** ଏବଂ **"ବିନା ଆଇନଗତ ସହାୟତା"** ଭିତ୍ତିରେ ଅନ୍‌ଲାଇନ୍ ନିଲାମ କରାଯିବ। ଅନ୍‌ଲାଇନ୍ ନିଲାମ **https://www.bankeauctions.com** ମାଧ୍ୟମରେ ଅନୁଷ୍ଠିତ ହେବ।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୯.୧୦.୨୦୨୫ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା
ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୮.୧୦.୨୦୨୫ ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ
ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୮.୧୦.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| **ନୟାବଜାର ଶାଖା (୪୯୧୯), ମୋ.: ୭୬୦୫୦୦୯୦୭୮, IFSC CODE-CNRB0004919** | | | | |
| ୧. | **ଅମ୍ରିତ କୁମାର ଘଡେଇ,** ପିତା: ଅନନ୍ତ ଚରଣ ଘଡେଇ, ଏଚ୍. ନଂ.: ୫୮, ଜୟପୁର, ବାରଙ୍ଗ, ବେଲଗଛିଆ, କଟକ, ଓଡ଼ିଶା, ପିନ୍-୭୫୪୦୦୫ / ୧୮୦୩୮୯୮୩୮୪୨୩ | ଟ.୧୩,୫୦,୪୦୭/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୫,୬୬,୮୬୦/- | ୫୨.୮ ଏବଂ ୫୦ |
| ୨. | **ଅମ୍ରିତ କୁମାର ଘଡେଇ,** ପିତା: ଅନନ୍ତ ଚରଣ ଘଡେଇ, ଏଚ୍. ନଂ.: ୫୮, ଜୟପୁର, ବାରଙ୍ଗ, ବେଲଗଛିଆ, କଟକ, ଓଡ଼ିଶା, ପିନ୍-୭୫୪୦୦୫ / ୧୮୦୩୮୯୮୪୦୦୬୭ | | ଟ.୧,୪୧,୭୧୫/- | ୧୩.୩ ଏବଂ ୧୨.୫ |
| ୩. | **ଅମ୍ରିତ କୁମାର ଘଡେଇ,** ପିତା: ଅନନ୍ତ ଚରଣ ଘଡେଇ, ଏଚ୍. ନଂ.: ୫୮, ଜୟପୁର, ବାରଙ୍ଗ, ବେଲଗଛିଆ, କଟକ, ଓଡ଼ିଶା, ପିନ୍-୭୫୪୦୦୫ / ୧୮୦୩୮୯୮୪୮୮୫୦ | | ଟ.୮,୪୬,୮୭୩/- | ୮୮.୯ ଏବଂ ୭୪.୭ |
| **ପରାହାଟ ଶାଖା (୧୮୦୩୧), ମୋ.: ୯୪୩୭୫୭୯୫୪୮, IFSC CODE-CNRB0018031** | | | | |
| ୧. | **ସିମାନ୍ତିନୀ ଦାସ,** ସ୍ୱାମୀ: ଅଭୟ ନାୟକ, ସା: ଗୋପାଳପୁର, ପୋ: ଇଚ୍ଛାପୁର, ଥାନା: ବାଲିକୁଦା, ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୮/ ୧୮୦୪୦୬୦୯୧୪୪୩ | ଟ.୫,୩୧,୬୮୨.୪୪ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୨,୬୭,୫୫୩/- | ୩୧.୧ ଏବଂ ୨୩.୬ |
| **ଦାଣ୍ଡିସାହି ଶାଖା (୧୮୦୩୩), ମୋ.: ୯୪୩୭୫୭୯୫୭୨, IFSC CODE-CNRB0018033** | | | | |
| ୧. | **ମର୍ଦ୍ଧରାଜ ବିଶ୍ୱାଳ,** ପିତା: ଶତ୍ରୁଘ୍ନ, ସା: ତରଡିପାଳ, ପୋ: ତରଡିପାଳ, କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୦୯୬୦୫୨୩୫୭ | ଟ.୮୬,୪୨୬.୬୪ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୯୨,୭୨୯/- | ୧୯ ଏବଂ ୧୭ |
| ୨. | **ପ୍ରିୟଙ୍କା ମଳିକ,** ପିତା: ଅକ୍ଷୟ କୁମାର ମଳିକ, ସା: ନହିଆଡିଆ, ପୋ: ଦାଣ୍ଡିସାହି, କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୧୦୪୩୪୯୬୧୦ | ଟ.୬୩,୯୩୨.୪୮ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୦୨,୦୩୩/- | ୧୦.୩୩ ଏବଂ ୯ |
| **ସିଡ଼ିଏ ଶାଖା (୧୮୦୯୪), ମୋ.: ୯୪୩୭୪୯୬୦୭୧, IFSC CODE-CNRB0018094** | | | | |
| ୧. | **ହିମାଂଶୁ ଭୂଷଣ ପତି,** ପିତା: ଦେବରାଜ ପତି, ସା: ପ୍ଲଟ୍ ନଂ.: ସି-୫୯, ସେକ୍ଟର-୯, ସିଡ଼ିଏ ଅଭିନବ ବିଡାନାସି, କଟକ ସଦର, କଟକ, ଓଡ଼ିଶା, ପିନ୍-୭୫୩୦୧୪ / ୧୮୦୧୦୪୮୩୦୮୧୧ | ଟ.୪୯,୮୭୫.୭୨ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୧,୧୯୬/- | ୭.୮୬ ଏବଂ ୬.୨୮ |

ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.: ୨୦୯୨୭୨୪୩୪, ଆକାଉଣ୍ଟର ନାମ: **CANARA BANK, IFSC Code:** ସମ୍ପୃକ୍ତ ଶାଖାର **IFSC Code**, ଅମାନତ ଜମା ରାଶି: ଟ.୨୫,୦୦୦/-

ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ। ନିଲାମଧାରୀମାନେ ଅମାନତ ଜମା ଦାଖଲ ତାରିଖ ସୁଦ୍ଧା କେୱାଇସି କାଗଜାତ୍ ଏବଂ ପ୍ରତି ଶାଖା ପିଛା ଅମାନତ ରାଶି ଜମା କରିବେ। ଅଧିକ ସୂଚନା ପାଇଁ ଦୟାକରି **M/S C1 INDIA PVT. LTD.,** ମୋ: **7291981126**ରେ ଯୋଗାଯୋଗ କରନ୍ତୁ। ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି **https://www.bankeauctions.com** ଦେଖନ୍ତୁ।

ସ୍ଥାନ : କଟକ, ତାରିଖ : ୧୩.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



## ODISHA POWER GENERATION CORPORATION LIMITED

OPGC Power for Progress
**CIN: U40104OR1984SGC001429**
**Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India**
**Phone: +91-674-2303765-66, Fax: +91-674-2303755-56, Website: www.opgc.co.in**

**POWER YOUR CAREER WITH OPGC**

**Engagement of Specialist Doctors on Contractual Basis**

**Odisha Power Generation Corporation Ltd. (OPGC)**, a Government of Odisha Company, operates state of the art thermal power plants at Ib Thermal Power Station, Banharpalli, Jharsuguda. It has a total generation capacity of 1740 MW. We are looking for Medical professionals in the following Specialization to be engaged on contractual basis in our Hospital at ITPS Township, Banharpalli, Jharsuguda.

| Specialty | No. of Vacancies | Qualification | Experience | Payment |
|---|---|---|---|---|
| GDMO | 2 | MBBS which is recognised by National Medical Commission (formerly Medical Council of India) | Minimum 1 year Working experience after completion of Internship | Rs. 1,00,000/- (Rupees One Lakh) only Per Month |
| Physician | 2 | MD in General Medicine which is recognised by National Medical Commission (formerly Medical Council of India) | Minimum 2 years Working experience after completion of Internship | Rs. 1,50,000/- (Rupees One Lakh Fifty Thousand) only Per Month |

For detailed advertisement, please logon to our website: www.opgc.co.in/careers. The applications will be accepted in offline mode ONLY. The last date for submission of application is **31.10.2025**. Candidates are advised to go through the detailed advertisement carefully before applying. Corrigendum, if any shall be published in our official website only.

**No.OPGC/CO/HR/02/2025** **Date : 14/10/2025**



## OFFICE OF THE EXECUTIVE ENGINEER

National Highway Division, RCD, Deoghar
Circular Road, Near D.C. Residence, Deoghar, Jharkhand (814112)
E-mail ID : eenhdeoghar@gmail.com

**Corrigendum**

Tender Ref. No. NH/DEOGHAR /STMC/01/2025-26 Dated. 09.10.2025, which was published in daily newspaper [PR No. 363764 Deoghar (25-26)_D] the following corrigendum has been made.

| Sl. No. | Section | Length (km) | Estimated Cost (Rs. Lakhs) | Bid Security (Rs. Lakhs) | ContractDuration *(months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 388.50 (Excluding GST) | 3.88 | 12 months |

**Executive Engineer**
**NH Division, Deoghar**

PR 364032 (Deoghar) 25-26 (D)

# ୨ ସାଇବର ଠକଙ୍କୁ ଧରିଲା ଅନୁଗୋଳ ପୋଲିସ



ରାଜସ୍ଥାନରୁ ଗିରଫ ହୋଇଥିବା ୨ ସାଇବର ଠକ।

**ଅନୁଗୋଳ, ୧୩।୧୦ (ଜ୍ୟୋତିରଞ୍ଜନ ସାହୁ)**

- ବିୟୁଟିପାର୍ଲର ଡିଷ୍ଟ୍ରିବ୍ୟୁଟର କରିଦେବାକୁ କହି ଅଢ଼େଇ ଲକ୍ଷ ଠକିଥିଲେ
- ତାଲଚେରର ମହିଳାଙ୍କ ଅଭିଯୋଗ ପରେ ଗିରଫଦାରି

ଅନୁଗୋଳ ଜିଲା ତାଲଚେରର ଜଣେ ମହିଳାଙ୍କୁ ବିୟୁଟିପାର୍ଲର ଡିଷ୍ଟ୍ରିବ୍ୟୁଟର କରିଦେବାକୁ କହି ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଠକି ନେଇଥିବା ୨ ସାଇବର ଠକଙ୍କୁ ଅନୁଗୋଳ ପୋଲିସ ରାଜସ୍ଥାନର ଅନୱାର ଜିଲାରୁ ଗିରଫ କରିଛି। ସେମାନେ ହେଲେ ବଂଶ କୁମାର (୨୨) ଓ ଗୌରବ କୁମାର (୨୧)। ଏ ନେଇ ଏକ ଖବରଦାତା ସମ୍ମିଳନୀରେ ସୋମବାର ଅନୁଗୋଳ ଏସ୍‌ପି ରାହୁଲ ଜୈନ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ, ତାଲଚେର ବିକ୍ରମପୁର ଥାନା ସନ୍ଧ୍ୟାଭିଲା ଅଞ୍ଚଳରେ ବିୟୁଟିପାର୍ଲର କରିଥିବା ଜଣେ ମହିଳା ଗତ ଜୁନ ୫ରେ ଅନୁଗୋଳ ସାଇବର ଥାନାରେ ଠକେଇ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ, ବିୟୁଟିପାର୍ଲର ପାଇଁ ଆବଶ୍ୟକ ସମାଗ୍ରୀର ଡିଷ୍ଟ୍ରିବ୍ୟୁଟର ହେବା ସମ୍ପର୍କିତ ଏକ ଲିଙ୍କ୍ ତାଙ୍କ ମୋବାଇଲକୁ ଆସିଥିଲା। ଜଣେ ବ୍ୟକ୍ତି କମ୍ପାନୀର ଅଧିକାରୀ ପରିଚୟ ଦେଇ ତାଙ୍କୁ ଯୋଗାଯୋଗ କରିବା ସହ ଲିଙ୍କ୍ ସାହାଯ୍ୟରେ ୨ଲକ୍ଷ ୪୯ ହଜାର ଟଙ୍କା ନେଇଥିଲେ। ଏହାପରେ ଅଧିକ ଟଙ୍କା ମାଗିବାରୁ ମହିଳା ଜଣକ ସନ୍ଦେହ କରି ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ. ୧୨/୨୫ରେ ମାମଲା ରୁଜୁ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ସାଇବର ପୋଲିସ ସହ ପୋଲିସର ଏକ ମିଳିତ ଟିମ୍ ଆକାଉଣ୍ଟ ଯାଞ୍ଚ କରି ରାଜସ୍ଥାନ ଅନୱାର ଜିଲାରେ ପହଞ୍ଚିଥିଲା। ସେଠାକାର ପୋଲିସ ସହାୟତାରେ ଅଭିଯୁକ୍ତ ୨ ଭାଇ ବଂଶ କୁମାର ଓ ଗୌରବ କୁମାରଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କ ପାଖରୁ ୨୦ ହଜାର ଟଙ୍କା, ଗୋଟିଏ ଲାପଟପ, ବିଭିନ୍ନ କମ୍ପାନୀର ସିମ୍ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଥିବା ଏସ୍‌ପି ପ୍ରକାଶ କରିଛନ୍ତି।

### ଲୋଭରେ ପଡ଼ି ଭୁଲ୍ ବାଟରେ ଅର୍ଥ ଲଗାନ୍ତୁ ନାହିଁ: ଏସ୍‌ପି

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କ ଆଦେଶ ଅନୁସାରେ ସାଇବର କ୍ରାଇମ୍ ରୋକିବାକୁ ଅନୁଗୋଳ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି। ଏ ନେଇ ଜିଲା ସାରା ସଚେତନତା ବାର୍ତ୍ତା ପ୍ରଚାର କରାଯିବ। ଏଥିସହ ଆଗାମୀ ଦିନରେ ସାଇବର କ୍ରାଇମ ଉପରେ ଚଢ଼ାଉ ଜାରି ରହିବ। କୌଣସି ପ୍ରକାର ଲୋଭରେ ପଡ଼ି ନିଜ ଝାଳବୁହା ଅର୍ଥକୁ ଲୋକେ ଭୁଲ ବାଟରେ ଲଗାନ୍ତୁ ନାହିଁ। ଅର୍ଥ ଲଗାଇବା ପୂର୍ବରୁ ସଂସ୍ଥାକୁ ଠିକ୍ ଭାବେ ଯାଞ୍ଚ କରନ୍ତୁ। କୌଣସି ପ୍ରକାର ସାଇବର ଠକାମିର ଶିକାର ହେଲେ ତୁରନ୍ତ ୧୯୩୦ନଂ.ରେ କଲ୍ କରି ଅଭିଯୋଗ କରନ୍ତୁ କିମ୍ବା ଅନୁଗୋଳ ସାଇବର ଥାନାରେ ଅଭିଯୋଗ କରନ୍ତୁ ବୋଲି ଅନୁଗୋଳ ଏସ୍‌ପି ରାହୁଲ ଜୈନ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି।

# ଅଭାବରୁ ନବଜାତ ଶିଶୁପୁତ୍ର ବିକିଦେଲି : ମା’

**ଟେନ୍‌ସା, ୧୩।୧୦ (ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ପାଟମୁଣ୍ଡା ପଞ୍ଚାୟତସ୍ଥିତ ପାଟମୁଣ୍ଡା ହାଟିଂରେ ଜଣେ ମା’ତାର ଶିଶୁପୁତ୍ରକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଦେଢ଼ ମାସ ତଳେ ହୋଇଥିବାବେଳେ ସୋମବାର ଏହା ଜଣାପଡ଼ିବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ଅଭାବ ଯୋଗୁ ମହିଳା ଜଣଙ୍କ ଶିଶୁକୁ ଅନ୍ୟ ଜଣଙ୍କୁ ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ସ୍ୱୀକାର କରିଛନ୍ତି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀଙ୍କ କିଛି ବର୍ଷ ତଳେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ୪ପୁଅ, ଝିଅ ଓ ଶାଶୁଙ୍କ ସହ ପାଟମୁଣ୍ଡା ହାଟିଂରେ ରହି ଆସୁଥିଲେ। ହେଲେ ମହିଳା ଜଣଙ୍କ ୫ମାସ ତଳେ ଗର୍ଭବତୀ ହୋଇଥିବା ଜଣାପଡ଼ିଥିଲା। ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାରୁ ଗର୍ଭବତୀ ହେବା ନେଇ ଲୋକ ଲଜ୍ଜାରେ ସେ କାହାକୁ ଜଣାଇ ନ ଥିଲେ। ହେଲେ କୌଣସି ସୂତ୍ରରୁ ଖବର ପାଇ ଆଶା ଦିଦି ଓ ଅଙ୍ଗନୱାଡି କର୍ମୀ ତାଙ୍କୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପରୀକ୍ଷା କରାଇ ମା’ଗୃହରେ ଛାଡ଼ି ଦେଇଥିଲେ। ଗତ ଅଗଷ୍ଟ ୩୦ରେ ସେ ରାଉରକେଲା ସରକାରୀ ମେଡିକାଲରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ୧୨ ଦିନ ପରେ ସେ ଘରକୁ ଏକାକି ଫେରିଥିଲେ। ଏବେ ମହିଳାଙ୍କ ନିକଟରେ ନବଜାତ ଶିଶୁପୁତ୍ର ନ ଥିବା ଦେଖି ଆଶା ଦିଦି ଓ ଅଙ୍ଗନୱାଡ଼ି ଦିଦି ପଚାରିବାରୁ ଶିଶୁକୁ ସେ ଅନ୍ୟ ଜଣଙ୍କୁ ଦେଇ ଦେଇଥିବା ଏବଂ ଚଳିବା ପାଇଁ ୨୦ହଜାର ଟଙ୍କା ଆଣିଛନ୍ତି ବୋଲି କହିଥିଲେ। ପାଖରେ ୫ଟି ପିଲା ଅଛନ୍ତି ସେମାନଙ୍କୁ ଭଲ ଖାଇବାକୁ ଦେଇ ପାରୁ ନାହିଁ ଆଉ ପିଲା ରଖିକି କ’ଣ କରିବେ ବୋଲି ପ୍ରକାଶ କରିଥିଲେ।

ଏନେଇ ପାଟମୁଣ୍ଡା ପୂର୍ବତନ ସରପଞ୍ଚ ଅବିନାଶ ସୁମନ ବାଗେଙ୍କୁ ପଚାରିବାରୁ, ଶିଶୁ ବିକ୍ରି ହେବା କଥା ଶୁଣିବାକୁ ପାଇଛି। ଘଟଣା ସତ କି ମିଛ କହିପାରିବେ ନାହିଁ ବୋଲି କହିଥିଲେ। କୋଇଡ଼ା ସମ୍ପୃକ୍ତ ଶିଶୁବିକାଶ ଅଧିକାରୀ ଅନିତା ଦାସଙ୍କୁ ପଚାରିବାରୁ, ଶିଶୁ ବିକ୍ରି ହେବା କଥା ଶୁଣିଛନ୍ତି। ପ୍ରକୃତ ତଦନ୍ତ ନ ହେବା ପର୍ଯ୍ୟନ୍ତ କହିପାରିବେ ନାହିଁ ବୋଲି କହିଥିଲେ। କୋଇଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତିଙ୍କୁ ପଚାରିବାରୁ, ଶିଶୁ ବିକ୍ରି ସମ୍ପର୍କରେ କୌଣସି ଅଭିଯୋଗ ଥାନାକୁ ଆସି ନାହିଁ ବୋଲି କହିଥିଲେ।

# ଝଡ଼ାଫୁଙ୍କା ବାହାନାରେ ମହିଳାଙ୍କୁ ବଳାତ୍କାର

**ବସ୍ତା, ୧୩।୧୦ (ହରିଶଙ୍କର ପାଢ଼ୀ)**

ଝଡ଼ାଫୁଙ୍କା ବାହାନାରେ ଜଣେ ବ୍ୟକ୍ତି ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବାହାବଳପୁର ସାମୁଦ୍ରିକ ଥାନା ଅଞ୍ଚଳରେ।

ଗୁଣିଗାରେଡି ଦ୍ୱାରା ସମସ୍ୟାର ସମାଧାନ କରିଦେବାକୁ କହି ସିଂଲା ଥାନା ଗୋପୀନାଥପୁର ଗାଁର ଶେଖ ଇସ୍ରେଖାର ଘରକୁ ଘରକୁ ବୁଲି ଝଡ଼ାଫୁଙ୍କା କରିଥାନ୍ତି। ଉକ୍ତ ମହିଳା ରବିବାର ଝଡ଼ାଫୁଙ୍କା କରିବାକୁ ଇସ୍ରେଖାରଙ୍କୁ ଡାକିବାରୁ ସେ ଏହାର ସୁଯୋଗ ନେଇ ବଳାତ୍କାର କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ସିଂଲା ଥାନା ପୋଲିସ ସୋମବାର ଇସ୍ରେଖାରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ପୋଲିସ ମାମଲା(ନଂ. ୩୧/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ

**ଢେଙ୍କାନାଳ, ୧୩।୧୦ (ରତନ ନାୟାର)**

**ନାବାଳିକାଙ୍କୁ ବଳାତ୍କାର ମାମଲା**

୨୦୧୬ ମସିହାରେ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରୁଥିବା ଢେଙ୍କାନାଳ ଫାଷ୍ଟଟ୍ରାକ୍ ଅଦାଲତର ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ ଅଭିଯୁକ୍ତ ଦେବରାଜ ବନରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ୨୦୧୬ ନଭେମ୍ବର ୨୦ରେ ସମ୍ପୃକ୍ତା ନାବାଳିକା ଘରପାଖ ଗ୍ରାମ ଜଙ୍ଗଲକୁ ଯାଇଥିବା ବେଳେ ଅଭିଯୁକ୍ତ ଦେବରାଜ ତାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଘଟଣା କାହା ଆଗରେ ପ୍ରକାଶ କଲେ ହତ୍ୟା କରିବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ନାବାଳିକା ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୧୨୫/୧୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୋଟ ୧୫ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଡାକ୍ତରୀ ରିପୋର୍ଟକୁ ବିଚାରକରି ଢେଙ୍କାନାଳ ଫାଷ୍ଟଟ୍ରାକ୍ ଅଦାଲତର ବିଚାରପତି ଅଭିଯୁକ୍ତ ଦେବରାଜଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜାହିର ମହମ୍ମଦ ମାମଲା ପରିଚାଳନା କରିଥିଲେ। ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମାମଲା ପରିଚାଳିତ ହୋଇଥିଲା।

# କୁକୁଡ଼ା ଫାର୍ମ ମାଲିକଙ୍କୁ ହତ୍ୟା ଅଭିଯୋଗ

**ଚାନ୍ଦବାଲି, ୧୩।୧୦ (ଅଶୋକ ପଣ୍ଡା)**

**ପାର୍ଟନର ହୋଇ କୁକୁଡ଼ା ଫାର୍ମ କରିଥିଲେ**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମାଧପୁର ପଞ୍ଚାୟତର ବଡ଼ସିଂହପୁର ଗ୍ରାମ(ବଙ୍ଗାଳୀପଡ଼ା)ରେ ରବିବାର ରାତିରେ ଜଣେ କୁକୁଡ଼ା ଫାର୍ମ ମାଲିକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଭଦ୍ରକ ଚରମ୍ପାର ଅଜୟ ଗିରି(୪୧)। ଏନେଇ ମୃତ ଅଜୟଙ୍କ ଭଣଜା ଚନ୍ଦନ ଦେ ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୪୨୪/୨୫) ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ ଫାର୍ମର ୨ କର୍ମଚାରୀଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚରା କରୁଛି। ଏଥିସହ ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି।

ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବର୍ଷେ ହେବ ବଙ୍ଗାଳୀପଡ଼ାରେ ଏକ କୁକୁଡ଼ା ଫାର୍ମକୁ ଅଜୟ ଓ କେନ୍ଦ୍ରାପଡ଼ାର ଶୁଭ୍ରାଂଶୁ ସ୍ୱାଇଁ ପାର୍ଟନର ହୋଇ ଚଳାଉଥିଲେ। ରବିବାର ରାତିରେ ଶୁଭ୍ରାଂଶୁ ମତୋ ବଜାରକୁ ଅପେରା ଦେଖିବାକୁ ଯାଇଥିବାବେଳେ ଅଜୟ ଏକୁଟିଆ ଫାର୍ମରେ ଥିଲେ। ଭୋର ୪ଟା ୩୦ରେ ଶୁଭ୍ରାଂଶୁ ଫାର୍ମରେ ପହଞ୍ଚିବା ପରେ ଅଜୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଶୁଭ୍ରାଂଶୁ ଫାର୍ମ କର୍ମଚାରୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଅଜୟଙ୍କୁ ଚାନ୍ଦବାଲି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତଦନ୍ତକାରୀ ଅଧିକାରୀ ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଚ୍ଛୀ କହିଛନ୍ତି, ତଦନ୍ତ ବେଳେ ଉକ୍ତ ଫାର୍ମର ସିସି କ୍ୟାମେରା ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ଅଜୟଙ୍କୁ ଡାକ୍ତରଖାନା ନେବା ପରଠାରୁ ଫାର୍ମର ପାର୍ଟନର ଶୁଭ୍ରାଂଶୁଙ୍କ ସହ ଯୋଗାଯୋଗ ହୋଇପାରୁ ନାହିଁ। ଘଟଣାର ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

# ୮ ମାଓବାଦୀ ଗିରଫ, ବିସ୍ଫୋରକ ସାମଗ୍ରୀ ଜବତ

**ମାଲକାନଗିରି, ୧୩।୧୦ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ପୋଲିସ ସୋମବାର ୮ ଜଣ ମାଓବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ବିଜାପୁର ଜିଲା ବାସାଗୁଡ଼ା ଥାନା ଅଞ୍ଚଳରେ ଡିଆରଜି ବାହିନୀ ଓ କେରିପୁ ୧୬୮ ବାହିନୀ ମିଳିତ ଭାବେ ପୋଲମପଲ୍ଲୀ ନିକଟରେ କୋମ୍ବିଂ ଅପରେଶନ କରୁଥିବା ସମୟରେ ୮ଜଣ ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ସେମାନେ ମାଓବାଦୀ ବୋଲି ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମାଓବାଦୀଙ୍କ ମଧ୍ୟରୁ ୩ ଜଣଙ୍କ ନାମରେ ପୁରସ୍କାର ରାଶି ଘୋଷଣା ହୋଇଥିବା ଜଣାପଡ଼ିଛି। ଗିରଫ ମାଓବାଦୀମାନେ ହେଲେ ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ କେସା ସୋଡ଼ି, ୫୦ ହଜାର ଟଙ୍କା ପୁରସ୍କାର ଘୋଷିତ ଜୟସିଂ ମାଡବି, ୫୦ ହଜାର ଟଙ୍କା ପୁରସ୍କାର ଘୋଷିତ ମଡକମ ଅନ୍ଦାଙ୍କ ସହ ସୋଡି ହିଡମା, ମୁଚାକୀ ବୁଦରା, ମାଡବି ରାଜୁ, ମାଡବି ହିଡମା, ଦେବା ମାଡବି। ସେମାନଙ୍କ ନିକଟରୁ ଟିଫିନ ବୋମା, ଡେଟୋନେଟର, ସେଫ୍‌ଟି ଫ୍ୟୁଜ୍, କର୍ଡେକ୍ସ ତାର, ବ୍ୟାଟେରି, ବିଦ୍ୟୁତ୍ ତାର, ମାଟି ଖୋଳିବା ସାମଗ୍ରୀ, ମାଓବାଦୀ ପାମ୍ପଲେଟ୍, ବ୍ୟାନର ଇତ୍ୟାଦି ଜବତ କରାଯାଇଛି।

## Business

# ଦେଶର ପ୍ରଗତିକୁ ନୂଆ ରୂପ ଦେଉଛି ଏଆଇ

**ଭୁବନେଶ୍ୱର, ୧୩।୧୦ (ଅନୁରାଧା ମହାରଣା)**

- ଇଣ୍ଡିଆ ଏଆଇ ମିଶନ ପାଇଁ ୧୦,୩୦୦ କୋଟି ବ୍ୟୟବରାଦ
- ବର୍ଷକରେ ୨୮୦ ବିଲିୟନ ଡଲାର ରାଜସ୍ୱ ଆକଳନ
- ଟେକ୍, ଏଆଇ ଇକୋସିଷ୍ଟମରେ ୬ ନିୟୁତଙ୍କୁ ନିଯୁକ୍ତି

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦେଶର ପ୍ରଗତିକୁ ନୂଆ ଆକାର ଦେଉଛି। ଇଣ୍ଡିଆ ଏଆଇ ମିଶନ ଏବଂ ଏଆଇ ପାଇଁ ଉତ୍କର୍ଷ କେନ୍ଦ୍ର ଭଳି ପଦକ୍ଷେପ ଏହି ପରିବର୍ତ୍ତନର କେନ୍ଦ୍ରରେ ଅଛି। ଏଗୁଡ଼ିକ କମ୍ପ୍ୟୁଟିଂ ଶକ୍ତିକୁ ବିସ୍ତାର କରୁଛନ୍ତି, ଗବେଷଣାକୁ ସମର୍ଥନ କରୁଛନ୍ତି, ଏବଂ ଷ୍ଟାର୍ଟଅପ ଓ ଅନୁଷ୍ଠାନଗୁଡ଼ିକୁ ସମାଧାନ ସୃଷ୍ଟି କରିବାରେ ସାହାଯ୍ୟ କରୁଛନ୍ତି, ଯାହା ସିଧାସଳଖ ଲୋକଙ୍କୁ ଉପକୃତ କରୁଛି। ସମାବେଶୀ ସାମାଜିକ ବିକାଶ ପାଇଁ ଏଆଇ (ଅକ୍ଟୋବର ୨୦୨୫) ରିପୋର୍ଟ ଦର୍ଶାଉଛି ଯେ, ଏଆଇ ଭାରତର ୪୯୦ ନିୟୁତ ଅସଂଗଠିତ ଶ୍ରମିକଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତା ଏବଂ ଆର୍ଥିକ ଅନ୍ତର୍ଭୂକ୍ତୀକରଣର ସୁବିଧା ବିସ୍ତାର କରି ସଶକ୍ତ କରିପାରିବ। ଭାରତର ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଦ୍ରୁତ ଗତିରେ ବିସ୍ତାର କରୁଛି ଏବଂ ଚଳିତ ବର୍ଷ ବାର୍ଷିକ ରାଜସ୍ୱ ୨୮୦ ବିଲିୟନ ଡଲାର ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଏହି କ୍ଷେତ୍ରରେ ୬ ନିୟୁତରୁ ଅଧିକ ଲୋକ ନିଯୁକ୍ତି ପାଇଛନ୍ତି। ଦେଶରେ ୧,୮୦୦ରୁ ଅଧିକ ବିଶ୍ୱସ୍ତରୀୟ କ୍ଷମତା କେନ୍ଦ୍ର ରହିଛି, ଯେଉଁଥିରେ ୫୦୦ରୁ ଅଧିକ ଏଆଇ ଉପରେ କେନ୍ଦ୍ରିତ। ଭାରତରେ ପ୍ରାୟ ୧.୮ ଲକ୍ଷ ଷ୍ଟାର୍ଟଅପ ଅଛି। ଗତ ବର୍ଷ ଶୁଭାରମ୍ଭ ହୋଇଥିବା ନୂତନ ଷ୍ଟାର୍ଟଅପଗୁଡ଼ିକ ମଧ୍ୟରୁ ପ୍ରାୟ ୮୯% ସେମାନଙ୍କ ଉତ୍ପାଦ କିମ୍ବା ସେବାରେ ଏଆଇ ବ୍ୟବହାର କରିଛନ୍ତି। ନାସ୍‌କମ ଏଆଇ ଗ୍ରହଣ ସୂଚକାଙ୍କରେ ଭାରତ ୪ ରୁ ୨.୪୫ ସ୍କୋର କରିଛି, ଯାହା ଦର୍ଶାଉଛି ଯେ ୮୭% ଉଦ୍ୟୋଗ ସକ୍ରିୟ ଭାବରେ ଏଆଇ ସମାଧାନ ବ୍ୟବହାର କରୁଛନ୍ତି। ଏଆଇକୁ ଗ୍ରହଣ କରିଥିବା ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ ଶିଳ୍ପ ଏବଂ ଅଟୋମୋଟିଭ, ଉପଭୋକ୍ତା ସାମଗ୍ରୀ ଏବଂ ଖୁଚୁରା, ବ୍ୟାଙ୍କିଙ୍ଗ, ଆର୍ଥିକ ସେବା ଏବଂ ବୀମା ଓ ସ୍ୱାସ୍ଥ୍ୟସେବା ଅନ୍ତର୍ଭୁକ୍ତ, ଯାହାକି ଏଆଇର ମୋଟ ମୂଲ୍ୟର ପ୍ରାୟ ୬୦% ଅବଦାନ ରଖନ୍ତି। ବିସିଜି ସର୍ଭେ ଅନୁଯାୟୀ, ପ୍ରାୟ ୨୬% ଭାରତୀୟ କମ୍ପାନୀ ସ୍କେଲରେ ଏଆଇ ପରିପକ୍ୱତା ହାସଲ କରିଛନ୍ତି। ଭାରତରେ ଏଆଇ ତିଆରି କରିବା ଏବଂ ଭାରତ ପାଇଁ ଏଆଇକୁ କାର୍ଯ୍ୟକାରୀ କରିବା ଲାଗି ୨୦୨୪ ମାର୍ଚ୍ଚରେ ଇଣ୍ଡିଆ ଏଆଇ ମିଶନକୁ କ୍ୟାବିନେଟ ମଞ୍ଜୁରୀ ମିଳିଥିଲା। ୫ ବର୍ଷର ଅବଧି ଲାଗି ଏହି ମିଶନ ପାଇଁ ୧୦,୩୭୧.୯୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହା ଦେଶର କମ୍ପ୍ୟୁଟିଂ ଭିତ୍ତିଭୂମି ବିସ୍ତାର କରିବାରେ ଦୃଢ଼ ଅଗ୍ରଗତି କରିଛି। ୧୦,୦୦୦ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ (ଜିପିୟୁ)ର ପ୍ରାରମ୍ଭିକ ଲକ୍ଷ୍ୟରୁ ଭାରତ ବର୍ତ୍ତମାନ ୩୮,୦୦୦ ଜିପିୟୁ ହାସଲ କରିଛି। ଇଣ୍ଡିଆ ଏଆଇ ମିଶନର ୭ଟି ସ୍ତମ୍ଭ ରହିଛି। କମ୍ପ୍ୟୁଟର ସ୍ତମ୍ଭ ଘଣ୍ଟାକୁ ମାତ୍ର ୬୫ ଟଙ୍କା ଦରରେ ହାଇଏଣ୍ଡ ଜିପିୟୁ ଯୋଗାଇ ଦେଉଛି। ଏହାବ୍ୟତୀତ ଏଆଇ କୋଷ (ଡାଟାସେଟ ପ୍ଲାଟଫର୍ମ) ୨୦ଟି କ୍ଷେତ୍ରରେ ତିନି ହଜାରରୁ ଅଧିକ ଡାଟା ସେଟ ଏବଂ ୨୪୩ଟି ଅଧିକ ଏଆଇ ମଡେଲ ଯୋଗାଇ ଦେଉଛି। ସରକାର ଏଆଇ କ୍ଷେତ୍ରରେ ୩ଟି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ସହିତ ଆଉ ଗୋଟିଏ କେନ୍ଦ୍ର ପାଇଁ ଘୋଷଣା କରାଯାଇଛି। ଏଆଇ କାରଣରୁ ଚାକିରି ପ୍ରତି ବିପଦ ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଥିଲେ ମଧ୍ୟ ଏହା ନୂଆ ପ୍ରକାରର ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ଦେଖାଯାଇଛି। ବାର୍ଷିକ ୧୫% ଅଭିବୃଦ୍ଧି ସହିତ ୨୦୨୭ ସୁଦ୍ଧା ଏଆଇ କ୍ଷେତ୍ରରେ ୧୨.୫ ଲକ୍ଷ ପେସାଦାରଙ୍କ ପାଇଁ ଚାକିରି ସୃଷ୍ଟି ହେବ ବୋଲି ଆଶା କରାଯାଉଛି।





ରାଜସ୍ଥାନ ଜୟପୁରର ବୈଶାଳୀ ନଗରରେ ଜୟଆଲୁକ୍କାସର ନୂଆ ଶୋ’ରୁମ୍ ଉଦ୍‌ଘାଟନ ଅବସରରେ ରାଜସ୍ଥାନର ଶିଳ୍ପ ଓ ବ୍ୟବସାୟ, କ୍ରୀଡ଼ା ଓ ଯୁବ ବିଷୟ, କୌଶଳ, କାର୍ଯ୍ୟସୂଚୀ ଓ ଉଦ୍ୟୋଗିତା ମନ୍ତ୍ରୀ କୃଷ୍ଣ କୁମାର ବିଷ୍ଣୋୟୀ, ଜୟପୁର ଗ୍ରେଟର୍ ମ୍ୟୁନିସିପାଲ କର୍ପୋରେଶନର ଚେୟାରମ୍ୟାନ ଅକ୍ଷତ ଖୁଚ୍ଛେଟା, ସିଆଇବିଜେର ଭାଇସ ପ୍ରେସିଡେଣ୍ଟ ପ୍ରମୋଦ ଅଗରୱାଲ, ବିଶ୍ୱ ଜୁଏଲେରି କନ୍‌ଫେଡେରେଶନ, ମିସ୍ ଆୟୁଶ୍ରୀ ମାଲିକ, ମିସ୍ ଶୀନା ପରାଶର, ଜୟଆଲୁକ୍କାସର ସିଇଓ ବେବୀ ଜର୍ଜ, ରିଟେଲ ହେଡ୍ ରାଜେଶ କୃଷ୍ଣନ, ମାର୍କେଟିଂ ହେଡ୍ ଅନୀଶ ଭାର୍ଗୀସ ପ୍ରମୁଖ ଉପସ୍ଥିତ ଥିଲେ।

# ଓଜିବି ପକ୍ଷରୁ ଏସ୍‌ସି, ଏସ୍‌ଟି ଓ ଏମ୍ପ୍ଲଇଜ୍ ୱେଲଫେୟାର କାଉନ୍‌ସିଲ୍‌ର ସଭା

**ଭୁବନେଶ୍ୱର, ୧୩।୧୦**





ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ଏସ୍‌ସି, ଏସ୍‌ଟି ଓ ଏମ୍ପ୍ଲଇଜ୍ ୱେଲଫେୟାର କାଉନ୍‌ସିଲର ପ୍ରଥମ ସାଧାରଣ ସଭା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜନଜାତି ଜାତୀୟ କମିଶନର ସଦସ୍ୟ ଲବ କୁଶ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଚେୟାରମ୍ୟାନ ଋଷି ସିଂ, ପଦ୍ମଶ୍ରୀ ହଳଧର ନାଗ, ସାହିତ୍ୟିକ ରାମାକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କନ୍‌ଭେନର ମନୋଜ କୁମାର ପାତ୍ର, ଜଏଣ୍ଟ କନ୍‌ଭେନର୍ସ ପଲ୍ ଏଲେକ୍ସ ଏକ୍କା ଏବଂ ପ୍ରଦ୍ୟୁମ୍ନ ବେହେରାଙ୍କ ସଫଳ ମାର୍ଗଦର୍ଶନରେ ସଭାଟି ସଂଗଠିତ ହୋଇଥିଲା। ଏହି ଅବସରରେ କିଛି ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ଆଲେନ ଟ୍ୟାଲେଣ୍ଟେକ୍ସ: ୧.୭୦ ଲକ୍ଷ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ଭୁବନେଶ୍ୱର, ୧୩।୧୦**

ALLEN
ALLEN Career Institute Private Limited

ଆଲେନ କ୍ୟାରିଅର୍ ଇନ୍‌ଷ୍ଟିଚ୍ୟୁଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଆଲେନ ଟ୍ୟାଲେଣ୍ଟେକ୍ସର ୧୨ତମ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ରବିବାର ଅଫ୍‌ଲାଇନ ମୋଡ୍‌ରେ ଅନୁଷ୍ଠିତ ହୋଇଛି। ଏହି ପର୍ଯ୍ୟାୟରେ ୨୫ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୪୪୬ଟି ସହରରେ ୭୨୬ଟି କେନ୍ଦ୍ରରେ ପରୀକ୍ଷା ହୋଇଥିବା ବେଳେ ଏଥିରେ ୧.୭୦ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଆଲେନ କ୍ୟାରିଅର୍ ଇନ୍‌ଷ୍ଟିଚ୍ୟୁଟର ଉପାଧ୍ୟକ୍ଷ ତଥା ଟ୍ୟାଲେଣ୍ଟେକ୍ସର ଜାତୀୟ ମୁଖ୍ୟ ପଙ୍କଜ ଅଗ୍ରୱାଲ କହିଛନ୍ତି ଯେ, ଏପର୍ଯ୍ୟନ୍ତ ଟ୍ୟାଲେଣ୍ଟେକ୍ସ ପରୀକ୍ଷାରେ ୧୮.୨୫ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପରୀକ୍ଷା ଅନଲାଇନ ଓ ଅଫଲାଇନ ଉଭୟ ମୋଡରେ ଅନୁଷ୍ଠିତ ହୋଇଛି। ଅକ୍ଟୋବର ୫ ଓ ୧୨ ତାରିଖରେ ଅନୁଷ୍ଠିତ ପରୀକ୍ଷାର ମିଳିତ ଫଳାଫଳ ନଭେମ୍ବର ପ୍ରଥମ ସପ୍ତାହରେ ପ୍ରକାଶ ପାଇବ। ଅଲ୍ ଇଣ୍ଡିଆ ର୍‍ୟାଙ୍କ ଓ ରାଜ୍ୟ ର୍‍ୟାଙ୍କ ଆଧାରରେ ନଗଦ ପୁରସ୍କାର ଓ ବୃତ୍ତିର ଘୋଷଣା କରାଯିବ।

# ‘ଲିଜ୍ଜତ୍ ପାପଡ’ର ବାର୍ଷିକ ସାଧାରଣ ସଭା

**ଭୁବନେଶ୍ୱର, ୧୩।୧୦**

ମହିଳାମାନଙ୍କ ଦ୍ୱାରା, ମହିଳାମାନଙ୍କ ପାଇଁ ଏବଂ ମହିଳାମାନଙ୍କର ସଂଗଠନ ଶ୍ରୀ ମହିଳା ଗୃହ ଉଦ୍ୟୋଗ ଲିଜ୍ଜତ୍ ପାପଡର ୬୦ତମ ବାର୍ଷିକ ସାଧାରଣ ସଭା ନିକଟରେ ମୁମ୍ବାଇର ସନ୍ମୁଖାନନ୍ଦ ଅଡିଟୋରିୟମରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି କେଭିଆଇସି ସିଇଓ ରୂପ ରାଶି କହିଛନ୍ତି, ଲିଜ୍ଜତ କାର୍ଯ୍ୟ ସ୍ୱନିର୍ମିତ ଏବଂ ସ୍ୱବଳରେ ଗଢ଼ା। ଏହା ମହିଳାମାନଙ୍କୁ ଏକତ୍ରିତ କରି ଉତ୍ତମ ଗୁଣବତ୍ତା ବଜାୟ ରଖିଛି, ଯାହା ବିକାଶର ଆଦର୍ଶ ମଡେଲ। କେଭିଆଇସିର ଟର୍ନ ଓଭର୍ ୧.୭୦ ଲକ୍ଷ କୋଟିରେ ଲିଜ୍ଜତ୍ ପ୍ରମୁଖ ଯୋଗଦାନକାରୀ। ସମ୍ମାନିତ ଅତିଥି ସୁବର୍ଣ୍ଣା ଖଣ୍ଡେଲୱାଲ ଯୋଶୀ କହିଛନ୍ତି, ଲିଜ୍ଜତ୍ ୬୬ ବର୍ଷରୁ ମହିଳା ସଶକ୍ତୀକରଣ ଓ ଶିକ୍ଷା ପ୍ରଦାନ କରୁଛି। ମିଲେଟ, ରାଗି ଆଦିରୁ ନୂଆ ପାପଡ ପ୍ରସ୍ତୁତି ଦ୍ୱାରା ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ କରାଯାଇପାରିବ। ଏଥିରେ ଜାତି, ଧର୍ମ ବା ବୟସ ବାଧା ନାହିଁ। ଅଧ୍ୟକ୍ଷା ସ୍ୱାତୀ ପରାଡକର୍ ସଦସ୍ୟାମାନଙ୍କ କଠୋର ପରିଶ୍ରମକୁ ପ୍ରଶଂସା କରିଥିଲେ। ଉପାଧ୍ୟକ୍ଷା ପ୍ରତିଭା ସାୱନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଖିମ୍‌ଜୀ ଜୁଏଲର୍ସର ‘ଧନତେରସ୍ ଧନବର୍ଷା’ ଅଫର

**ଭୁବନେଶ୍ୱର, ୧୩।୧୦**

KHIMJI
JEWELLERS SINCE 1936
DHANTERAS DHANVARSHA

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ‘ଧନତେରସ ଧନବର୍ଷା’ ଅଫର୍ ଘୋଷଣା କରାଯାଇଛି। ଏଥିରେ ସୁନା, ହୀରା, ରୁପା, ପ୍ଲାଟିନମ, ପୋଲକୀ ଓ ଫ୍ୟାଶନ ଗହଣା ସଂଗ୍ରହରେ ଆକର୍ଷଣୀୟ ଅଫର ରହିଛି। ସୁନାଗହଣାର ମୋଟ ମୂଲ୍ୟରେ ଫ୍ଲାଟ ୩.୩୩% ରିହାତି ଏବଂ ହୀରା ଉପରେ ଫ୍ଲାଟ ୧୫% ରିହାତି ପ୍ରଦାନ କରାଯାଉଛି। ଏହା ସହିତ ରୁପାର ଓଜନ ଗଢ଼ା ମୂଲ୍ୟରେ ଫ୍ଲାଟ ୨୦% ରିହାତି, ରୁପାର ଏମଆରପିରେ ୧୫% ରିହାତି ଏବଂ ପ୍ଲାଟିନମ ଗଢ଼ାମୂଲ୍ୟରେ ୧୦% ରିହାତି ମିଳୁଛି। ଗ୍ରାହକମାନେ ଫ୍ୟାଶନ ଗହଣାର ଏମଆରପିରେ ଫ୍ଲାଟ ୨୦% ରିହାତି, ପୋଲକୀ ଗଢ଼ା ମୂଲ୍ୟରେ ୨୦% ରିହାତି ଏବଂ ଆର୍ଟିଫାକ୍ଟରେ ୧୦% ରିହାତି ପାଇପାରିବେ। ୫ ଗ୍ରାମ୍, ୧୦ ଗ୍ରାମ୍, ୫୦ ଗ୍ରାମ ଏବଂ ୧୦୦ ଗ୍ରାମରେ ୯୯୯ ଶୁଦ୍ଧତା ବିଶିଷ୍ଟ ସୁନା ଓ ରୁପା ମୁଦ୍ରା ପାଇବେ। ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି, ‘ଧନତେରସ ଧନବର୍ଷା’ ମାଧ୍ୟମରେ ଆମେ ଆମର ସମଗ୍ର ସଂଗ୍ରହରେ ଅତ୍ୟନ୍ତ ଆକର୍ଷଣୀୟ ମୂଲ୍ୟ ପ୍ରଦାନ କରି ଏହି ଉତ୍ସବ ଋତୁକୁ ସ୍ୱତନ୍ତ୍ର କରିବାକୁ ଚାହୁଁଛୁ।

# ବ୍ରିଟେନ୍ ସଂସଦରେ ହାଇଟେକ୍ ମେଡିକାଲ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୩।୧୦**





ଲଣ୍ଡନ ସଂସଦରେ ଗ୍ଲୋବାଲ ବ୍ରିଲିଆନ୍ସ ଫୋରମ୍ ସମ୍ମିଳନୀ ଏବଂ ଗ୍ଲୋବାଲ ବ୍ରିଲିଆନ୍ସ ପୁରସ୍କାର ୨୦୨୫ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଓଡିଶାର ଶ୍ରେଷ୍ଠ ଇନ୍‌ଷ୍ଟିଚ୍ୟୁଟ୍ ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ସମ୍ମାନିତ କରାଯାଇଥିବା ବେଳେ ମ୍ୟାନେଜିଂ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସମ୍ମାନ କେବଳ ଅନୁଷ୍ଠାନ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଏକ ସମ୍ମାନର ମୁହୂର୍ତ୍ତ ବୋଲି ସୁରେଶ କହିଛନ୍ତି। କାର୍ଯ୍ୟକ୍ରମରେ ବ୍ରିଟେନ୍ ସଂସଦ ସଦସ୍ୟ ଲର୍ଡ ରାମି ରେଞ୍ଜର, ମେଜର ପ୍ରେରଣା ଭରଦ୍ୱାଜ, ଗ୍ଲୋବାଲ ବ୍ରିଲିଆନ୍ସ ଫୋରମ୍ ଅଧ୍ୟକ୍ଷ ଆଦିତ୍ୟ ପ୍ରତାପ ସିଂହ ଅନ୍ତରାଷ୍ଟ୍ରୀୟ ସ୍ତରରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ସେବା ଓ ପ୍ରତିଷ୍ଠାକୁ ପ୍ରଶଂସା କରିଛନ୍ତି।

# ଲିଜର ସିକ୍‌ନେସ୍

ଛୁଟି ମିଳିଲେ ଖୁସି ହୁଅନ୍ତି ସମସ୍ତେ। ଚିରାଚରିତ ରୁଟିନ୍ ଲାଇଫଷ୍ଟାଇଲରୁ ମିଳିବ ମୁକ୍ତି। ପୁଣି ଆରାମ କରିବାର ସୁଯୋଗ। ହେଲେ ପ୍ରତିଥର ଛୁଟି ଆସିଲେ ହିଁ ଅସୁସ୍ଥ ହୁଏ ଶରୀର। ଏଭଳି ଅବସ୍ଥାକୁ କୁହାଯାଏ ଲିଜର ସିକ୍‌ନେସ୍...







ସବୁଦିନ କାମ କରିବା ସତ୍ତ୍ୱେ କୌଣସି ଶାରୀରିକ ଅସୁସ୍ଥତାର ଲକ୍ଷଣ ଦେଖାଯାଉ ନ ଥିବ, ହେଲେ ଛୁଟି ହେବା ପରେ ଦେହ ଖରାପ ହେବ। ଏମିତି ପ୍ରତିଥର ଛୁଟିରେ ଯଦି ଶରୀର ସାମାନ୍ୟ ଅସୁସ୍ଥ ହେଉଥାଏ ତା'ହେଲେ ସେହି ଅବସ୍ଥାକୁ କୁହାଯାଏ ଲିଜର ସିକ୍‌ନେସ୍। ସମସ୍ତଙ୍କର ଏହି ସମସ୍ୟା ଆସିପାରେ, କିନ୍ତୁ ମହିଳାଙ୍କ କ୍ଷେତ୍ରରେ ଏହା ସାଧାରଣତଃ ଅଧିକ ଦେଖାଯାଏ। ସବୁବେଳେ ସୁସ୍ଥ ରହୁଥିବା ବ୍ୟକ୍ତି ଛୁଟି ହେବା ମାତ୍ରେ ହଠାତ୍ ଅସୁସ୍ଥ ହୋଇପଡ଼ନ୍ତି। ଏହି ଅସୁସ୍ଥତାକୁ ଅବଶ୍ୟ କୌଣସି ବିଶେଷ ରୋଗ ବୋଲି ଧରାଯାଏ ନାହିଁ ହେଲେ ଏମିତି ଲକ୍ଷଣ ଥିଲେ ସଚେତନ ହେବା ଦରକାର। ଲିଜର ସିକ୍‌ନେସ୍ ଦେଖାଗଲେ ପ୍ରାୟତଃ ପେଟ ଖରାପ ହେବା, ମୁଣ୍ଡ ବିନ୍ଧିବା, ଭୋକ ନ ହେବା ଓ ସାମାନ୍ୟ ଜ୍ୱର ହେବା ଭଳି ଲକ୍ଷଣ ଦେଖାଯାଏ। ଏସବୁ ସମସ୍ୟା ପ୍ରାୟ ପ୍ରତିଥର ଛୁଟି ସମୟରେ ହିଁ ହୋଇଥାଏ। ତେଣୁ କାହିଁକି ଆସେ ଏଭଳି ଅବସ୍ଥା ଆଉ କିଭଳି ଏଥିରୁ ମୁକୁଳିପାରିବେ ସେନେଇ ସଚେତନ ହେବା ଜରୁରୀ।

**କାରଣ**

ଛୁଟି ଆସିଲେ ସାଧାରଣତଃ କେତେକଙ୍କ ପାଇଁ କାମ ଖୁବ୍ କମିଯାଏ ଓ କେତେକଙ୍କ ପାଇଁ କାମ ବହୁ ଅଧିକ ହୋଇଯାଏ। ଛୁଟିରେ ଘରେ ସମସ୍ତେ ଥିବାରୁ ମହିଳାଙ୍କ ପାଇଁ କାମ ଅଧିକ ହୋଇଯାଏ। ଆଉ କେତେଜଣ କର୍ମଜୀବୀଙ୍କ କ୍ଷେତ୍ରରେ ଛୁଟିରେ ଆଦୌ କାମ ନ ଥାଏ। ସେଥିପାଇଁ ଉଭୟଙ୍କ ପାଇଁ ସ୍ୱାସ୍ଥ୍ୟ ଖରାପର କାରଣ ହୋଇଥାଏ ଛୁଟି। ଯେଉଁମାନଙ୍କର କାମ କମିଯାଏ ସେମାନେ ଅଧିକ ସମୟ ଆରାମ କରିବା ଫଳରେ ଶରୀରରେ ହଠାତ୍ ଇମ୍ୟୁନ୍ ସିଷ୍ଟମ ଉପରେ ପ୍ରଭାବ ପଡ଼ିଥାଏ। ତେଣୁ ଲଗାତର ଛୁଟି ହେଲେ ବେଳେବେଳେ ହଜମ ନ ହେବା, ମୁଣ୍ଡ ବିନ୍ଧିବା କିମ୍ବା ଥଣ୍ଡା ହେବା ଆଦି ଲକ୍ଷଣ ଦେଖାଦେଇଥାଏ। ସେହିଭଳି ଅଧିକ କାମ ପ୍ରଭାବରେ ମଧ୍ୟ ମହିଳାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ଛୁଟିରେ ଘରେ ସମସ୍ତେ ରହିବା ଫଳରେ ସେମାନଙ୍କ କାମ ଅଧିକ ହୋଇଯାଏ। ଅଧିକ ରୋଷେଇ, ଅଧିକ ସମୟ ଘର ସଫା ଆଦି କାମ କରିବା ଫଳରେ ବିଶ୍ରାମ କରିବାକୁ ସମୟ କମ୍ ମିଳେ। ଏହି କାରଣରୁ ଥକ୍କାପଣ, ମୁଣ୍ଡବିନ୍ଧା ଆଦି ବିଭିନ୍ନ ଲକ୍ଷଣ ପ୍ରକାଶ ପାଇଥାଏ। ଛୁଟିରେ ଦେହ ଖରାପ ହେବାର ଆଉ ଏକ କାରଣ ହେଉଛି ଲାଇଫଷ୍ଟାଇଲରେ ପରିବର୍ତ୍ତନ। ଅର୍ଥାତ୍ ଖାଇବା, ପିଇବା ଓ ଶୋଇବା ସବୁକିଛି ସମୟ ବଦଳି ଯାଇଥାଏ। ଏଥିପାଇଁ ମଧ୍ୟ ଲିଜର ସିକ୍‌ନେସ୍ ଦେଖାଦେଇଥାଏ। କାମର ଚାପ ଆମ ଶରୀରକୁ ଲଗାତର ସକ୍ରିୟ ରଖିଥାଏ। କାମ କରିବା ସମୟରେ ଶରୀରରୁ ଷ୍ଟ୍ରେସ୍ ହର୍ମୋନ ନିର୍ଗତ ହେଉଥିବାରୁ ଶରୀର ସକ୍ରିୟ ରହିଥାଏ। କିନ୍ତୁ ଛୁଟି ହେବା ମାତ୍ରେ ତାହା ବଦଳିଯାଏ ଓ ସମସ୍ୟା ସୃଷ୍ଟି ହୁଏ।

**କାହାକୁ ହୁଏ**

ସାଧାରଣତଃ ଅତ୍ୟଧିକ ଚାପରେ ରହି କାମ କରୁଥିବା କର୍ମଜୀବୀଙ୍କ କ୍ଷେତ୍ରରେ ଲିଜର ସିକ୍‌ନେସ୍ ଦେଖିବାକୁ ମିଳିଥାଏ। ଛୁଟି ହେଲେ ଏମାନେ ଅସୁସ୍ଥ ହୋଇପଡନ୍ତି। କାରଣ ଏଭଳି ଲୋକେ ଲମ୍ବା ସମୟ ପର୍ଯ୍ୟନ୍ତ କାମ କରୁଥାନ୍ତି, ସେହି ଅନୁସାରେ ସେମାନେ ଖାଇବା, ପିଇବା ଓ ଲାଇଫଷ୍ଟାଇଲ୍ ଆପଣାଇଥାନ୍ତି। ଛୁଟି ହେଲେ ସବୁ ରୁଟିନ୍ ହଠାତ୍ ବଦଳିଯାଉଥିବାରୁ ଏଭଳି ସମସ୍ୟା ଆସିଥାଏ।

## ସମାଧାନ

➔ ଲିଜର ସିକ୍‌ନେସ୍ କମ୍ କରିବା ପାଇଁ ଛୁଟି ପୂର୍ବରୁ ଠିକ୍ ଭାବରେ ପ୍ଲାନିଂକରି କାମ କରିବାକୁ ହେବ। ତେଣୁ ଛୁଟି ହେଲେ କ'ଣ କରିବେ ସେନେଇ ପୂର୍ବରୁ ଏକ ଯୋଜନା ତିଆରି କରନ୍ତୁ। ସେହି ଅନୁସାରେ ବୁଲିବାକୁ ଯିବେ କିମ୍ବା କ'ଣ ସବୁ ବାକି କାମ କରିବେ ତା'ର ଏକ ତାଲିକା କରି କାମ କରନ୍ତୁ।

➔ ଛୁଟି ହେବା ମାତ୍ରେ ସଙ୍ଗେ ସଙ୍ଗେ ପୂରା ଦିନ ଆରାମ କରନ୍ତୁ ନାହିଁ। ଧୀରେ ଧୀରେ କାମ କରିବା ସହ ଆରାମ କରନ୍ତୁ।

➔ ପ୍ରତିଦିନର କାର୍ଯ୍ୟଶୈଳୀ ଭିତରେ ବ୍ୟାୟାମ, ଖାଦ୍ୟ ଓ ନିଦ ଉପଯୁକ୍ତ ମାତ୍ରାରେ ନିଅନ୍ତୁ। ନିୟମିତ ରୁଟିନ୍ ଅନୁସାରେ ମେଡିଟେଶନ ଓ ଯୋଗ ମଧ୍ୟ କରନ୍ତୁ। ଏହି ଲାଇଫ୍‌ଷ୍ଟାଇଲ୍ ଆପଣଙ୍କୁ ସୁସ୍ଥ ରଖିବାରେ ସହାୟକ ହୋଇପାରିବ।

➔ ଲମ୍ବା ଛୁଟିର ଆନନ୍ଦ ନେବା ପାଇଁ ହେଲେ କାମ ଭିତରେ ମଝିରେ ମଝିରେ ଅଳ୍ପ ସମୟର ଛୁଟି ନିଅନ୍ତୁ। ଶରୀରକୁ ମଝିରେ ମଝିରେ ଆରାମ କରିବାକୁ ଦିଅନ୍ତୁ। ଏପରି ହେଲେ ଲିଜର ସିକ୍‌ନେସ୍ ଦେଖାଦେବ ନାହିଁ।

➔ ଲମ୍ବା ଛୁଟିରେ କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ ଅଥବା କେହି ନିଜର ଆତ୍ମୀୟଙ୍କ ସହ କଟାନ୍ତୁ। ଏପରି କଲେ ଆପଣ ଛୁଟିରେ ସୁସ୍ଥ ରହିବା ସାଙ୍ଗକୁ ନିଜର କାର୍ଯ୍ୟଦକ୍ଷତା ବୃଦ୍ଧି କରିପାରିବେ।

### ଏମାନେ କ'ଣ କରନ୍ତି

**ହଠାତ୍ ପରିବର୍ତ୍ତନ ଠିକ୍ ନୁହେଁ**




ଲାଇଫଷ୍ଟାଇଲ୍ ବଦଳିଗଲେ ଶରୀରରେ ଫିଜିଓଲୋଜିକାଲ ଓ ସାଇକୋଲୋଜିକାଲ ଡିଷ୍ଟରବାନ୍ସ ଦେଖାଯାଏ। ତେଣୁ ହଠାତ୍ ବିଭିନ୍ନ ସମସ୍ୟା ସବୁ ଆସେ। ଠିକ୍ ସମୟରେ ନ ଖାଇଲେ ଏସିଡିଟି ହୋଇଯାଏ। ତେଣୁ ହଜମ ସମସ୍ୟା, ପେଟ ଦରଜ ହେବା କିମ୍ବା ମୁଣ୍ଡ ବିନ୍ଧିବା ଭଳି ବିଭିନ୍ନ ଲକ୍ଷଣ ଦେଖାଯିବ। ତେଣୁ ଏସବୁ ସମସ୍ୟାରୁ ମୁକ୍ତି ପାଇଁ ଲାଇଫଷ୍ଟାଇଲ୍‌ରେ ହଠାତ୍ ପରିବର୍ତ୍ତନ କରିବା ଉଚିତ ନୁହେଁ। ଖାଇବା, ଶୋଇବା ଓ ନିୟମିତ ଯୋଗ ବ୍ୟାୟାମ ଆଦି କରିବା ଦରକାର। କର୍ମଜୀବୀ ମହିଳାମାନେ ଛୁଟିରେ କ'ଣ ସବୁ କରିବେ ସେନେଇ ଏକ ପ୍ଲାନିଂ କରିବା ଦରକାର। ସେହିଭଳି ଗୃହିଣୀମାନେ ଛୁଟିରେ ଅଧିକ କାମର ଚାପକୁ କିଭଳି କମ୍ କରିପାରିବେ ସେଥିପାଇଁ ପ୍ରସ୍ତୁତ ରହିବା ସହ ନିଜ ଲାଇଫ୍ ରୁଟିନ୍ ଫଲୋ କରିବା ଉପରେ ଧ୍ୟାନଦେବା ଜରୁରୀ। – *ଡା. ସତ୍ୟସ୍ମିତା ଜେନା, ଆସୋସିଏଟ୍ ପ୍ରଫେସର, ସ୍ତ୍ରୀରୋଗ ବିଶେଷଜ୍ଞ, ଶ୍ରୀ ଶ୍ରୀ ୟୁନିଭର୍ସିଟି, ଭୁବନେଶ୍ୱର*

**ରୁଟିନ୍ ଫଲୋ କରେ**



ଯିଏ ବି ହୁଅନ୍ତୁ ହଠାତ୍ ଜୀବନଶୈଳୀ ବଦଳିଗଲେ ଶାରୀରିକ ସମସ୍ୟା ଦେଖାଯିବ। ତେଣୁ ସମସ୍ତେ ଏଥିପ୍ରତି ଧ୍ୟାନଦେବା ଦରକାର। ଶୋଇବା, ଉଠିବା, ଖାଇବା ଓ ବ୍ୟାୟାମ କରିବା ଏସବୁ ନିହାତି ଦରକାର। ସାରା ଜୀବନ ସୁସ୍ଥ ରହିବା ପାଇଁ ହେଲେ ରୁଟିନ୍ ଅନୁସାରେ କାମ କରିବା ଦରକାର। ଏସବୁ ପରେ ବି ଯଦି ଅଧିକ ଚାପ କିମ୍ବା ଅନ୍ୟ କୌଣସି କାରଣରୁ ଶରୀର ଅସୁସ୍ଥ ହୁଏ ସେଥିପାଇଁ ହଠାତ୍ ଔଷଧ ନ ଖାଇ ଖାଦ୍ୟ ନିୟନ୍ତ୍ରଣ ଓ ଯୋଗ ମାଧ୍ୟମରେ ଉପଶମ କରିବା ପାଇଁ ଚେଷ୍ଟା କରିବା ଦରକାର। ଏଥିପାଇଁ ସବୁଦିନ ମୁଁ ଯୋଗ କରେ। ଅବଶ୍ୟ ଅଧିକ କାମ ପଡ଼ିଲେ କେବେକେବେ ବିଶ୍ରାମ କରିବା ସମୟ ଏପଟ ସେପଟ ହୋଇଯାଏ, କିନ୍ତୁ ରୁଟିନ୍ ଲାଇଫ୍ ଫଲୋ କରିବାକୁ ଚେଷ୍ଟା କରେ। – ***ଦେବଯାନୀ ଶର୍ମା**, ଯୋଗ ପ୍ରଶିକ୍ଷକ, ବିଜେତ୍ରୀ ଫାଉଣ୍ଡେଶନ, ଭୁବନେଶ୍ୱର*







# ଶୀଘ୍ର ଖରାପ ହେବନାହିଁ ୱାଶିଂମେଶିନ

ୱାଶିଂମେଶିନ ବର୍ତ୍ତମାନ ଗୃହିଣୀମାନଙ୍କର ଏକ ବଡ଼ ସାଥୀ ପାଲଟିଛି। କପଡ଼ା ଧୋଇବାଠୁ ଶୁଖାଇବା ପର୍ଯ୍ୟନ୍ତ ସବୁ କାମ ଏହାଦ୍ୱାରା ସହଜରେ ହୋଇପାରୁଛି। ହେଲେ କେବେ କେବେ ଏହା ଶୀଘ୍ର ଖରାପ ହୋଇଯାଉଥିବା ଦେଖିବାକୁ ମିଳୁଛି। ତେଣୁ କେଉଁସବୁ ଦିଗ ପ୍ରତି ଧ୍ୟାନଦେଲେ ଦୀର୍ଘଦିନ ପର୍ଯ୍ୟନ୍ତ ଏହା ଖରାପ ହେବ ନାହିଁ, ଜାଣିରଖନ୍ତୁ ସେ ସମ୍ପର୍କରେ...



❖ଅନେକେ ଷ୍ଟୋନ୍‌ୱାର୍କ, ମାଳି, ମିରର କିମ୍ବା ହେଭି ବର୍ଡର ୱାର୍କ ଥିବା ଶାଢ଼ି କିମ୍ବା ଡ୍ରେସ୍‌କୁ ୱାଶିଂମେଶିନରେ ସଫା କରନ୍ତି। ଏହାଦ୍ୱାରା ଉଭୟ ପୋଷାକ ସହ ମେଶିନ ଖରାପ ହୋଇଥାଏ। ତେଣୁ ଏଭଳି କପଡ଼ାକୁ ହାତରେ ସଫା କରନ୍ତୁ।

❖ୱାଶିଂମେଶିନରେ ଏକାସଙ୍ଗେ ବହୁ କପଡ଼ା କିମ୍ବା ଅଧିକ ଡିଟରଜେଣ୍ଟ ପାଉଡର ପକାନ୍ତୁ ନାହିଁ। କାରଣ ଏହାଦ୍ୱାରା ମେଶିନ ବି ଖରାପ ହୋଇଥାଏ। ତେଣୁ ମେଶିନର କାପାସିଟି ଅନୁଯାୟୀ କପଡ଼ା ପକାନ୍ତୁ ଏବଂ ଆବଶ୍ୟକ ମାତ୍ରାରେ ଡିଟରଜେଣ୍ଟ ପକାନ୍ତୁ।

❖ଜିନ୍ସ, ଜ୍ୟାକେଟ୍ ବା ଅନ୍ୟ ଜିପ୍ ଥିବା କପଡ଼ା ଧୋଇବା ସମୟରେ ଏହାର ଜିପ୍ ଖୋଲା ରଖନ୍ତୁ ନାହିଁ। କାରଣ ଏହାର ଜିପ୍ ଘଷିହୋଇ ଭାଙ୍ଗିଯିବ ନଚେତ୍ ଏହା ଲାଗି ଅନ୍ୟ କପଡ଼ା ଫାଟି ମଧ୍ୟ ଯାଇପାରେ। ଏହା ମେଶିନକୁ ବି ଖରାପ କରିଦେଇପାରେ।

❖ୱାଶିଂମେଶିନରେ ଜୋତା, ଡୋର୍‌ମ୍ୟାଟ୍ ଭଳି ଜିନିଷ ସଫାକଲେ ମେଶିନ ଶୀଘ୍ର ଖରାପ ହୋଇପାରେ। କେବଳ ଏତିକି ନୁହେଁ, ଏହାଦ୍ୱାରା ରୋଗଜୀବାଣୁ ମଧ୍ୟ ମେଶିନ ଭିତରେ ରହିଯିବା ସହ ପରବର୍ତ୍ତୀ ସମୟରେ ଅନ୍ୟ ପୋଷାକକୁ ସଂକ୍ରମିତ ହୋଇପାରେ।

❖କୌଣସି ପୋଷାକରୁ ରଙ୍ଗ ବାହାରୁଥିଲେ ଏହାକୁ ମେଶିନରେ ଧୁଅନ୍ତୁ ନାହିଁ। ନଚେତ୍ ଏଥିରୁ ରଙ୍ଗ ଛାଡ଼ି ମେଶିନରେ ପଡ଼ିଥିବା ଅନ୍ୟ କପଡ଼ାର ରଙ୍ଗକୁ ଖରାପ କରିଦେବ।

❖ଓଦା ହାତରେ ମେଶିନ ଛୁଅଁନ୍ତୁ ନାହିଁ। କାରଣ ଏହାଦ୍ୱାରା କରେଣ୍ଟ ଲାଗିବା ଆଶଙ୍କା ବେଶି। ତେଣୁ ଏହାକୁ ବ୍ୟବହାର କରିବା ବେଳେ ସ୍ଲିପର ପିନ୍ଧନ୍ତୁ।

# ପୋଟଳି ବ୍ୟାଗ୍

ବିଭିନ୍ନ ପୂଜାରେ କିମ୍ବା ପାର୍ଟିରେ ନିଜକୁ ଭିନ୍ନ ଭାବେ ସଜାଇବା ପାଇଁ କିଏ ଶାଢ଼ି ସହ ସାଣ୍ଡେଲ୍ ମ୍ୟାଚ୍ କରେ ତ ଆଉ କିଏ ଇୟରିଂ କିମ୍ବା ନେକ୍‌ଲେସ୍ ପିନ୍ଧେ। ପୋଟଳି ବ୍ୟାଗ୍‌ର ଚାହିଦା ବି ଏ ଦିଗରେ କିଛି କମ୍ ନୁହେଁ। ତେବେ କେଉଁ ଡ୍ରେସ୍‌ରେ କେଉଁ ପ୍ରକାର ବ୍ୟାଗ୍ ବ୍ୟବହାର କଲେ ଆପଣଙ୍କୁ ଏକ ଭିନ୍ନ ଲୁକ୍ ମିଳିବ ଜାଣିରଖନ୍ତୁ...



★ଆଜିକାଲି ଯେମିତି ବି ହେଲେ ବାହାଘରରେ ଆମକୁ କାରୁକାର୍ଯ୍ୟ ହୋଇଥିବା ଓଜନିଆ ଶାଢ଼ି ପିନ୍ଧିବାକୁ ପଡ଼ିଥାଏ। ଆଉ ତା' ସହ ମ୍ୟାଚିଂ ଇୟରିଂସ୍ ବି ନ ହେଲେ ନ ଚଳେ। ତେଣୁ ଏହା ସହ ଆପଣ ଗୋଲ୍ଡେନ୍ ପୋଟଳି ବ୍ୟାଗ୍ ବ୍ୟବହାର କରିପାରିବେ, ଯାହା ଆପଣଙ୍କୁ ବ୍ରାଇଡାଲ୍ ଲୁକ୍ ଦେବ। ବନାରସୀ କିମ୍ବା କାଞ୍ଜିଭରମ୍ ଶାଢ଼ିରେ ଏହା ବେଶି ସୁନ୍ଦର ଲାଗିବ।

★କୌଣସି ପାର୍ଟି କିମ୍ବା ଫଙ୍କସନରେ ସାଧାରଣତଃ ଆମେ ଲେହେଙ୍ଗା କିମ୍ବା ଅନାରକଲି ପିନ୍ଧିଥାଉ। ତେଣୁ ଡ୍ରେସ୍‌କୁ ମ୍ୟାଚିଂ କରି ସେହି ରଙ୍ଗର ପୋଟଳି ବ୍ୟାଗ୍ ଧରନ୍ତୁ। ହ୍ୱାଇଟ୍ ପରଲ୍ ବ୍ୟାଗ୍‌କୁ ଆପଣ ଯେକୌଣସି ରଙ୍ଗର ଡ୍ରେସ୍‌ରେ ପକାଇପାରିବେ।

★କେତେକ ପାର୍ଟିରେ ୱାନ୍-ପିସ୍ ବି ପିନ୍ଧିଥାନ୍ତି। ସେମାନେ ଏହି ସମୟରେ ଗୋଲ୍ ଆକାରର ଭେଲ୍‌ଭେଟ୍ ପୋଟଳି ବ୍ୟାଗ୍ ବ୍ୟବହାର କରି ନିଜକୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ।

★ଯଦି ଆପଣ ପ୍ଲେନ୍ ଶାଢ଼ି ପିନ୍ଧୁଛନ୍ତି ତେବେ ଏମ୍ବ୍ରୋଡେରି ଥିବା ପୋଟଳି ବ୍ୟାଗ୍ ଧରନ୍ତୁ। ଫିକା ଶାଢ଼ି ସହ ରଙ୍ଗିନ୍ ପୋଟଳି ବ୍ୟାଗ୍ ବାଛନ୍ତୁ। ଏହା ଏକ ଭିନ୍ନ ଲୁକ୍ ଦେବ।

★ସାଲ୍‌ୱାର୍ କିମ୍ବା ସିମ୍ପଲ୍ କୁର୍ତ୍ତା ପିନ୍ଧୁଥିଲେ ଏହା ସହିତ ଏଥ୍ନିକ୍ ଡିଜାଇନର ପୋଟଳି ବ୍ୟାଗ୍ କ୍ୟାରି କରନ୍ତୁ।

**ସୌନ୍ଦର୍ଯ୍ୟ**

# ଡାର୍କ ସ୍କିନ୍ ପାଇଁ..

ଡାର୍କ ସ୍କିନ୍ ହୋଇଥିଲେ କିଭଳି ମେକ୍‌ଅପ୍ ନେଲେ ଅଧିକ ସୁନ୍ଦର ଦେଖାଯିବେ ତାହା ଜାଣିବା ଦରକାର। ଡାର୍କ ସ୍କିନ୍‌ରେ ମେକଅପ୍ ନେବା ସମୟରେ କେଉଁ ସବୁ ଦିଗ ଉପରେ ଗୁରୁତ୍ୱ ଦେବାକୁ ହେବ ଜାଣନ୍ତୁ...

**ଫାଉଣ୍ଡେଶନ ଏବଂ କନ୍‌ସିଲର:** ନିଜ ତ୍ୱଚାର ପ୍ରକାର ଏବଂ ରଙ୍ଗ ଅନୁସାରେ ସବୁ ମେକଅପ୍ ପ୍ରଡକ୍ଟ ଚୟନ କରନ୍ତୁ। ଡାର୍କ ସ୍କିନ୍ ପାଇଁ ପ୍ରଥମେ ଠିକ୍ ଫାଉଣ୍ଡେଶନ ଚୟନ କରିବା ବହୁତ ଜରୁରୀ। ଫାଉଣ୍ଡେଶନ ଆପଣଙ୍କ ତ୍ୱଚାର ରଙ୍ଗ ସହ ମ୍ୟାଚ୍ କରୁଥିବା ଦରକାର। ଡାର୍କ ସ୍କିନ୍ ଉପରେ ହଳଦିଆ ଅରେଞ୍ଜ କଲର ଫାଉଣ୍ଡେଶନ ଭଲ ମାନି ନ ଥାଏ। ଏଥିପାଇଁ ନିଜ ତ୍ୱଚା ଅନୁଯାୟୀ ଲାଇଟ୍ କଲର୍ ଫାଉଣ୍ଡେଶନ ଚୟନ କରନ୍ତୁ। ମୁହଁରେ ସମାନ ଭାବରେ ଚାରିଆଡ଼େ ଲଗାନ୍ତୁ। ମୁହଁରେ ଥିବା ଦାଗ ଲୁଚାଇବା ପାଇଁ କନ୍‌ସିଲର ବ୍ୟବହାର କରନ୍ତୁ। କନ୍‌ସିଲରକୁ ମ୍ୟାଚ୍ କରିବା ଭଳି ଫାଉଣ୍ଡେଶନ ଶେଡ୍ ହାଲ୍‌କା ଚୟନ କରନ୍ତୁ ଫଳରେ ଏହା ଡାର୍କ ସର୍କଲକୁ ଭଲଭାବେ କଭର କରିଦେବ।

**ବ୍ଲଶ୍ ଏବଂ ହାଇଲାଇଟର :** ବ୍ଲଶ୍ ଏବଂ ହାଇଲାଇଟରକୁ ଠିକ୍ ଉପାୟରେ ବ୍ୟବହାର କରିବା ଦ୍ୱାରା ଆପଣ ମୁହଁକୁ ଅଧିକ ଚମକ୍‌ଦାର ଏବଂ ଆକର୍ଷକ କରିପାରିବେ। ଡାର୍କ ସ୍କିନ୍‌ରେ ଗାଢ଼ ରଙ୍ଗର କନ୍‌ସିଲର ଭଲ ମାନିଥାଏ। ଯେମିତିକି ବେରି ପ୍ଲମ୍ କିମ୍ବା ୱାଇନ୍ ରେଡ୍। ବ୍ଲଶ୍‌କୁ ହାଲ୍‌କାଭାବେ ହାତରେ ଲଗାନ୍ତୁ। ମୁହଁର ଉପରି ଭାଗ ଯେମିତିକି ଗାଲ, ନାକ ମଥା ଉପରେ ହାଇଲାଇଟରର ବ୍ୟବହାର କରନ୍ତୁ। ହାଇଲାଇଟର ଚୟନ କରିବା ସମୟରେ ଧ୍ୟାନ ରଖନ୍ତୁ ଏହା ଆପଣଙ୍କ ତ୍ୱଚାର ରଙ୍ଗରେ ମ୍ୟାଚ୍ କରୁଥିବା ଦରକାର। ଏହା ଅଧିକ ଚମକଦାର ହୋଇ ନ ଥିବ।

**ଆଇ ମେକଅପ୍:** ଡାର୍କ ସ୍କିନ୍‌ରେ ଆଇ ମେକ୍‌ଅପ୍ ପାଇଁ ବ୍ରାଇଟ୍ ଏବଂ ବୋଲ୍ଡ ରଙ୍ଗ ଭଲ ମାନିଥାଏ। ଆପଣ ଗୋଲ୍ଡ, କପର, ବ୍ରୋଞ୍ଜ ରଙ୍ଗର ବ୍ୟବହାର କରିପାରିବେ। ଆଇସ୍ୟାଡୋକୁ ଆଖି ଉପରେ ଏବଂ ତଳେ ଲଗାଇପାରିବେ। ଆଇଲାଇନର ଲଗାଇ ଆଖିକୁ ଆହୁରି ଅଧିକ ସୁନ୍ଦର କରିପାରିବେ। ଲିକ୍ୱିଡ୍ ଏବଂ ଜେଲ୍ ଆଇଲାଇନର ଲଗାନ୍ତୁ। ଏହାକୁ ସରୁରେ ଲଗାନ୍ତୁ। ମସ୍କରା ବ୍ୟବହାର କରି ଆଖି ପଲକକୁ ଲମ୍ବା ଗହଳିଆ କରିପାରିବେ।

**ଲିପ୍ ମେକ୍‌ଅପ୍:** ଡାର୍କ ସ୍କିନ୍‌ରେ ଗାଢ଼ ରଙ୍ଗର ଲିପ୍‌ଷ୍ଟିକ୍ କିମ୍ବା ଲିପ୍‌ଗ୍ଲସ୍ ଭଲ ଲାଗିଥାଏ। ଆପଣ ରେଡ୍, ୱାଇନ୍, ପ୍ଲମ୍ ଭଳି ରଙ୍ଗର ବ୍ୟବହାର କରିପାରିବେ। ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଲିପ୍‌ବାମ୍ ବା ଲିପ୍‌ପ୍ରାଇମର ବ୍ୟବହାର କରନ୍ତୁ। ଫଳରେ ଓଠ ମୁଲାୟମ ରହିବ।





# ଗାର୍ଲିକ ପରଟା

**ଖାଦ୍ୟରୁଚି**

**ଆବଶ୍ୟକ ସାମଗ୍ରୀ**

କଞ୍ଚାଲଙ୍କା– ୪ଟି, ରସୁଣ– ୮ କୋଳା, ଅଟା– ୨ କପ୍, ଘିଅ– ୨ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ରିଫାଇନ୍ ତେଲ

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଅଟାରେ ଘିଅ ଓ ଲୁଣ ପକାଇ ଏହାକୁ ଭଲଭାବରେ ମିଶାଇ ଦିଅନ୍ତୁ। ଅଟାରେ ପାଣି ଦେଇ ଚକଟି ଦିଅନ୍ତୁ। ଅଟା ଚକଟା ସରିଲେ ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ଦିଅନ୍ତୁ। କଞ୍ଚାଲଙ୍କା ଓ ରସୁଣକୁ ଗ୍ରେଟରରେ ସରୁ ସରୁ କରି କୋରି ଦିଅନ୍ତୁ। ଏହାପରେ ଅଟାକୁ ଛୋଟ ଛୋଟ ଗୁଳା କରନ୍ତୁ। ଏହାକୁ ପ୍ରଥମେ ଛୋଟ କରି ପୁରି ଭଳି ବେଲନ୍ତୁ। ଏବେ ସେଥିରେ କିଛି ତେଲ ବା ଘିଅ ଦେଇ ଚାରିଆଡ଼କୁ ଲଗାଇ ଦିଅନ୍ତୁ। ଏହାପରେ ସେଥିରେ କୋରା ହୋଇଥିବା କଞ୍ଚାଲଙ୍କା ଓ ରସୁଣ ପକାଇ ଗୋଲ ଆକାରରେ ବନ୍ଦ କରିଦିଅନ୍ତୁ। ଏବେ ପୁଣି ଥରେ ଏହାକୁ ବଡ଼ କରି ଧୀରେ ଧୀରେ ବେଲନ୍ତୁ ଏବଂ ତାୱା ଗରମ କରି ସେକି ଦିଅନ୍ତୁ। ପରଟା ଫୁଲି ଆସିଲେ ସେଥିରେ ଦୁଇପଟରେ ତେଲ ଲଗାଇ ଦିଅନ୍ତୁ। ତେଲ ବଦଳରେ ଆପଣ ଘିଅ କିମ୍ବା ବଟର ଲଗାଇ ମଧ୍ୟ ସେକିପାରିବେ। ଏବେ ଗରମ ଗରମ ପରଟାକୁ ଚଟଣି ସହ ଖାଆନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଳ ଦେଖାଇ ରତ୍ନଭଣ୍ଡାର ଗଣତିମଣତି କଲେନି: ଶୁଭାଶିଷ

ଭୁବନେଶ୍ୱର, ୧୩।୧୦(ସୁନିତ୍ ମିଶ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତିକୁ ନେଇ ଭାଜପା ଦେଇଥିବା ପ୍ରତିଶ୍ରୁତି ସରକାରକୁ ଆସିଲା ପରେ ଭୁଲିଯାଇଛି। ଏନେଇ ସରକାରଙ୍କ ଉଦ୍ଦେଶ୍ୟ ମନ୍ଦ ବୋଲି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶୁଭାଶିଷ କହିଛନ୍ତି, ସରକାରକୁ ଆସିବାର ୧୬ ମାସ ପରେ ମଧ୍ୟ ରାଜ୍ୟ ସରକାର ରତ୍ନଭଣ୍ଡାର ଗଣତିମଣତି ନେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି।

# କଷ୍ଟମ୍ ମିଲ୍ ଚାଉଳର କ୍ରୟ ଲକ୍ଷ୍ୟ ବୃଦ୍ଧି ଲାଗି କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କଲେ କନକବର୍ଦ୍ଧନ



ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର, ୧୩।୧୦(ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନୂଆଦିଲ୍ଲୀ ଗସ୍ତରେ ଯାଇ କେନ୍ଦ୍ର ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ, ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସୋମବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଖରିଫ ମାର୍କେଟିଂ ଋତୁରେ କଷ୍ଟମ୍ ମିଲ୍‌ର ଚାଉଳର କ୍ରୟ ଲକ୍ଷ୍ୟ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ପତ୍ର ତାଙ୍କୁ ପ୍ରଦାନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପୁନର୍ବାର ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଭାରତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ୫୦ ଲକ୍ଷ ମେଟ୍ରିକ ଟନ୍ ରହିଥିବାବେଳେ ରାଜ୍ୟରେ କିନ୍ତୁ ପ୍ରକୃତରେ ୬୨.୫୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି। ପ୍ରକୃତ କ୍ରୟ ସହିତ ସମନ୍ୱୟ ରଖି ଅନୁମୋଦିତ ଲକ୍ଷ୍ୟକୁ ତୁରନ୍ତ ବୃଦ୍ଧି କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏଥିସହିତ କଷ୍ଟମ୍ ମିଲ୍ ଚାଉଳର ବିତରଣ ସମୟସୀମା ଆସନ୍ତା ୩୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି। ବର୍ଦ୍ଧିତ ସମୟସୀମା ମଧ୍ୟରେ ବାକି ଧାନ ଖାଲି କରିବା ପାଇଁ ଏଫସିଆଇକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବାକୁ ସେ କହିଛନ୍ତି। ଏହା ଓଡ଼ିଶାର ସଂରକ୍ଷଣ ଏବଂ ଆବଣ୍ଟନ ପରିଚାଳନାକୁ ସୁଗମ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ, ଶକ୍ତି ବିଭାଗ ସଚିବ ବିଶାଳ କୁମାର ଦେବ ଉପସ୍ଥିତ ଥିଲେ।

Classified Everyday
0674-2580101, 9692975378

REAL ESTATE



SALE

Duplex sale near Aiims Hospital, Patrapada, Bhubaneswar. Gated Society: 9777433701. D-03





Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

Newly open health benefits spa by expert therapists 9658088274. D-2234

LOST

ଅବିନାଶ ଜେନାଙ୍କର B.Tech Certificate Reg. No.- 1221313020 ଏବଂ Grade Sheetଟି dt 07.10.2025ରେ କେଉଁଠାରେ ହଜିଯାଇଛି। ଯଦି କେହି ପାଆନ୍ତି ମୋବାଇଲ 8270394939ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୨୪୮

AFFIDAVIT

By virtue of an affidavit sworn before Notary Public, Simulia, Balasore, dated 03.10.2025, I, Malati Das, W/o- Late Narahari Das, Address: At- Chakradharpur, P.O.- Parbatipur, P.S.- Simulia, Dist.- Balasore, PIN- 756166, Odisha declare that I have changed my name from Kumudini Das to Malati Das. Henceforth, I shall be known as Malati Das for all purposes.
Malati Das D-2267

I, AMARESH PATNAIK, aged about 77 years, S/o- Late Ananta Patnaik, permanent resident At- Sankarpur, Barik Sahi, P.O.- A.D. Market, P.S.- Badambadi, Dist.- Cuttack- 753012, Odisha, declare by this Affidavit No.- 10370, dated- 30.09.2025, that now onwards I shall be known as AMARESH PATNAIK & my correct Date of Birth is 24.05.1948 for all future purposes. D-2266

By virtue of an affidavit sworn before the Executive Magistrate, Bhubaneswar, vide CF. No.- 13 on dtd.13.09.2025, I, SABITA NANDA, Wife of Late Amita Nanda Mishra, permanent resident of Sapanpur, P.O.- Debidwar, P.S.- Jajpur Town, Dist.- Jajpur, Odisha, PIN- 755007, currently residing At-Plot No.- 456/11598, Shree Neelaya, Shree Vihar, P.O.- Patia, P.S.- Chandrasekharpur, Bhubaneswar, Dist.- Khordha, Odisha, PIN- 751017 declare that my name have changed from SABITA KUMARI NANDA to SABITA NANDA. Henceforth, I shall be known as SABITA NANDA for all purposes. D-2265

By virtue of an affidavit sworn before the Executive Magistrate, Panposh, Rourkela, I, Anupama Mathan, aged about 54 years, W/o- Manoj Kumar Mathan, do hereby declare that I have changed my parental title Baral to Mathan after my marriage. Both Anupama Baral and Anupama Mathan refer to the one and the same person, i.e. Myself for all Official purposes. Further I hereby declare that Ommkar Priyadarshi, is my Biological son born on 06.03.2001. D-2264

By virtue of an affidavit sworn before Executive Magistrate, Bhubaneswar, dated 13.10.2025, I, Aayaan Sai Muduli, Address: At- Ratanpur, P.O.- Udayapur, P.S.- Astaranga, Dist.- Puri, Odisha, PIN- 752109 declare that I have changed my name from Monalisa Muduli to Aayaan Sai Muduli. Henceforth, I shall be known as Aayaan Sai Muduli for all purposes.
Aayaan Sai Muduli D-2258

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF THE CIVIL JUDGE (SENIOR DIVISION), DHENKANAL
CIVIL SUIT NO.- 368/2021

Suresh Chandra Panda .... Plaintiff
Versus
Prasan Kumar Dash and others. ..... Defendants

To
2 (a) Kanak Panda, aged about 65 years, W/o Late Dayanidhi Panda, 2 (b) Manoj Kumar Panda, aged about 40 years, 2 (c) Saroj Kumar Panda, aged about 30 years Both are sons of Late Dayanidhi Panda All are of Village- Ostapal P.O.- Ghatipiri, P.S.- Sadar, District.- Dhenkanal, 2 (e) Naki Panda, aged about 28 years, W/o Susa @ Susanta Nimei of Village/ P.O./P.S.- Maniabandha, District.- Cuttack, 4- Urmila Panda, aged about 55years, W/o Rabi Mishra of Village- Bhojadeipursasan, P.O.- Sadashivpur, P.S.- Sadar, District.- Dhenkanal, 5- Nima Panda, aged about 50 years, W/o Suryanarayan Dash of Village- Guhalipal, P.O./ P.S.- Rasol, District.- Dhenkanal, 6- Mani Panda, aged about 48 years, W/o Lulu Mishra of Village/P.O.- Sadashivpur P.S.- Sadar, District.- Dhenkanal.

Whereas the plaintiff above named has filed the above noted suit against the defendants Prasan Kumar Dash and others for partition of suit land under Khata No.- 179, 208, 156, 94, 268, 68 of Mouza- Ostapal and Khata No.- 332 of Mouza- Kalikaprasad, P.S.- Dhenkanal Sadar, District.- Dhenkanal of suit land. Despite issuance of repeated summons you all failed to appear before this Court. Hence you are directed to appear before this Court in person or through pleader on this the 29th day of October 2025 at about 10.30 am positively, failing which the case will be determined in your absence.

Given under my hand and seal of this Court his the 10th day of September 2025.

Sd./- Senior Civil Judge,
Dhenkanal.
D-2263

Letter No.- 1826, dtd. 9.10.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୫୫୨/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କୁମୁଦିନୀ ଦାସ ....ବାଦୀ
ବନାମ
ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୪. ଅର୍ଜୁନ ସ୍ୱାଇଁ, ପିତା- ସ୍ୱର୍ଗତ ଭଗବାନ ସ୍ୱାଇଁ, ୧୩. ପଞ୍ଚେଇ ସ୍ୱାଇଁ, ୧୬. ବବି ସ୍ୱାଇଁ, ପିତା- ସ୍ୱର୍ଗତ ଶୈଳେନ୍ଦ୍ର ସ୍ୱାଇଁ, ୧୯. ରବୀନ୍ଦ୍ର ସ୍ୱାଇଁ, ୨୦. ଗଜେନ୍ଦ୍ର ସ୍ୱାଇଁ, ୨୧. ଭଜେନ୍ଦ୍ର ସ୍ୱାଇଁ, ପ୍ରତିବାଦୀ ନଂ. ୧୯ ରୁ ୨୧ ପିତା- ସ୍ୱର୍ଗତ ପୁରୁଷୋତ୍ତମ ସ୍ୱାଇଁ ପ୍ରତିବାଦୀ ନଂ. ଙ୍କ ଠିକଣା ଗ୍ରାମ- ପାଣ୍ଡାରା ସାମିଲ, ଚକେସିଆନି, ପୋଷ୍ଟ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୪।୧୧।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ସହିଦନଗର, ମୌଜା- ଗାଡ଼କଣା

ସାବକ
ଖାତା ନମ୍ବର- ୫୩୮, ପ୍ଲଟ୍ ନମ୍ବର- ୩୦୧୧, କିସମ- ବିଆଳି ଦୋଫସଲ, ରକବା- ଏ୦.୩୦୦ଡେସିମିଲରୁ ଏ୦.୧୫୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍
ଖାତା ନମ୍ବର- ୮୦, ପ୍ଲଟ୍ ନମ୍ବର- ୬୨୪୬, କିସମ- ଶାରଦ ଅଣଜଳସେଚିତ ଏକ, ରକବା- ଏ୦.୧୮୦ଡେସିମିଲରୁ ଏ୦.୧୫୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୨୬୧

Letter No.- 1820, dtd. 9.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଭୁବନେଶ୍ୱର ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.-୧୧୩୯/୨୦୨୪

ମନୁ କୁମାର ଗୌଡ଼ ....ବାଦୀ/ଦରଖାସ୍ତକାରୀ
ବନାମ
ତହସିଲଦାର, ଭୁବନେଶ୍ୱର ଓ ଅନ୍ୟମାନେ ....ପ୍ରତିବାଦୀମାନେ/ଅପରପକ୍ଷ

ପ୍ରାପ୍ତେଷୁ,
୧) ରଘୁନାଥ ଜଗଦେବ (ପ୍ରତିବାଦୀ ନଂ. ୧), ପିତା- ୰ବ୍ରଜବନ୍ଧୁ ଜଗଦେବ, ୨) ହରେକୃଷ୍ଣ ପ୍ରଧାନ (ପ୍ରତିବାଦୀ ନଂ. ୨), ୩) ପୁଷ୍ପା ପ୍ରଧାନ (ପ୍ରତିବାଦୀ ନଂ. ୩), ୪) ବାସନ୍ତୀ ପ୍ରଧାନ (ପ୍ରତିବାଦୀ ନଂ. ୪)
କ୍ରମିକ ନଂ. ୨ ଠାରୁ ୪ଙ୍କ ପିତା - ୰କୁବେର ପ୍ରଧାନ, ୫) ଅଙ୍ଗୁ ପ୍ରଧାନ (ପ୍ରତିବାଦୀ ନଂ. ୯), ୬) ଚିକେଇ ପ୍ରଧାନ (ପ୍ରତିବାଦୀ ନଂ. ୧୦), ୭) ଚେମି ପ୍ରଧାନ (ପ୍ରତିବାଦୀ ନଂ. ୧୧)
କ୍ରମିକ ନଂ. ୫ ଠାରୁ ୭ଙ୍କ ପିତା- ୰ହୃଦାନନ୍ଦ ପ୍ରଧାନ, ୮) ଜାପାନୀ ପ୍ରଧାନ (ପ୍ରତିବାଦୀ ନଂ. ୧୨), ସ୍ୱାମୀ- ୰ହୃଦାନନ୍ଦ ପ୍ରଧାନ, ୯) ସୁର ପ୍ରଧାନ (ପ୍ରତିବାଦୀ ନଂ. ୧୯), ୧୦) ଟୁନା ପ୍ରଧାନ (ପ୍ରତିବାଦୀ ନଂ. ୨୦) ଉଭୟଙ୍କ ପିତା- ୰ନାରାୟଣ ପ୍ରଧାନ, ୧୧) ପଦ୍ମାବତୀ ପ୍ରଧାନ (ପ୍ରତିବାଦୀ ନଂ. ୨୧), ସ୍ୱାମୀ- ୰ନାରାୟଣ ପ୍ରଧାନ, ୧୨) ପ୍ରଭାବତୀ ପ୍ରଧାନ (ପ୍ରତିବାଦୀ ନଂ. ୨୨), ୧୩) ତାରବତୀ ପ୍ରଧାନ (ପ୍ରତିବାଦୀ ନଂ. ୨୩), ୧୪) ନିଦ୍ରବତୀ ପ୍ରଧାନ (ପ୍ରତିବାଦୀ ନଂ. ୨୪), ୧୫) ସନ୍ଧ୍ୟାବତୀ ପ୍ରଧାନ (ପ୍ରତିବାଦୀ ନଂ. ୨୫)
କ୍ରମିକ ନଂ. ୫ ଠାରୁ ୭ଙ୍କ ପିତା- ୰ଉପେନ୍ଦ୍ର ପ୍ରଧାନ, ୧୬) ଲବଣ୍ୟ ପ୍ରଧାନ, (ପ୍ରତିବାଦୀ ନଂ ୨୬), ସ୍ୱାମୀ- ୰ଉପେନ୍ଦ୍ର ପ୍ରଧାନ
ସମସ୍ତଙ୍କର ଗ୍ରାମ- ସୁନ୍ଦରପୁର, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା।

ନୋଟିସ

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା ୨୪।୧୧।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ. ୪୧, ମୌଜା-ସୁନ୍ଦରପୁର

ସାବକ
ଖାତା ନମ୍ବର- ୧୦୫, ପ୍ଲଟ୍ ନମ୍ବର- ୧, କିସମ- ବଗାୟତ-୨, ରକବା- ମୋଟ ଏ୦.୧୫୫ଡି.ରୁଏ୦.୦୬୨, ସ୍ୱତ୍ୱ- ସ୍ଥିତିବାନ୍

ସାବକ
ଖାତା ନମ୍ବର- ମ୍ୟୁଟେସନ୍ ଖାତା ନଂ.- ୧୭୬/୩୧୩, ପ୍ଲଟ୍ ନମ୍ବର- ୧/୧୩୩୫, କିସମ- ବଗାୟତ-୨, ରକବା- ମୋଟ ଏ-୦.୧୫୫ଡି.ରୁ ଏ୦.୦୬୨ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍
ଖାତା ନମ୍ବର- ୫୮୬, ପ୍ଲଟ୍ ନମ୍ବର- ୨୦, କିସମ- ବଗାୟତ-୨, ରକବା- ମୋଟ୍ ଏ-୦.୨୨୦ଡି.ରୁ ଏ୦.୦୬୨ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତାରିଖ: ୦୯।୧୦।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୨୬୨

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ୩ ଆଇଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୧୩।୧୦ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କୁ ସୋମବାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଓଡ଼ିଶା କୃଷି ବିପଣନ ପରିଷଦ(ଓଏସ୍ଏଏମ୍)ର ନିର୍ଦ୍ଦେଶକ ତଥା ସଦସ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ମିଶନ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀଙ୍କୁ 'ଓରମାସ୍'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ସଚିବ ସଞ୍ଜୟ କୁମାର ବିଶ୍ୱାଳଙ୍କୁ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆର୍‌ୟୁଟି)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ଦେବାଶିଷ ସିଂହ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।

## ନୂଆପଡ଼ା ଉପନିର୍ବାଚନ

# ନିର୍ବାଚନ ପରିଚାଳନା କର୍ମଚାରୀଙ୍କୁ ମିଳିବ ସ୍ୱତନ୍ତ୍ର ଛୁଟି


ଭୁବନେଶ୍ୱର,୧୩।୧୦ (ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ପରିଚାଳନାରେ ଯେଉଁ ସରକାରୀ କର୍ମଚାରୀମାନେ ନିୟୋଜିତ ରହିବେ ସେମାନଙ୍କୁ ଗୋଟିଏ ଦିନ ସ୍ୱତନ୍ତ୍ର ଛୁଟି ମିଳିବ। ଏନେଇ ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ସଚିବ ପ୍ରମୋଦ କୁମାର ସାହୁ ସମସ୍ତ ବିଭାଗ ସଚିବ ଏବଂ ମୁଖ୍ୟଦପ୍ତର ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ନୂଆପଡ଼ା ଉପନିର୍ବାଚନ ପରିଚାଳନାରେ ଯେଉଁ ସରକାରୀ କର୍ମଚାରୀ ନିୟୋଜିତ ରହିବେ ସେମାନଙ୍କୁ ନିର୍ବାଚନ ପରେ ଏବଂ ୨୦୨୫ କ୍ୟାଲେଣ୍ଡର ବର୍ଷରେ ଗୋଟିଏ ଦିନ ସ୍ୱତନ୍ତ୍ର ଛୁଟି ମିଳିପାରିବ। ତେବେ ଯେଉଁମାନେ ଏହି ନିର୍ବାଚନରେ ତିନିଦିନ କାର୍ଯ୍ୟ କରିଥିବେ ସେମାନଙ୍କୁ ହିଁ ଛୁଟି ମିଳିବ ।

# ସୀମାବର୍ତ୍ତୀ ଜିଲା ପ୍ରଶାସନର ସହାୟତା ଲୋଡ଼ିଲା ନୂଆପଡ଼ା ପ୍ରଶାସନ

ନୂଆପଡ଼ା,୧୩।୧୦ (ମକାରୁ ବେମାଲ): ନୂଆପଡ଼ା ବିଧାନସଭା ଉପନର୍ବାଚନକୁ ଅବାଧ ନିରପେକ୍ଷ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସୀମାନ୍ତ ଛତିଶଗଡ଼ ରାଜ୍ୟର ମହାସମୁନ୍ଦ ଓ ଗରିଆବନ୍ଧ ଜିଲା ପ୍ରଶାସନର ସହାୟତା ଲୋଡିଛି ନୂଆପଡା ଜିଲା ପ୍ରଶାସନ। ଏହି ଅବସରରେ ନୂଆପଡା ଓସ୍ୱାନ ହଲ୍‌ଠାରେ ସୋମବାର ଜିଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସମୁନ୍ଦ ଓ ଗରିଆବନ୍ଧ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଆଭାସୀ ଜରିଆରେ ସାମିଲ ହୋଇଥିଲେ। ବୈଠକରେ ନୂଆପଡ଼ା ଏସ୍‌ପି ଅମୃତପାଲ ସିଂ, ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁଜୁର, ଉପଜିଲାପାଳ ସୁର୍ମି ସୋରେନ, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଆଗାମୀ ଉପନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଆଲୋଚନା କରାଯାଇଥିଲା।

# କ୍ୱାର୍ଟରରେ ହାରିଲା ଭାରତୀୟ ମହିଳା ଦଳ

କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାର ସିଙ୍ଗାପୁର ବିପକ୍ଷ ମହିଳା ବିଭାଗ କ୍ୱାର୍ଟରଫାଇନାଲ୍ ଅବସରରେ ଭାରତୀୟ ଖେଳାଳି।

**ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍**

**ସେମିଫାଇନାଲ ଲାଇନ୍‌ଅପ୍**

**ମହିଳା: ଚାଇନା–ଦକ୍ଷିଣ କୋରିଆ, ଜାପାନ–ସିଙ୍ଗାପୁର**
**ପୁରୁଷ: ଚାଇନା–ଜାପାନ, ହଂକଂ–ଚାଇନିଜ ତାଇପେ**

**ଭୁବନେଶ୍ୱର, ୧୩।୧୦ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଟିଏଫ୍–ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍‌ରେ ଭାରତର ପଦକ ଅଭିଯାନ ଶେଷ ହୋଇଛି। ପୁରୁଷ ଦଳ ଭଳି ମହିଳା ଦଳ ମଧ୍ୟ କ୍ୱାର୍ଟର ଫାଇନାଲରେ ହାରି ଯାଇଛି। ସୋମବାର ୪ର୍ଥ ସିଡ୍ ଭାରତ ସହିତ ଯୋଗ୍ୟତା ପର୍ଯ୍ୟାୟ ଦେଇ ଆସିଥିବା ସିଙ୍ଗାପୁର ମଧ୍ୟରେ ମହିଳା ବିଭାଗ କ୍ୱାର୍ଟର ଫାଇନାଲ ହୋଇଥିଲା। ଏଥିରେ ଭାରତ ଜିତିବ ବୋଲି ପୂର୍ବାନୁମାନ କରାଯାଉଥିଲା। ମାତ୍ର ଭାରତଠାରୁ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ମଧ୍ୟ ସିଙ୍ଗାପୁର ୩–୨ରେ ମ୍ୟାଚ ଜିତି ସେମିଫାଇନାଲରେ ପ୍ରବେଶ କରି ଯାଇଥିଲା। ଘରୋଇ ପରିବେଶରେ ଖେଳିଥିଲେ ମଧ୍ୟ ଭାରତୀୟ ଖେଳାଳିମାନେ ଏହାର ସଦୁପଯୋଗ କରିନ ପାରିବାରୁ ନିରାଶ ହେବାକୁ ପଡ଼ିଛି। ମହିଳା କ୍ୱାର୍ଟର ଫାଇନାଲର ପ୍ରଥମ ମ୍ୟାଚରେ ଭାରତର ମନିକା ବାତ୍ରା ସିଙ୍ଗାପୁରର ଟାନ ଝାଓ ୟୁନଙ୍କ ନିକଟରୁ ୧–୩ (୮–୧୧, ୭–୧୧, ୧୧–୬, ୮–୧୧)ରେ ପରାସ୍ତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଦିୟା ଚିତ୍‌ଲେ ସିଙ୍ଗାପୁରର ଝେଙ୍ଗ ଜିଆନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ମଧ୍ୟ ୨–୩ (୧୧–୩, ୧୦–୧୨, ୯–୧୧, ୧୧–୫, ୯–୧୧)ରେ ହାରି ଯାଇଥିଲେ। ତୃତୀୟ ମ୍ୟାଚରେ ଭାରତର ଯଶସ୍ୱିନୀ ଘୋରପଡେ ୧୧–୭, ୧୧–୮, ୧୧–୮ରେ ସିଙ୍ଗାପୁରର ସେର୍ ଲିନ୍ କ୍ୱିନ୍‌ଙ୍କୁ ହରାଇ ଭାରତ ଆଶା ଉଜ୍ଜୀବିତ କରିଥିଲେ। ୪ର୍ଥ ମ୍ୟାଚରେ ଭାରତର ମନିକା ବାତ୍ରା ୩–୧ (୧୧–୯, ୮–୧୧, ୧୧–୮, ୧୨–୧୦)ରେ ସିଙ୍ଗାପୁରର ଝେଙ୍ଗ୍ ଜିଆନଙ୍କୁ ହରାଇବାରୁ ମ୍ୟାଚ ୨–୨ ସ୍ଥିତିକୁ ଚାଲି ଆସିଥିଲା। ମାତ୍ର ଅନ୍ତିମ ମ୍ୟାଚରେ ଭାରତର ଦିୟା ଚିତ୍‌ଲେ ୦–୩ (୬–୧୧, ୫–୧୧, ୪–୧୧)ରେ ସିଙ୍ଗାପୁରର ଟାନ୍ ଝାଓ ୟୁନଙ୍କ ନିକଟରୁ ହାରିବାରୁ ଭାରତ ବିଦାୟ ନେଇଥିଲା। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଚାଇନା ୩–୦ରେ ଥାଇଲାଣ୍ଡକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଜାପାନ ଓ ଦକ୍ଷିଣ କୋରିଆ ମହିଳା ବିଭାଗ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ମଙ୍ଗଳବାର ଚାଇନା–ଦକ୍ଷିଣ କୋରିଆ ଏବଂ ଜାପାନ–ସିଙ୍ଗାପୁର ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ। ଭାରତ ୫ମ ସ୍ଥାନପାଇଁ ଖେଳିବ। ପୂର୍ବରୁ ୭ରୁ ୧୦ ସ୍ଥାନ ପାଇଁ ଅନୁଷ୍ଠିତ ୨ଟି ପୋଜିଶନ ମ୍ୟାଚରେ ଥାଇଲାଣ୍ଡ ୩–୨ରେ ଚାଇନିଜ୍ ତାଇପେକୁ ଏବଂ ସିଙ୍ଗାପୁର ୩–୦ରେ ମାଲେସିଆକୁ ହରାଇ ଦେଇଛି। ସେହିପରି ୧୧–୧୪ ପୋଜିଶନ ମ୍ୟାଚରେ ଶ୍ରୀଲଙ୍କା ୩–୧ରେ ମକାଓ ଏବଂ ଇରାନ ୩–୧ରେ କାଜାଖସ୍ତାନକୁ ପରାସ୍ତ କରିଛି।

ପୁରୁଷ ବିଭାଗ ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ଚାଇନା–ଜାପାନ ଓ ଦ୍ୱିତୀୟ ସେମିରେ ହଂକଂ–ଚାଇନିଜ୍ ତାଇପେ ମଧ୍ୟରେ ମୁକାବିଲା ହେବ। ପୂର୍ବରୁ ହଂକଂ ଓ ଜାପାନ ସେମିଫାଇନାଲରେ ପ୍ରବେଶ କରି ସାରିଥିବାବେଳେ ସୋମବାର ଚାଇନା ୩–୧ରେ ଇରାନ ଏବଂ ଚାଇନିଜ୍ ତାଇପେ ୩–୨ରେ ଉତ୍ତର କୋରିଆକୁ ପରାସ୍ତ କରିଛି। ଇରାନ ବିପକ୍ଷରେ ଚାଇନା ପ୍ରତିଯୋଗୀମାନେ ଭାରି ପଡ଼ିଥିବାବେଳେ ତାଇପେକୁ କଡ଼ା ଟକ୍କର ଦେଇଥିଲା ଉତ୍ତର କୋରିଆ। ପୂର୍ବରୁ ଅନୁଷ୍ଠିତ ୧୨–୧୫ ପୋଜିଶନ ମ୍ୟାଚରେ କାତାର ୩–୦ରେ ଉଜବେକିସ୍ତାନ ଏବଂ ମାଲେସିଆ ୩–୦ରେ ମଙ୍ଗୋଲିଆକୁ ହରାଇ ଦେଇଛି। ସେହିପରି ୧୭–୨୦ ପୋଜିଶନ ମ୍ୟାଚରେ ମକାଓ ୩–୦ରେ ମାଲଡିଭ୍ସ ଓ କିର୍ଗିଜସ୍ତାନ ୩–୧ରେ ବାଂଲାଦେଶକୁ ହରାଇ ଦେଇଛି। ପ୍ରକାଶଯୋଗ୍ୟ, ସେମିଫାଇନାଲରେ ହାରି ଯାଇଥିବା ଭାରତୀୟ ପୁରୁଷ ଦଳ ୫ରୁ ୮ମ ସ୍ଥାନପାଇଁ ପୋଜିଶନ ମ୍ୟାଚରେ ମଙ୍ଗଳବାର ଉତ୍ତର କୋରିଆ ସହିତ ମୁକାବିଲା କରିବ। ଅନ୍ୟଏକ ୫–୮ ମ୍ୟାଚରେ ଇରାନ ଓ ଦକ୍ଷିଣ କୋରିଆ ମଧ୍ୟରେ ମ୍ୟାଚ ହେବ।

# ପ୍ରତୀକଙ୍କୁ ସ୍ୱର୍ଣ୍ଣ, ଓଁକାରଙ୍କୁ ବ୍ରୋଞ୍ଜ୍




ପଦକ ସହ ପ୍ରତୀକ ମହାରଣା ଏବଂ ଓଁକାର ପ୍ରସାଦ ନନ୍ଦ।

**ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ**

**ଭୁବନେଶ୍ୱର, ୧୩।୧୦ (ତପନ ସ୍ୱାଇଁ)**

ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍‌ଆଇ), ଓଡ଼ିଶା ସରକାର ଏବଂ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସରେ ସୋମବାର ଓଡ଼ିଶାର ପ୍ରତୀକ ମହାରଣା ସ୍ୱର୍ଣ୍ଣ ଏବଂ ଓଁକାର ପ୍ରସାଦ ନନ୍ଦ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ରେସ୍‌ରେ ପ୍ରତୀକ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଥିସହ ସେ ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଯୋଗ୍ୟତା ମାନଦଣ୍ଡ ସ୍ପର୍ଶ କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟରେ ୧୮.୨୪ ମିଟର ଥ୍ରୋ କରି ଓଁକାର ବ୍ରୋଞ୍ଜ ପାଇଛନ୍ତି। ତେଲଙ୍ଗାନାର ସାଇ କିରନ ୧୮.୪୨ ଓ ଉତ୍ତର ପ୍ରଦେଶର ଅନୁଜ କୁମାର ୧୮.୩୧ ମିଟର ଥ୍ରୋ କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ରବିବାର ଓଡ଼ିଶାର କୁନି ରାଜଗଣ୍ଡ ହରିରାଜ ୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ଶନିବାର ଆଲୋକିକା ସ୍ୱାଇଁ ୧୮ ବର୍ଷରୁ କମ୍ ମହିଳା ଜାଭେଲିନ ଥ୍ରୋ ଇଭେଣ୍ଟରେ ସେ ୪୫.୫୬ ମିଟର ଥ୍ରୋ କରି ବ୍ରୋଞ୍ଜ ପଦକ ଜିତିଥିଲେ।

# କଟକ ଚାମ୍ପିୟନ, ସମ୍ବଲପୁର ରନରଅପ୍

**ଭୁବନେଶ୍ୱର, ୧୩।୧୦ (ତପନ ସ୍ୱାଇଁ)**




ଚାମ୍ପିୟନ କଟକ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ରାଜ୍ୟ ରୋଲ ବଲ୍ ଚାମ୍ପିୟନଶିପ୍**

ଘାଟିକିଆସ୍ଥିତ ରୋଲ ବଲ୍ ମିନି ଷ୍ଟାଡିୟମରେ ପ୍ରଥମ ରାଜ୍ୟ ରୋଲ୍ ବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ, ଭଦ୍ରକ, କଟକ, ଢେଙ୍କାନାଳ, କୋରାପୁଟ, ଖୋର୍ଦ୍ଧା, ପୁରୀ ଓ ସମ୍ବଲପୁର ଆଦି ୮ ଜିଲାରୁ ଦଳଗୁଡ଼ିକ ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାର ସିନିୟର ବର୍ଗରେ କଟକ ଚାମ୍ପିୟନ ଓ ସମ୍ବଲପୁର ରନରଅପ୍ ହୋଇଛି। ଖୋର୍ଦ୍ଧା ତୃତୀୟ ସ୍ଥାନ ଅଧିକାର କରିଛି। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ପୁରୀ, କଟକ ଓ ସମ୍ବଲପୁର, ବାଳିକା ବର୍ଗରେ ସମ୍ବଲପୁର, ପୁରୀ ଓ କଟକ ଦଳ ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ୧୧ ବର୍ଷରୁ କମ୍ ବାଳକ ବର୍ଗରେ ଅନୁଗୋଳ, ଢେଙ୍କାନାଳ ଓ ସମ୍ବଲପୁର ଏବଂ ବାଳିକାରେ ଖୋର୍ଦ୍ଧା, ପୁରୀ ଓ କଟକ ଯଥାକ୍ରମେ ଚାମ୍ପିୟନ, ରନରଅପ୍ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଓ୍ୱଣ୍ଡରଓ୍ୱାର୍ଲ୍ଡର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ପାତ୍ର, କିଟ୍‌ର ଚିରଲେଖା ଜେନା, ମିଶନ ଶକ୍ତିର ନିର୍ଦ୍ଦେଶକ ଶୈଳେନ୍ଦ୍ର ଜେନା, ଆର୍ନଲ୍ଡ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସିପାଲ ପଦ୍ମନାଭ ରଥ, ଘାଟିକିଆ କ୍ଲବର ସଭାପତି ସୁଜିତ ଦାସ, ଶ୍ରୀହରି ଚୌଧାରୀ, ସମରେନ୍ଦ୍ର ଜେନା, ସୁବ୍ରତ ଲେଙ୍କା, ଜେ.କେ. ପାତ୍ର, ରୋମିଲା ତିୱାରୀ, ମଧୁସ୍ମିତା ବଳ, ସୁଶ୍ରୀ ସଙ୍ଗୀତା ରାଉତ, ରାଜ୍ୟ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଓଡ଼ିଶା ୭୪ ରନରେ ବିଜୟୀ

**ଭୁବନେଶ୍ୱର, ୧୩।୧୦ (ତପନ ସ୍ୱାଇଁ):** ସୁଲତାନପୁରର ଗୁରୁଗ୍ରାମ କ୍ରିକେଟ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୭୪ ରନରେ ବିଦର୍ଭଙ୍କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୪୮.୫ ଓଭରରେ ୨୧୮ ରନରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରୁଦ୍ର ମଲିକ ସର୍ବାଧିକ ୩୯ ଓ ବିଶ୍ୱଜିତ ପ୍ରଧାନ ୩୧ ରନ କରିଥିଲେ। ବିପକ୍ଷ ଦଳର ଏମ. ଧୋତ୍ରେ ଓ ହିମାଂଶୁ କାୱାଲେ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବିଦର୍ଭ ୪୨ ଓଭରରେ ମାତ୍ର ୧୪୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କୁଶ ଶର୍ମା ସର୍ବାଧିକ ୪୭ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୟଦ ତୁଫେଲ ଅହମଦ ୭ ଓଭରରେ ୪ ମେଡେନ ନେବାସହ ମାତ୍ର ୪ ରନ ଦେଇ ୪ଟି ଏବଂ ପୀୟୂଷ ରଞ୍ଜନ ମନ୍ତ୍ରୀ ୩ଟି ଉଇକେଟ ନେଇ ବିଦର୍ଭର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ।

# ସତୀଶ–ଜୟ ପ୍ରକାଶ ଚାମ୍ପିୟନ



ଚାମ୍ପିୟନ ଯୋଡ଼ି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭାଗୀରଥି ସ୍ମାରକୀ ଡବଲ୍ସ କ୍ୟାରମ୍ ଉଦ୍‌ଯାପିତ**

**ଭୁବନେଶ୍ୱର, ୧୩।୧୦ (ତପନ ସ୍ୱାଇଁ)**

ଯୁବଶକ୍ତି କ୍ଲବ ଏବଂ ଭୁବନେଶ୍ୱର ଜିଲା କ୍ୟାରମ୍ ଆସୋସିଏଶନ ଆନୁକୂଲ୍ୟରେ ଭାଗୀରଥି ପଟ୍ଟନାୟକ ସ୍ମାରକୀ ଡବଲ୍ସ କ୍ୟାରମ ଟୁର୍ନାମେଣ୍ଟ ଆସନ୍ତା ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ୟୁନିଟ–୪ସ୍ଥିତ ଯୁବଶକ୍ତି କ୍ଲବ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ସତୀଶ ରଞ୍ଜନ ସାମନ୍ତରାୟ–ଜୟ ପ୍ରକାଶ ଦାଶ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଏହି ଯୋଡ଼ି ୨୫–୬, ୬/୨୩, ୨୫–୬ରେ ଜଟଣୀର ଭି. ଆକାଶ ଓ ତ୍ରିନାଥ ବେହେରାଙ୍କୁ ପରାସ୍ତ କରିଛନ୍ତି। ସେହିପରି ଜଟଣୀର ହରିଶ ଓ ନବୀନଙ୍କ ଯୋଡ଼ି ୧୦–୮, ୨୫–୦ରେ କଟକର ଦାଦୁ ଓ ବାପିଙ୍କୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାର ଶ୍ରେଷ୍ଠ ୪୦ଟି ଯୋଡ଼ିଙ୍କୁ ନେଇ ମୁକାବିଲା ହୋଇଥିଲା। ଖୋର୍ଦ୍ଧା, ଭୁବନେଶ୍ୱର, ଜଗତ୍‌ସିଂହପୁର, ଅନୁଗୋଳ, ସୁନ୍ଦରଗଡ଼, ପୁରୀ, ଜଟଣୀ, କଟକ ଆଦି ସ୍ଥାନରୁ ଖେଳାଳିମାନେ ଏଥିରେ ଭାଗ ନେଇଥିଲେ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁନୀଲ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆକର୍ଷଣୀୟ ଟ୍ରଫି ସହ ପ୍ରତିଯୋଗିତା ପାଇଁ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଥିଲା। ଜାତୀୟ ରେଫରି ବି.ବି. ସେନାପତି, ସିଦ୍ଧାର୍ଥ ନାୟକ, ସ୍ୱର୍ଣ୍ଣଲତା ଦାଶ, ଆଲୋକ ମହାନ୍ତି ଓ ଏଲ. ଈଶ୍ୱର ରାଓ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଓଡ଼ିଶାର ପ୍ରଥମ ଜାତୀୟ କ୍ୟାରମ କୋଚ୍ ଏବଂ ରେଫରି ସୁନୀଲ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟ କ୍ୟାରମ ଆସୋସିଏଶନ ସମ୍ପାଦକ ଶ୍ରୀରଞ୍ଜନ ମହାନ୍ତି, ଆୟୋଜକ କମିଟି ସମ୍ପାଦକ ବୀରେନ୍ଦ୍ର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ମିଶ୍ର, ବିଚିତ୍ର ନାରାୟଣ ମିଶ୍ର, ସୁଧୀର ପଟ୍ଟନାୟକ, ଗୋପାଳ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଦକ୍ଷିଣ ଆଫ୍ରିକାର ରୋମାଞ୍ଚକ ବିଜୟ

**ବିଶାଖାପାଟଣା, ୧୩।୧୦**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ଏହା ଦକ୍ଷିଣ ଆଫ୍ରିକାର ତୃତୀୟ ବିଜୟ ହୋଇଥିବା ବେଳେ ବାଂଲାଦେଶର ଏହା ତୃତୀୟ ପରାଜୟ। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲରେ ଭାରତକୁ ପଛରେ ପକାଇ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୬ ଉଇକେଟ ହରାଇ ୨୩୨ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭୮ ରନ ମଧ୍ୟରେ ୫ ଉଇକେଟ ହରାଇଥିଲା। ଏହାପରେ ମାରିଜେନ କାପ ୫୬ ରନ୍ ଓ କ୍ଲୋ ଟ୍ରାଇଅନ ୬୨ ରନ ସହ ଷଷ୍ଠ ଉଇକେଟ ପାଇଁ ୮୫ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ନାଦିନେ ଡି କ୍ଲର୍କ ଅପରାଜିତ ୩୭ ରନର ପାଳି ଖେଳି ଦଳକୁ ଅନ୍ତିମ ଓଭରରେ ଜିତାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୫୦ ଓଭରରେ ୨୩୨/୬ (ଶୋର୍ଣ୍ଣା ଆକତର–୫୧*, ଶର୍ମିନ ଆଖତର–୫୦, ନିଗର ସୁଲତାନା–୩୨, ନନକୁଲୁଲେକୋ ମଲାବା–୨/୪୨)। ଦକ୍ଷିଣ ଆଫ୍ରିକା: ୪୯.୩ ଓଭରରେ ୨୩୫/୭ (କ୍ଲୋ ଟ୍ରାଇଅନ–୬୨, ମାରିଜେନ କାପ–୫୬, ନାହିଦା ଅକତର–୨/୪୪)।

# ଓଡ଼ିଶା ପୁରୁଷ ଓ ମହିଳା ଦଳକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୩।୧୦ (ବିଜୟ ରଣା)**

**ଜାତୀୟ ସିନିୟର ଗେଟ୍‌ବଲ୍**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୮ତମ ଜାତୀୟ ସିନିୟର ଗେଟ୍‌ବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଟିମ୍ ଇଭେଣ୍ଟରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ବିଭାଗରେ ମଧ୍ୟ ପ୍ରଦେଶ ରୌପ୍ୟ ଓ ବିହାର ବ୍ରୋଞ୍ଜ ପଦକ ପାଇଥିବା ବେଳେ ମହିଳା ବିଭାଗରେ ମହାରାଷ୍ଟ୍ର ଓ ବିଦର୍ଭଙ୍କୁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ମିଳିଛି। ପୁରୁଷ ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ମହମ୍ମଦ ଅମନ ଓ ଶିବରାମ ସ୍ୱାଇଁ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ବିହାରର ଆଦିତ୍ୟ ଓ ଦିଲୀପ ରୌପ୍ୟ ଏବଂ ମହାରାଷ୍ଟ୍ରର ସାଇଲିସ ଓ ଭରଜ ବ୍ରୋଞ୍ଜ ପାଇଛନ୍ତି। ମହିଳା ଡବଲ୍ସ ଇଭେଣ୍ଟରେ ମହାରାଷ୍ଟ୍ରର ପୁନମ୍ ଓ ଭନିତି ସ୍ୱର୍ଣ୍ଣ ଜିତିଥିବା ବେଳେ ଓଡ଼ିଶାର ନର୍ମତା କର୍ନାଲ ଓ ତମନ୍ନା ରାୟ ରୌପ୍ୟ ଏବଂ ତାମିଲନାଡୁକୁ ବ୍ରୋଞ୍ଜ ପଦକ ମିଳିଛି। ବିଜେତାଙ୍କୁ ସ୍ପୋର୍ଟ୍ସ ଓ୍ୱାର୍ଲ୍ଡ ଦ୍ୱାରା ପ୍ରଦତ୍ତ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଗେଟ୍‌ବଲ୍ ସାଧାରଣ ସମ୍ପାଦକ ପରଭିନ୍ ମାମେଣ୍ଟକର, ଆଇନଜୀବୀ ନିର୍ମଳ କୁମାର ସାମନ୍ତରାୟ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ, ସ୍ୱାଧୀନ ଜେନା, ଗୋପାଳ କୃଷ୍ଣ ସାହୁ, ସଭାପତି ରଞ୍ଜନ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ବାସୁଦେବ ଓଝା ପ୍ରମୁଖ ଉପସ୍ଥିତ ଥିଲେ।




ଜାତୀୟ ସିନିୟର ଗେଟ୍‌ବଲ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଓ ପୁରୁଷ ଦଳ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।


# ଦ୍ୱିତୀୟ ଟେଷ୍ଟ: ବିଜୟ ଦ୍ୱାରରେ ଭାରତ

**ନୂଆଦିଲ୍ଲୀ, ୧୩।୧୦**

**କ୍ୟାମ୍ପବେଲ, ହୋପ୍‌ଙ୍କ ଶତକ**

ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳ ଚତୁର୍ଥ ଦିନ ଶେଷ ସୁଦ୍ଧା ବିଜୟ ଦ୍ୱାରରେ ରହିଛି। ପ୍ରଥମ ଇନିଂସରେ ଭାରତ ୫୧୮/୫ରେ ପାଳି ଘୋଷଣା କରିଥିବା ବେଳେ ଓ୍ୱେଷ୍ଟଇଣ୍ଡିଜ୍ ୨୪୮ ରନରେ ସୀମିତ ରହିଥିଲା। ଫଳରେ ଫଲୋଅନ୍ ପାଇଥିବା ଓ୍ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସରେ ଜନ କ୍ୟାମ୍ପବେଲ ଓ ଶାଇ ହୋପ୍‌ଙ୍କ ଶତକ ବଳରେ ୩୯୦ ରନରେ ଅଲଆଉଟ୍ ହୋଇଥିଲା। ଏଥିଯୋଗୁ ୧୨୧ ରନର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଭାରତ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୧ ଉଇକେଟ ହରାଇ ୬୩ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲୋକେଶ ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନରେ ବ୍ୟାଟିଂ କରୁଛନ୍ତି। ମ୍ୟାଚ୍‌କୁ ଜିତିବା ପାଇଁ ଭାରତକୁ ମାତ୍ର ୫୮ ରନ ଆବଶ୍ୟକ ଥିବା ବେଳେ ଓ୍ୱେଷ୍ଟଇଣ୍ଡିଜକୁ ୯ ଉଇକେଟ ଦରକାର।

ସୋମବାର ଓ୍ୱେଷ୍ଟଇଣ୍ଡିଜ୍ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର (୧୭୩/୨)ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର କାମ୍ପବେଲ ଓ ହୋପ୍ ଦଳୀୟ ସ୍କୋରକୁ ୨୧୨ ରନରେ ପହଞ୍ଚାଇଥିଲେ। ଶତକ ପୂରଣ କରିସାରିଥିବା କ୍ୟାମ୍ପବେଲଙ୍କୁ ଆଉଟ୍ କରି ରବୀନ୍ଦ୍ର ଜାଡେଜା ଭାରତକୁ ବ୍ରେକ ଥ୍ରୁ ଆଣି ଦେଇଥିଲେ। ଆଉଟ୍ ହେବା ପୂର୍ବରୁ କ୍ୟାମ୍ପବେଲ ୧୨ ଚୌକା ଓ ୩ ଛକା ସହ ୧୧୫ ରନ କରିଥିଲା। ଏହା ତାଙ୍କ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ଥିଲା। ସେ ଓ ହୋପ୍ ତୃତୀୟ ଉଇକେଟରେ ୧୭୭ ରନ ଯୋଡ଼ିଥିଲେ। ତାଙ୍କ ଭଳି ହୋପ୍ ଶତକ ପୂରଣ କରିବା ପରେ ମହମ୍ମଦ ସିରାଜ୍‌ଙ୍କ ବଲରେ ବୋଲ୍ଡ ହୋଇଥିଲେ। ହୋପ୍ ୧୨ ଚୌକା ଓ ୨ ଛକା ସହ ୧୦୩ ରନର ପାଳି ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ତୃତୀୟ ଓ ଗତ ୮ ବର୍ଷରେ ପ୍ରଥମ ଟେଷ୍ଟ ଶତକ ଥିଲା। ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ଦଳ ୪୦ ରନ ମଧ୍ୟରେ ୫ ଉଇକେଟ ହରାଇଥିଲା। ଅନ୍ତିମ ତଥା ଦଶମ ଉଇକେଟ ପାଇଁ ଜଷ୍ଟିନ ଗ୍ରେଭ୍ସ ଓ ଜେଡେନ ସିଲେସ ୭୯ ରନ ଯୋଡ଼ିଥିଲେ। ସିଲେସ ୩୨ ରନ କରି ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିବା ବେଳେ ଗ୍ରେଭ୍ସ ୫୦ ରନ କରି ଅପରାଜିତ ରହିଥିଲେ। ଭାରତୀୟ ଦଳ ପକ୍ଷରୁ ଯଶପ୍ରୀତ ବୁମରା ଓ କୁଲଦୀପ ଯାଦବ ୩ ଲେଖାଏ ଉଇକେଟ ନେଇଥିବା ବେଳେ ସିରାଜ ୨ଟି ଉଇକେଟ ହାତେଇଥିଲେ।



ଶତକ ହାସଲ ପରେ ଜନ୍ କ୍ୟାମ୍ପବେଲ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୧୮/୫(ଘୋଷଣା)। ଓ୍ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮/ଅଲଆଉଟ୍ (ଫଲୋଅନ୍)। ଓ୍ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୩୯୦/ଅଲଆଉଟ୍(ଜନ କ୍ୟାମ୍ପବେଲ–୧୧୫, ଶାଇ ହୋପ–୧୦୩, ଜଷ୍ଟିନ ଗ୍ରେଭ୍ସ–୫୦*, ଯଶପ୍ରୀତ ବୁମରା–୩/୪୪, କୁଲଦୀପ ଯାଦବ–୩/୧୦୪, ମହମ୍ମଦ ସିରାଜ–୨/୪୩)। ଭାରତ ଦ୍ୱିତୀୟ ଇନିଂସ: ୬୩/୧ (ଲୋକେଶ ରାହୁଲ–୨୫*, ସାଇ ସୁଦର୍ଶନ–୩୦*, ଜୋମେଲ ୱାରିକାନ–୧/୧୫)।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




**SHOWROOMS: ODISHA:** RENAULT **CUTTACK** Ph: 9311772648. RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9311733963. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.